


₹: 25

www.amarisatya.in

# ଆମରି ସତ୍ୟ

ଚତୁର୍ଦ୍ଦଶ ବର୍ଷ, ଦ୍ୱିତୀୟ ସଂଖ୍ୟା
ଅଗଷ୍ଟ ୨୦୨୩, ପୃଷ୍ଠା ସଂଖ୍ୟା ୩୬

RNI Regn. No. : ODI/ODI/2010/350521
Postal Regd. No. : PURI-33/2022-24



# ଆଲୋଚନାଚକ୍ର




ଆମରି ସତ୍ୟ ବିକାଶ ପରିଷଦ, ଖୋର୍ଦ୍ଧା ଆନୁକୁଲ୍ୟରେ ଗତ ତା୨୩.୦୭.୨୩ରିଖରେ ଶ୍ରୀଯୁକ୍ତ ବାସୁଦେବ ସାହୁଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ବିଶ୍ୱାମିତ୍ର ସେବା ଟ୍ରଷ୍ଟ, ଖୋର୍ଦ୍ଧା ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା 'ସାମାଜିକିକରଣରେ ନାଟକ' । ମୁଖ୍ୟ ଅତିଥି ଭାବରେ ଓଡିଶାର ସୁପରିଚିତ ନାଟ୍ୟ ନିର୍ଦ୍ଦେଶକ ତଥା ଲେଖକ ଶ୍ରୀଯୁକ୍ତ ଗୋପାଳ ଦେ ଯୋଗଦେଇ ନାଟକର ଉପସ୍ଥାପନା ଶୈଳୀ, ମଂଚ ପରିଚାଳନା ଉପରେ ବିସ୍ତୃତ ବ୍ୟାଖ୍ୟା କରିବା ସହିତ ବାସ୍ତବତାର ଅନୁଭବ କିପରି ନାଟକକୁ ଜୀବନ୍ତ କରିଥାଏ, ତାହା ଉପରେ ନିଜସ୍ୱ ଅନୁଭୂତି ବର୍ଣ୍ଣନା କରିଥିଲେ । "ନାଟକ ଆରମ୍ଭ ପୂର୍ବରୁ ମଂଚ ଅନ୍ଧକାର କରାଯାଏ, କାରଣ ଅଭିନେତା ଭାବିବ ନାହିଁ ଯେ ସେ ଜଣେ ଅଭିନେତା । କିନ୍ତୁ ଦର୍ଶକମାନେ ଭାବିବେ ସମସ୍ତେ ଜଣେ ଜଣେ ଏକ ଚରିତ୍ର ।"

ପରିଷଦର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଗାଳ୍ପିକ ତପନ କୁମାର ମହାପାତ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଉପସ୍ଥିତ ବିଜ୍ଞ ବକ୍ତାମାନେ ନାଟକରେ ବିଭିନ୍ନ ଚରିତ୍ରଗୁଡିକ କିପରି ବାସ୍ତବ ଅଭିନୟ କରି ସମାଜକୁ ଉପଯୁକ୍ତ ଶିକ୍ଷା ଦେଇ ସମାଜକୁ ଉତ୍ତମଗୁଣର ବିକାଶ ନିମନ୍ତେ ପ୍ରେରଣା ଦେଇଥାନ୍ତି, ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଶ୍ରୀଯୁକ୍ତ ବାସୁଦେବ ସାହୁଙ୍କୁ 'ଆମରି ସତ୍ୟ' ପରିବାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଜବାହାରଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଏବଂ ପଦ୍ମନାଭ ପାଣୀଗ୍ରାହୀ ସଂଯୋଜନାରେ ଉପସ୍ଥିତ କବି କବୟିତ୍ରୀମାନେ ତାଙ୍କର କବିତା ପାଠ କରିଥିଲେ । ଏହି ଆଲୋଚନଚକ୍ରରେ ବିରଂଚି ନାରାୟଣ ସାହୁ, ଜଗଦୀଶ ପଟ୍ଟନାୟକ, ପଦ୍ମନାଭ ପାଣିଗ୍ରାହୀ, ବ୍ରଜବନ୍ଧୁ ନାୟକ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଇତିଶ୍ରୀ ସାହୁ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ରାମାକାନ୍ତ ମିଶ୍ର, ବିଜୟ କୁମାର ବ୍ରହ୍ମା, ବିକ୍ରମ କେଶରୀ ଚମ୍ପତି, ରଶ୍ମିତା ନାୟକ, ଅଧ୍ୟାପିକା ରଜନୀ ରଣସିଂହ, ଅଧ୍ୟାପିକା ଆରତୀ ସେନ, ଆଶିଷ କୁମାର ରାୟ, ପ୍ରଭାସ ଚନ୍ଦ୍ର ମଙ୍ଗରାଜ, ଅକ୍ଷୟ କୁମାର ଦାଶ, ମିନାରାଣୀ ସାହୁ, ପଦ୍ମଲୋଚନ ସାହୁ, ଡ. ରଶ୍ମୀ କର, ରାମଶଙ୍କର, ସନ୍ତୋଷ ସାହୁ, ବାସନ୍ତି ଦେଈ, ମନୋରମା ପାଢୀ, ସୁରେଶ କୁମାର ସ୍ୱାଇଁ, ଜଗନ୍ନାଥ ନାୟକ, ରାଜେନ୍ଦ୍ର ପ୍ରସାଦ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

www.amarisatya.in

# ଆମରି ସତ୍ୟ

ପ୍ରତିଷ୍ଠାତା : ଡ. ପ୍ରମୋଦ ଚନ୍ଦ୍ର ଦାଶ

ଭିନ୍ନସ୍ୱାଦର ମାସିକ ପତ୍ରିକା...

ଚତୁର୍ଦ୍ଦଶ ବର୍ଷ ❖ ଦ୍ୱିତୀୟ ସଂଖ୍ୟା ❖ ଅଗଷ୍ଟ ୨୦୨୩



**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

**ସହ ସମ୍ପାଦକ**
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ରଶ୍ମିରଞ୍ଜନ ନାଥ
୯୮୬୧୪୭୭୧୯୫
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮



**ମୁଖ୍ୟ କାର୍ଯ୍ୟାଳୟ (ଖୋର୍ଦ୍ଧା):**
'ଆମରି ସତ୍ୟ'
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋର୍ଦ୍ଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର
ନିର୍ଦ୍ଦେଶକ, ଆମରି ସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩, ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
ଶ୍ରୀ ପଦ୍ମନାଭ ପାଣିଗ୍ରାହୀ
ବନମାଳୀ କଲୋନୀ, ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪


## ଗ୍ରାହକମାନଙ୍କ ପାଇଁ ସୂଚନା

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ଆଜୀବନ ସଦସ୍ୟତା (୧୪ ବର୍ଷ ପାଇଁ) | ଟ.୩୦୦୦/- |


**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର

**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର


**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା

**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା

**ରାମଶଙ୍କର**
ଅଧକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା


ଦେୟ 'ଆମରିସତ୍ୟ' ନାମରେ ମନି ଅର୍ଡର, ଡ୍ରାଫଟ୍, ଚେକ୍ ତଥା UPI ମାଧ୍ୟମରେ ପଠାଇବାକୁ ଅନୁରୋଧ ।
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ A/c No. 31033974226, IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ। ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ ।



## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

ରମେଶ ମଙ୍ଗରାଜ



ଆହେ ଜଗନ୍ନାଥ କି' ସୁନ୍ଦର ପ୍ରଭୁ
ତମ ମନ ଲୋଭା ବେଶ
ତୁମକୁ ଦେଖିଲେ ଦୁଃଖ ଭୁଲିହୁଏ
ଓଠରୁ ଝରଇ ହସ ।।୦।।
ତମ ଚକା ଆଖି ଋହିଁଦେଲେ ଥରେ
ସୁଖ ଯାଇଥାଏ ମିଳି
ଆନନ୍ଦ ବଜାରେ ବୁଲିଗଲେ ଥରେ
ପେଟ ଯାଇ ଥାଏ ପୂରି
ତମ ଶ୍ରୀମନ୍ଦିର ଭକତ ଗହଳ
ଆଠକାଳ ବାରମାସ ।।୧।।
ଆହେ ଜଗନ୍ନାଥ......
ତମ ବଡ଼ଦାଣ୍ଡେ ପାଦ ପକାଇଲେ
ଦେହରେ ଚମକ ଲାଗେ
ତୁମରି ଦର୍ଶନ ପାଇଲେ ମନରେ
ଭକତି ଲହଡ଼ି ଭାଙ୍ଗେ
ତମରି ଭାବରେ ବାନ୍ଧି ହୋଇ ଗଲେ
ମେଣ୍ଟିଯାଏ ଭୋକ ଶୋଷ ।।୨।।
ଆହେ ଜଗନ୍ନାଥ..........

**କବି ଓ କବିତା ଭବନ**
**ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା**
**ମୋ - ୯୧୭୮୬୨୬୨୮୦**

## ଅମର ଲେଖନୀରୁ

ଅମର ଭୋଗ ତୀର୍ଥରେ ସ୍ନାନ ନକରିବୁ
ଧନ ସଞ୍ଚିବାକୁ ସଦା ଲୋଭୀ ଯେ ନୋହିବୁ,
ବେଳକାଳ ଜାଣି ଧନ ପ୍ରଜାଙ୍କୁ ଯେ ଦେବୁ
ଅନ୍ଧାରୀ ବିଜେ ନ କରି ବିଶ୍ୱାସ ନ ଯିବୁ।

# ହିତବାଣୀ

## ଗୀତା

**ନାସ୍ତି ବୁଦ୍ଧିରଯୁକ୍ତସ୍ୟ, ନ ଚାଯୁକ୍ତସ୍ୟ ଭାବନା।**
**ନ ଚାଭାବୟତଃ ଶାନ୍ତି, ରଶାନ୍ତସ୍ୟ କୁତଃ ସୁଖଂ।।**
**ଇନ୍ଦ୍ରିୟାଣାଂ ହି ଚରତାଂ, ଯନ୍ମନୋଽନୁବିଧୀୟତେ।**
**ତଦସ୍ୟ ହରତି ପ୍ରଜ୍ଞାଂ, ବାୟୁର୍ନାବମିବାମ୍ଭସି।।**

ଯେଉଁମାନେ ସତ୍‌କର୍ମ କରନ୍ତି, ସେମାନେ ସର୍ବଦା ନିଶ୍ଚିନ୍ତ ଓ ନିର୍ମଳ ରହନ୍ତି। ବିଶୁଦ୍ଧ ବୁଦ୍ଧିରେ କର୍ମ କଲେ ସେହି କର୍ମଫଳ ଦ୍ୱାରା ମୁକ୍ତିଲାଭ ହୁଏ।

## ଭାଗବତ ବାଣୀ

ଏ ମନ ଭାବୁଥାଇ ଯାହା। କାଳେ ପ୍ରାପତ ହୁଏ ତାହା।।
ଏ ମନ ସ୍ୱଭାବେ ଚଞ୍ଚଳ। କେବେ ହେଁ ନରହେ ନିଶ୍ଚଳ।।

## ଚାଣକ୍ୟ ନୀତି

ପୁତ୍ର ପ୍ରତି କର୍ତ୍ତବ୍ୟ :

ପୁନଶ୍ଚ ବିବିଧୈଃ ଶୀଳୈର୍ନିୟୋଜ୍ୟା ସତତଂ ବୁଧୈଃ।
ନୀତିଜ୍ଞା ଶୀଳସମ୍ପନ୍ନାଃ ଭବନ୍ତି କୁଳପୂଜିତାଃ।।

ପୁତ୍ର ସମ୍ବନ୍ଧରେ ଉପଦେଶ ଦେବାକୁ ଯାଇ କୁହନ୍ତି ଯେ ବୁଦ୍ଧିମାନ ଲୋକମାନଙ୍କର କର୍ତ୍ତବ୍ୟ ହେଉଛି ପୁତ୍ରଙ୍କୁ ବିଭିନ୍ନ ପ୍ରକାରର ସଦାଚାରର ଶିକ୍ଷା ପ୍ରଦାନ କରିବା। ନୀତିଜ୍ଞ ସଦାଚାରୀ ପୁତ୍ର କୁଳକୁ ଉଜ୍ଜ୍ୱଳ କରିଥାଏ। ଅର୍ଥାତ ପିତାର ସବୁଠାରୁ ବଡ଼ କର୍ତ୍ତବ୍ୟ ହେଉଛି ଯେ ପୁତ୍ରକୁ ସର୍ବୋଚ୍ଚ ଶିକ୍ଷା ପ୍ରଦାନ କରିବା।

## ନୀତିଶ୍ଳୋକ

ଜାୟା ଚ ଜାୟା ସୁକାନ୍ତି କୋମଳା,
ଛାୟା ଚ ମାୟା ଚ ମରୀଚିନୋପମା।।
ବିଚାରୟେତ୍ ଯ ପଥିକଃ କଦାଚନ,
ଖିଳଂ ନିଜସ୍ୟେତି ବିଭାବ୍ୟ ରୋଦିତ।।

ଛାୟା, ଜାୟା, ଓ ମାୟା - ଏସବୁ ମରୀଚିକା ଭଳି; ମାତ୍ର ସଂସାରୀ ଲୋକ ଏସବୁକୁ ନିଜର ମନେକରି ଜାବୁଡ଼ିଧରି ବାସ୍ତବତା ଭୁଲିଯାଏ।

## ପ୍ରବାଦ

ଅମନି ମାଇପ ମନ କଲା
ଜଟିଆ ବାଆଜି ସାଙ୍ଗରେ ଗଲା।

ଏଠାରେ ଦୁଃଶ୍ଚରିତ୍ରା ନାରୀର ଗତି ସମ୍ପର୍କରେ ବ୍ୟକ୍ତ କରାଯାଇଅଛି।

## ରୂଢ଼ି ପ୍ରୟୋଗ

କଣ୍ଟାବାଡ଼ରେ ଲୁଗା ପକାଇ କଳି କରିବା -
ଅଯଥା କଳି ସୃଷ୍ଟି କରିବା।



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତି ମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।



ସମ୍ପାଦକୀୟ....



ବ୍ରିଟିଶ ଉପନିବେଶ ଶାସନରୁ ସ୍ୱାଧୀନତା ହାସଲ କରିବାର ପ୍ରାୟ ସାତ ଦଶନ୍ଧି ପରେ ମଧ୍ୟ ଭାରତୀୟ ସ୍ୱାଧୀନତାର ମୁଳ ଲକ୍ଷ୍ୟ ବାସ୍ତବ ସଫଳତା, ଆକାଂକ୍ଷୀତ ପ୍ରଗତି ହାସଲ ଓ ଉନ୍ନତି ପଥରେ ଥିବା ବାଧା ଓ ପ୍ରତିବନ୍ଧକର ଏକ ମିଶ୍ରିତ ଜଟିଳ ଚିତ୍ର ଦେଖିବାକୁ ମିଳୁଛି। ଭାରତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛି, ତଥାପି ଏହା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସଂଘର୍ଷ ଜାରି ରଖିଛି।

ବହୁ-ଦଳୀୟ ବ୍ୟବସ୍ଥା, ନିୟମିତ ନିର୍ବାଚନ ସହିତ ଭାରତ ବିଶ୍ୱର ଏକ ଜୀବନ୍ତ ସର୍ବବୃହତ ଗଣତାନ୍ତ୍ରିକ ଦେଶ ରୂପେ ଉଭା ହୋଇଛି। ପ୍ରଭାବଶାଳୀ ଅର୍ଥନୈତିକ ଅଭିବୃଦ୍ଧି, ସଫଳ ଖାଦ୍ୟସୁରକ୍ଷା ଯୋଜନା, ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ କୋଟି କୋଟି ଦେଶବାସୀଙ୍କର ସୁନିଶ୍ଚିତ କରାଇ ଭାରତ ଏକ ପ୍ରମୁଖ ବିଶ୍ୱ ଶକ୍ତି ଭାବରେ ପ୍ରତିଷ୍ଠା ଲାଭ କରିଛି। ବୈଷୟିକ ପ୍ରଗତି ଏବଂ ଏକ ନୂତନ ସୂଚନା ପ୍ରଯୁକ୍ତି ଶିଳ୍ପ ଦେଶର ଅଭିବୃଦ୍ଧିରେ ସହାୟକ ହୋଇଛି। ଏହା ସତ୍ତ୍ୱେ ଦେଶର ଆର୍ଥିକ ଅସମାନତା, ଗ୍ରାମାଞ୍ଚଳରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଓ ଉପଯୁକ୍ତ ଶିକ୍ଷା ବ୍ୟବସ୍ଥାର ଅନୁପଲବ୍ଧତା, ସାମାଜିକ ବିଭେଦ ଓ ସାମ୍ପ୍ରଦାୟିକ ସଦ୍‌ଭାବର ଅଭାବ ଦେଶର ସର୍ବାଙ୍ଗୀନ ଦୃତ ଆଶାନୁରୂପ ପ୍ରଗତି ଓ ରାଷ୍ଟ୍ରୀୟ ଐକ୍ୟ ପଥରେ ମହାନ ପ୍ରତିବନ୍ଧକ ରୂପେ ଦଣ୍ଡାୟମାନ।

ଏତଦ୍‌ବ୍ୟତିତ ବିଶ୍ୱ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ, ବିଶ୍ୱ ଭୌଗଳିକ ରାଜନୈତିକ ବିବାଦ ଏବଂ ଆତଙ୍କବାଦ ଦେଶର ପ୍ରଗତି ପାଇଁ ପ୍ରତିକୂଳ ହାନିକାରକ। ଏସବୁ ପ୍ରତିବନ୍ଧକ ସତ୍ତ୍ୱେ ଭାରତର ପ୍ରଗତିର ମୁଳଭିତ୍ତି ଗଣତାନ୍ତ୍ରିକ ପରମ୍ପରା ଦୁର୍ବଳ ହୋଇନାହିଁ।

ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପଥ ପ୍ରଶସ୍ତ ଉଦ୍ଦେଶ୍ୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗବେଷଣା, ଭିତ୍ତିଭୂମି ବିକାଶ ଏବଂ ଦେଶର ସୁରକ୍ଷା କ୍ଷେତ୍ରରେ ବିନିଯୋଗ କରାଯାଉଛି। ଆନ୍ତର୍ଜାତିକ ସ୍ତରରେ ଭାରତର ସମ୍ମାନ ବୃଦ୍ଧିହେଉଛି।

ଭାରତୀୟ ସ୍ୱାଧୀନତାର ମୂଳ ବାସ୍ତବତା ଏକ ରାଷ୍ଟ୍ରକୁ ପ୍ରତିଫଳିତ କରେ, ଯାହା ଏକ ଦୀର୍ଘ ପଥ ଅତିକ୍ରମ କରିଛି, କିନ୍ତୁ ସ୍ୱୀକାର କରିବାକୁ ପଡିବ ଯେ ଆହୁରି ଅନେକ କାର୍ଯ୍ୟ କରିବାକୁ ବାକି ଅଛି। ପ୍ରତିବନ୍ଧକଗୁଡିକର ସମାଧାନ କରି, ଭବିଷ୍ୟତର ବିପୁଳ ସମ୍ଭାବନାକୁ ବ୍ୟବହାର କରି, ଭାରତ ଏହାର ସ୍ୱାଧୀନତା ସଂଗ୍ରାମୀମାନଙ୍କ ସ୍ୱପ୍ନକୁ ପୂରଣ କରିବା ସହିତ ଏକ ସମୃଦ୍ଧ, ସୁସଂଗତ ଏବଂ ପ୍ରଭାବଶାଳୀ ଶକ୍ତି ଭାବରେ ବିଶ୍ୱ ଦରବାରରେ ଆର୍ବିଭୁତ ହେବା ଅସମ୍ଭବ ନୁହେଁ।

ଡ ପ୍ରସନ୍ନ କୁମାର ଜେନା



ଅହଂକାର ରଖି କୌଣସି ମହତ୍ କାର୍ଯ୍ୟ ହୋଇପାରେ ନାହିଁ।

# ସୂଚୀପତ୍ର


| କ୍ର.ସଂ. | ବିଷୟ | ବ୍ୟକ୍ତିତ୍ୱ | ପୃଷ୍ଠା |
|---|---|---|---|
| ୧. | ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରଯାନ | ଡ. ପ୍ରମୋଦ ଚନ୍ଦ୍ର ଦାଶ | ୫ |
| ୨. | ଆର୍ଥିକ ସ୍ୱାଧୀନତା | | ୬ |
| ୩. | ବିଶ୍ୱଦର୍ପଣରେ ଭାରତବର୍ଷ | ଡ. ପ୍ରସନ୍ନ କୁମାର ମହାନ୍ତି | ୭ |
| ୪. | ଯୋଗ୍ୟତମର ସନ୍ଧାନରେ ସମ୍ମାନ | ରମାକାନ୍ତ ମିଶ୍ର | ୮ |
| ୫. | ଅକୁହା ମନର ଭାବନା | ରମାକାନ୍ତ ଦାସ | ୯ |
| ୬. | ଆଧ୍ୟାତ୍ମିକତାର ଆକାଶ | ରାଜକିଶୋର ପାଢ଼ୀ | ୧୦ |
| ୭. | ମୁଁ ଆଉ ମୋ'ର | ଶ୍ରୀ ପ୍ରଭୁ ଚରଣ ପତି | ୧୧ |
| ୮. | ଆମ ବଳିଷ୍ଠ ନେତୃତ୍ୱର... | ଉମା ଶଙ୍କର ପ୍ରସାଦ୍ର | ୧୨ |
| ୯. | ବୁଢୀ ମାଉସୀ | ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି | ୧୩ |
| ୧୦. | ମଣିଷର ଅସହାୟତା | ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ | ୧୪ |
| ୧୧. | ମୋ' ବୋଉ ଆଉ ଝିଅ... | ଡକ୍ଟର ସୁଷମା ମିଶ୍ର | ୧୬ |
| ୧୨. | ପଣ୍ଡିତ ନିଳକଣ୍ଠ ଦାସ | ରାମଶଙ୍କର | ୧୭ |
| ୧୩. | ସେ ଥିଲେ ହକି ଖେଳର ଯାଦୁକର | ଆଶିଷ କୁମାର ରାୟ | ୧୮ |
| ୧୪. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୨୦ |
| ୧୫. | ଚିକେନ୍... | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୨୧ |
| ୧୬. | ସମ୍ବାଦ ବିଚିତ୍ରା | | ୨୪ |
| ୧୭. | ସାଧାରଣ ଜ୍ଞାନ ଏବଂ ପ୍ରତିଯୋଗିତାମୂଳକ ପ୍ରଶ୍ନୋତ୍ତର | | ୨୫ |
| ୧୮. | ପର୍ବପର୍ବାଣୀ ଓ ମୁଖ୍ୟ ଦିବସ | | ୩୨ |



## ବିଶେଷ ସୂଚନା

ଆପଣଙ୍କ ପ୍ରିୟ ଏହି ସୁପରିଚିତ ମାସିକ ଜ୍ଞାନବର୍ଦ୍ଧକ ପତ୍ରିକା ମାଧ୍ୟମରେ ଅତି ସୁଲଭ ମୁଲ୍ୟରେ **'ବିଜ୍ଞାପନ'** ପ୍ରକାଶିତ କରିବାର ସୁଯୋଗର ଲାଭ ଉଠାଇବାକୁ ଅନୁରୋଧ।

**ଯୋଗାଯୋଗ : ମୁଖ୍ୟ କାର୍ଯ୍ୟାଳୟ(ଖୋର୍ଦ୍ଧା)**
**'ଆମରି ସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ ହାଉସିଂ ବୋର୍ଡ଼ କଲୋନୀ
ପୋ - ପି.ଏନ୍. କଲେଜ, ଖୋର୍ଦ୍ଧା - ୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫


# ସମୟର ଅବଲୀଳାକ୍ରମେ

ଧ୍ରୁବ ରଣା



ବୈଶାଖର ରୁଦ୍ର ଝଡ଼
ଆଷାଢ଼ର ମୂଷଳ ବର୍ଷଣ
ମେଘେ ମେଘେ ବିଜୁଳିର
ଚମକ ନିଶାଣ,
ଶରତର ଶୁଭ୍ର ଜ୍ୟୋସ୍ନା
ସୁନିର୍ମଳ ସରସୀର ଜଳ
ସଦାହାସ୍ୟ କାଶତଣ୍ଡୀ
ରଜତ ଧବଳ,
ହେମନ୍ତର ହୈମନ୍ତିକ ବିନ୍ଦୁ
ଶୈତ୍ୟ ଦଗ୍ଧ ପଉଷର ଆକାଶରେ
ଆର୍ଦ୍ର ପୂର୍ଣ୍ଣ ଇନ୍ଦୁ,
ବସନ୍ତର ମୃଦୁଳ ପବନ
ଫେରା ଚଇତିର ଓଠେ
ମଧୁର ଚୁମ୍ବନ,
ଆମ୍ର ମୁକୁଳର ଗନ୍ଧେ
ଗନ୍ଧବତୀ କନ୍ୟା,
କୋଇଲିର ମୃଦୁ ଛନ୍ଦେ
କୁହୁ କୁହୁ ବନ୍ୟା,
ସବୁ ଶେଷ, ନିର୍ବାପିତ
ସମୟର ଅବଳୀଳା କ୍ରମେ,
ଝୁରେ ଆଜି ମନ, ପ୍ରାଣ ସେ ସବୁକୁ
ଜୀବନର ଜୀର୍ଣ୍ଣ ମରୁଭୂମେ।


ଭଗତସିଂ ବିହାର,
ବଡମ୍ବା, କଟକ
ମୋ - ୯୧୭୮୨୧୪୭୨୪




ଅନ୍ୟର ମଙ୍ଗଳ ପାଇଁ ନିଜ ଦୁଃଖ ସହିବାର ଇଚ୍ଛା, ଏହାର ଅନ୍ୟନାମ ହେଉଛି ମହତ୍ ପଣିଆ।

# ଚନ୍ଦ୍ରପୃଷ୍ଠରେ ଚନ୍ଦ୍ରଯାନ

## (ଭାରତୀୟ ଚନ୍ଦ୍ର ମହାକାଶ ଅନୁସନ୍ଧାନ ଶୃଙ୍ଖଳା)



ଉପସ୍ଥାପନା - ଡ. ପ୍ରମୋଦ ଚନ୍ଦ୍ର ଦାଶ

ଭାରତୀୟ ଚନ୍ଦ୍ର ମହାକାଶ ଅନୁସନ୍ଧାନ ଶୃଙ୍ଖଳା ଅନ୍ତର୍ଗତ ୨୦୦୮ରେ ଚନ୍ଦ୍ରଯାନ-୧, ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ (ଇସ୍ରୋ)ର ପ୍ରଥମ ମହାକାଶ ଅନୁସନ୍ଧାନ ଥିଲା ଏବଂ ଏହା ଚନ୍ଦ୍ରରେ ଜଳ ଖୋଜି ପାଇଲା। ଏହା ଚନ୍ଦ୍ର କକ୍ଷପଥରୁ ଇନଫ୍ରାରେଡ୍, ଦୃଶ୍ୟମାନ ଏବଂ ଏକ୍ସ-ରେ ଆଲୋକରେ ଚନ୍ଦ୍ରକୁ ସନ୍ଧାନ କରିଥିଲା। ବିଭିନ୍ନ ଉପାଦାନ, ଖଣିଜ ପଦାର୍ଥ ଏବଂ ବରଫର ଆଶା ପାଇଁ ପ୍ରତିଫଳିତ ବିକିରଣ ବ୍ୟବହାର କରିଥିଲା।

ଏକ ପୋଲାର ସାଟେଲାଇଟ୍ ଲଞ୍ଚ ଯାନ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ଦ୍ୱୀପରେ ଥିବା ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଅକ୍ଟୋବର ୨୨, ୨୦୦୮ରେ ୫୯୦ କିଲୋଗ୍ରାମ ଓଜନର ଚନ୍ଦ୍ରଯାନ-୧କୁ ଉତ୍କ୍ଷେପଣ କରିଥିଲା। ଏହାପରେ ଚନ୍ଦ୍ରର ମହାକାଶରେ ୫୦୪ କିଲୋମିଟର ଉଚ୍ଚରେ ଏବଂ ୭୫୦୨ କିଲୋମିଟର ଚନ୍ଦ୍ରର ଚାରିପାଖରେ ଏକ ଆଲେପଟିକାଲ୍ ପୋଲାର କକ୍ଷପଥରେ ଏହି ଅନୁସନ୍ଧାନକୁ ବୃଦ୍ଧି କରାଯାଇଥିଲା। ଚେକଆଉଟ୍ ପରେ ଏହା ୧୦୦ କିଲୋମିଟର କକ୍ଷପଥକୁ ଓହ୍ଲାଇଲା। ନଭେମ୍ବର ୧୪, ୨୦୦୮ରେ, ଚନ୍ଦ୍ରଯାନ-୧ ଏକ ଛୋଟ କ୍ରାଫ୍ଟ, ଚନ୍ଦ୍ର ଇମ୍ପାକ୍ଟ ପ୍ରୋବ (ଏମାଇପି) ଲଞ୍ଚ କରିଥିଲା, ଯାହା ଭବିଷ୍ୟତରେ ଅବତରଣ ପାଇଁ ସିଷ୍ଟମ ପରୀକ୍ଷା କରିବା ଏବଂ ଚନ୍ଦ୍ରପୃଷ୍ଠରେ ଖସିଯିବା ପୂର୍ବରୁ ପତଳା ଚନ୍ଦ୍ର ବାୟୁମଣ୍ଡଳକୁ ଅଧ୍ୟୟନ କରିବା ପାଇଁ ଡିଜାଇନ୍ କରାଯାଇଥିଲା। ଦକ୍ଷିଣ ମେରୁ ନିକଟରେ 'ଏମାଇପି' ସହିତ ସମ୍ପର୍କ ପ୍ରଭାବିତ ହୋଇଥିଲା, କିନ୍ତୁ ଦୁର୍ଘଟଣାଗ୍ରସ୍ତ ହେବା ପୂର୍ବରୁ ଏହା ଚନ୍ଦ୍ରର ବାୟୁମଣ୍ଡଳରେ ଅଳ୍ପ ପରିମାଣର ଜଳ ଆବିଷ୍କାର କରିବାକୁ ସକ୍ଷମ ହୋଇପାରିଥିଲା।

ଇସ୍ରୋର ମୁଖ୍ୟ ଯନ୍ତ୍ରଗୁଡ଼ିକ - ଟେରେନ୍ ମ୍ୟାପିଙ୍ଗ୍ କ୍ୟାମେରା, ହାଇପରସ୍ପେକ୍ଟ୍ରାଲ୍ ଇମେଜର୍ ଏବଂ ଚନ୍ଦ୍ର ଲେଜର ରେଞ୍ଜିଙ୍ଗ୍ ଇନଷ୍ଟ୍ରୁମେଣ୍ଟ୍ - ଉଚ୍ଚ ସ୍ପେକ୍ଟ୍ରାଲ୍ ଏବଂ ସ୍ପେସାଲ୍ ରିଜୋଲ୍ୟୁସନ୍ ସହିତ ଚନ୍ଦ୍ର ପୃଷ୍ଠର ଚିତ୍ର ଉତ୍ତୋଳନ କରିଥିଲା। ୫ ମିଟର (୧୬ ଫୁଟ) ରେଜୋଲୁସନ ସହିତ ଷ୍ଟେରିଓ ଚିତ୍ର ଏବଂ ୧୦ ମିଟର (୩୩ ଫୁଟ) ରେଜୋଲୁସନ ସହିତ ଗ୍ଲୋବାଲ୍ ଟପୋଗ୍ରାଫିକ୍ ମାନଚିତ୍ରଗୁଡିକ ଥିଲା। ଇସ୍ରୋ ଏବଂ ୟୁରୋପିଆନ ସ୍ପେସ ଏଜେନ୍ସି (ଇଏସଏ) ଦ୍ୱାରା ବିକଶିତ ଚାନ୍ଦ୍ରାୟଣ ଇମେଜିଙ୍ଗ ଏକ୍ସ-ରେ ସ୍ପେକ୍ଟ୍ରୋମିଟର, ସୌର ପ୍ରଜ୍ଜ୍ୱଳିତ ହେବା ସମୟରେ ନିର୍ଗତ ହେଉଥିବା ଏକ୍ସ-ରେ ଦ୍ୱାରା ମ୍ୟାଗ୍ନେସିୟମ, ଆଲୁମିନିୟମ, ସିଲିକନ୍, କ୍ୟାଲସିୟମ୍, ଟାଇଟାନିୟମ୍ ଏବଂ ଲୁହା ଚିହ୍ନଟ କରିବା ପାଇଁ ଡିଜାଇନ୍ କରାଯାଇଥିଲା। ଏହା ସୌର ଏକ୍ସ-ରେ ମନିଟର ସହିତ ଅଂଶ ଭାବରେ କରାଯାଇଥିଲା, ଯାହା ଆସୁଥିବା ସୌର ବିକିରଣକୁ ମାପ କରିଥିଲା।

ଚନ୍ଦ୍ରଯାନ-୧ ଅପରେସନ୍ ମୂଳତଃ ଦୁଇ ବର୍ଷ ପର୍ଯ୍ୟନ୍ତ ଯୋଜନା କରାଯାଇଥିଲା, ଯେତେବେଳେ କିନ୍ତୁ ମିଶନ ଅଗଷ୍ଟ ୨୮, ୨୦୦୯ରେ ଶେଷ ହୋଇଥିଲା, ମହାକାଶଯାନ ସହିତ ରେଡିଓ ଯୋଗାଯୋଗ ନଷ୍ଟ ହୋଇଯାଇଥିଲା।

ଚନ୍ଦ୍ରଯାନ-୨ ଜୁଲାଇ ୨୨, ୨୦୧୯ରେ ଶ୍ରୀହରିକୋଟାଠାରୁ ଜିଓସିଙ୍କ୍ରୋନସ୍ ସାଟେଲାଇଟ୍ ଲଞ୍ଚ ଯାନ ଦ୍ୱାରା ଉତ୍କ୍ଷେପଣ କରାଯାଇଥିଲା। ଏହାକୁ ଚନ୍ଦ୍ରପୃଷ୍ଠ ପାଇଁ ଡିଜାଇନ କରାଯାଇଥିଲା। ମହାକାଶଯାନଟି ଏକ କକ୍ଷପଥ, ଏକ ଲ୍ୟାଣ୍ଡର ଏବଂ ରୋଭରକୁ ନେଇ ଗଠିତ ହୋଇଥିଲା। ୧୦୦ କିଲୋମିଟର ଉଚ୍ଚତାରେ ଏକ ବର୍ଷ ପାଇଁ ମେରୁ କକ୍ଷପଥରେ ଚନ୍ଦ୍ରକୁ ପରିକ୍ରମା କରିବା ପାଇଁ ଏହି ମିଶନର ବିକ୍ରମ ଲ୍ୟାଣ୍ଡର୍ (ଇସ୍ରୋ ପ୍ରତିଷ୍ଠାତା ବିକ୍ରମ ସାରାଭାଇଙ୍କ ନାମରେ ନାମିତ) ସେପ୍ଟେମ୍ବର ୭ରେ ଦକ୍ଷିଣ ମେରୁ ଅଞ୍ଚଳରେ ଅବତରଣ କରିବାକୁ ଯୋଜନା କରାଯାଇଥିଲା ଯେଉଁଠାରେ ଚନ୍ଦ୍ରପୃଷ୍ଠରେ ଜଳ ବରଫ ମିଳିବାର ସମ୍ଭାବନା ଥିଲା। ଯୋଜନାବଦ୍ଧ ଅବତରଣ ସ୍ଥାନ ଦକ୍ଷିଣର ଦୂରତମ ହୋଇଥା'ନ୍ତା, ଯେକୌଣସି ଅଂଶ ଅନୁସନ୍ଧାନ ସ୍ପର୍ଶ କରିଥିଲେ ଭାରତ ଚତୁର୍ଥ ଦେଶ ହୋଇଥାନ୍ତା, ଯାହା ଆମେରିକା, ଋଷ ଏବଂ ଚୀନ୍ ପରେ ଚନ୍ଦ୍ରରେ ମହାକାଶଯାନ ଅବତରଣ କରିଥା'ନ୍ତା। ବିକ୍ରମ ଲ୍ୟାଣ୍ଡର୍ ଏକ ଛୋଟ ରୋଭର 'ପ୍ରଜ୍ଞାନ' (୨୭ କି.ଗ୍ରା. ଓଜନର) ବହନ କରିଥିଲା। ଉଭୟ ବିକ୍ରମ ଲ୍ୟାଣ୍ଡର୍ ଓ ପ୍ରଜ୍ଞାନ ଗୋଟିଏ ଚନ୍ଦ୍ର ଦିବସ (୧୪ ପୃଥିବୀ ଦିନ) ପାଇଁ କାର୍ଯ୍ୟ କରିବା ପାଇଁ ପରିକଳ୍ପନା କରାଯାଇଥିଲା। ପ୍ରକାଶ ଥାଉକି, ବିକ୍ରମ ଲ୍ୟାଣ୍ଡର୍ ଚନ୍ଦ୍ରକୁ ଛୁଇଁବାର ଠିକ୍ ପୂର୍ବରୁ, ୨ କିଲୋମିଟର ଉଚ୍ଚତାରେ ସମ୍ପର୍କ ବିଚ୍ଛିନ୍ନ ହୋଇଯାଇଥିଲା।

ଚନ୍ଦ୍ରଯାନ-୩ ହେଉଛି ଚନ୍ଦ୍ରଯାନ କାର୍ଯ୍ୟକ୍ରମ ଅଧୀନରେ ତୃତୀୟ ତଥା ସଦ୍ୟତମ ଚନ୍ଦ୍ର ଅନୁସନ୍ଧାନ ମିଶନ୍। ଏଥିରେ ବିକ୍ରମ ଲ୍ୟାଣ୍ଡର୍ ଏବଂ ଚନ୍ଦ୍ରଯାନ-୨ ପରି ପ୍ରଜ୍ଞାନ ନାମକ ଏକ ରୋଭର ରହିଛି, କିନ୍ତୁ ଏହାର କକ୍ଷପଥ ନାହିଁ। ଏହାର ପ୍ରବୃତ୍ତି ମଡ୍ୟୁଲ୍ ଯୋଗାଯୋଗ ରିଲେ ଉପଗ୍ରହ ପରି ଆଚରଣ କରିବ। ମହାକାଶଯାନ ୧୦୦ କିଲୋମିଟର ଚନ୍ଦ୍ର କକ୍ଷପଥରେ ପ୍ରବେଶ ନକରିବା ପର୍ଯ୍ୟନ୍ତ ପ୍ରବୃତ୍ତି ମଡ୍ୟୁଲ୍ ଲ୍ୟାଣ୍ଡର ଏବଂ ରୋଭର ବିନ୍ୟାସକରଣ ବହନ କରେ। ଚନ୍ଦ୍ରଯାନ-୨ରେ ଲ୍ୟାଣ୍ଡିଂ ଗାଇଡ୍ ସଫ୍ଟୱେୟାରରେ ଏକ ଶେଷ ମୁହୂର୍ତ୍ତର ଯାନ୍ତ୍ରିକ ତ୍ରୁଟି ଚନ୍ଦ୍ର କକ୍ଷପଥରେ ପ୍ରବେଶ କରିବା ପରେ ଲ୍ୟାଣ୍ଡର ଦୁର୍ଘଟଣାଗ୍ରସ୍ତ ହେବ। ପରେ ଅନ୍ୟ ଏକ ଚନ୍ଦ୍ର ମିଶନ ପ୍ରସ୍ତାବ ଦିଆଯାଇଥିଲା। ଚନ୍ଦ୍ରଯାନ-୩ର ଉତ୍କ୍ଷେପଣ ୧୪ ଜୁଲାଇ ୨୦୨୩ରେ, ଭାରତୀୟ ସମୟ ଅନୁସାରେ ଅପରାହ୍ନ ୨:୩୫ରେ ହୋଇଥିଲା ଏବଂ ୧୦୦ କିଲୋମିଟର ବୃତ୍ତାକାର ପୋଲାର କକ୍ଷପଥର ଚନ୍ଦ୍ର ଇଞ୍ଜେକ୍ସନ୍ ପ୍ରଥମ ପର୍ଯ୍ୟାୟର ଅଂଶ ଭାବରେ ସଫଳତାର ସହିତ ସମ୍ପୂର୍ଣ୍ଣ ହୋଇଥିଲା। ୨୩ ଅଗଷ୍ଟ ୨୦୨୩ରେ ଚନ୍ଦ୍ରର ଦକ୍ଷିଣ ମେରୁ ଅଞ୍ଚଳ ନିକଟରେ ସଫଳତାର ସହିତ ଲ୍ୟାଣ୍ଡର୍ ଏବଂ ରୋଭର ଅବତରଣ କରିବ ବୋଲି ଆଶା କରାଯାଉଛି। ଏହା ଏକ ନୂତନ ଇତିହାସ ସୃଷ୍ଟି କରି ଆମ ଦେଶ ପାଇଁ ଗର୍ବ ଓ ଗୌରବର ବିଷୟ ହେବ।



ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।

# ଆର୍ôଥିକ ସ୍ୱାଧୀନତା

ବ୍ୟକ୍ତିଗତ ସ୍ୱାଧୀନତା ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଏକ ପଥ ଯାହା ଆମକୁ ଆମର ପ୍ରାମାଣିକ ବ୍ୟକ୍ତିତ୍ୱ ଏବଂ ସର୍ବୋଚ୍ଚ ସକ୍ଷମତା ସହିତ ସମାଜରେ ନିଜର ତଥା ସମାଜର ବିକାଶରେ ଦକ୍ଷତାପୂର୍ଣ୍ଣ ସହଯୋଗ କରେ। ଆମର ପ୍ରକୃତ ସ୍ୱାଧୀନତା ଆମର ଆତ୍ମସମ୍ମାନ ଏବଂ ଆତ୍ମବିଶ୍ୱାସ ବଢାଇଥାଏ। ସ୍ୱାଧୀନତା ଆମକୁ ସବୁ ପ୍ରକାର ପରିସ୍ଥିତିକୁ ସମ୍ଭାଳିବାରେ ସବୁବେଳେ ସକ୍ଷମ କରିଥାଏ। ସ୍ୱାଧୀନତା ସହିତ ସତ୍ୟର ପଥରେ ଆଗକୁ ବଢ଼ିବା ଦ୍ୱାରା ସମାଜରେ ଏକ ସକାରାତ୍ମକ ପ୍ରଭାବ ପଡ଼େ।

ବ୍ୟକ୍ତିଗତ ସ୍ୱାଧୀନତା ଅନେକ ପ୍ରକାରର ଏବଂ ଆତ୍ମନିର୍ଭରଶୀଳ ହେବାର ଅନେକ ଉପାୟ ଅଛି। ଏକ ସାମାଜିକ ସର୍ଭେ ଅନୁସାରେ ସ୍ୱାଧୀନତାର ଅର୍ଥ ଏବଂ ମହତ୍ତ୍ୱ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଅତୁଳନୀୟ, ତାହା ମଧ୍ୟରୁ ୩ ପ୍ରକାରର ମୁଖ୍ୟ ସ୍ୱାଧୀନତା ଅଛି ଯାହାକୁ ନିଜର ଆବଶ୍ୟକତା ଏବଂ ଲକ୍ଷ୍ୟ ଉପରେ ନିର୍ଭର କରି ବିଶେଷ ଧ୍ୟାନ ଦିଆଯାଏ।

୧. ଭାବପ୍ରବଣ ସ୍ୱାଧୀନତା

୨. ମାନସିକ ସ୍ୱାଧୀନତା

୩. ଆର୍ଥିକ ସ୍ୱାଧୀନତା

ଭାବପ୍ରବଣ ଏବଂ ମାନସିକ ସ୍ୱାଧୀନତା ବିଷୟରେ ଆପାତତଃ ସମସ୍ତେ ଅବଗତ ଯେ ନିଜର ଖୁସି ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର କରିବା ଆବଶ୍ୟକ ନାହିଁ। ନିଜେ କିଏ, ନିଜେ କ'ଣ କରିବା ଉଚିତ ଏବଂ ନିଜେ କିପରି ଅନୁଭବ କରିବା ଉଚିତ; ତାହା ହୃଦୟଙ୍ଗମ କରିବା ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭର କରିବା ପରିବର୍ତ୍ତେ, ନିଜ ମୂଲ୍ୟବାନ ଜୀବନର ସଂପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିବା। ମାନସିକ ଭାବେ ସ୍ୱାଧୀନ ଲୋକମାନେ ଅପେକ୍ଷାକୃତ ଦୃଢତାର ସହିତ ନିଜ ପାଇଁ ଚିନ୍ତା କରିବାକୁ ସକ୍ଷମ ଅଟନ୍ତି। ସେମାନେ ଅନ୍ୟମାନଙ୍କ ସହିତ ସମ୍ମତ ହେବା ପରିବର୍ତ୍ତେ, ନିଜେ ସମସ୍ତ ତଥ୍ୟ ଏବଂ ସୂଚନା ସଂଗ୍ରହ କରନ୍ତି ଏବଂ ନିଜର ବ୍ୟକ୍ତିଗତ ଅନୁଭୂତି ଓ ମୂଲ୍ୟବୋଧରୁ ସ୍ୱତନ୍ତ୍ର ତଥା ଅନନ୍ୟ ମତ ଗଠନ କରନ୍ତି। କିନ୍ତୁ ବଡ ଦୁଃଖର ବିଷୟ ଯେ ଆମ ସମାଜର ବୃହତ୍ ଭାଗ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସ୍ୱାଧୀନତା ବିଷୟରେ ଉପଯୁକ୍ତ ଶିକ୍ଷା ଅଭାବରୁ ପ୍ରାୟତଃ ଅଜ୍ଞ ଏବଂ ଯାହାଫଳରେ ବହୁ ଆର୍ଥିକ ସମସ୍ୟାରେ କବଳିତ। ସେଥିପାଇଁ ଏଠାରେ ଏହି ଆର୍ଥିକ ସ୍ୱାଧୀନତା ବିଷୟରେ ସମ୍ୟକ୍ ବିବରଣୀ ପ୍ରଦାନ କରାଯାଇଛି।

ଆର୍ଥିକ ସ୍ୱାଧୀନତା ଆମର ମୂଲ୍ୟବାନ ଜୀବନକୁ ଉଚ୍ଚକୋଟୀର ଜୀବନଶୈଳୀ ଦ୍ୱାରା ଯଥା ସମ୍ଭବ ସର୍ବାଙ୍ଗୀନ ବିକାଶ କରିବା ପାଇଁ ସୁଯୋଗ ଦିଏ ଏବଂ ଏହା କେବଳ ଆର୍ଥିକ ସାକ୍ଷରତା ଦ୍ୱାରା ହିଁ ସମ୍ଭବ।

ଆର୍ଥିକ ସାକ୍ଷରତା ହେଉଛି ନିଜ ପାଇଁ ଆୟର ବିଭିନ୍ନ ମାର୍ଗ ପ୍ରସ୍ତୁତ କରିବା ଏବଂ ସେହି ଉପାର୍ଜିତ ଆୟର ସଞ୍ଚୟକୁ ଚତୁରତାର ସହ ପରିଚାଳନା କରିବାର ଜ୍ଞାନକୌଶଳ।

ଆର୍ଥିକ ସାକ୍ଷରତାର ମୌଳିକ ପାଞ୍ଚଟି ନିୟମ ଅଛି, ଯାହାର ପ୍ରୟୋଗ ଦ୍ୱାରା ଆର୍ଥିକ ସ୍ୱାଧୀନତା ହାସଲ କରିବାକୁ ସହଯୋଗ କରିବ:

୧. ସର୍ବଦା ଆୟଠାରୁ ବ୍ୟୟ କମ୍ କରିବା : ନିରାଡମ୍ବର ଜୀବନଯାପନ କରି ପ୍ରଥମେ ମୌଳିକ ଆବଶ୍ୟକତା ପୂରଣ କରିବା, ଯାହା ନିତାନ୍ତ ଆବଶ୍ୟକ।

୨. ନିୟମିତ ଭାବରେ କିଛି ନା କିଛି ସଞ୍ଚୟ କରିବା : ଆୟର କିଛି ଅଂଶ ନିୟମିତ ସଞ୍ଚୟ ଦ୍ୱାରା ଭବିଷ୍ୟତ ପାଇଁ ନିଶ୍ଚିନ୍ତ ରହିବା।

୩. ଜରୁରୀକାଳୀନ ଆର୍ଥିକ ନିରାପତ୍ତା ପାଣ୍ଠି ଗଠନ କରିବା : ପ୍ରତ୍ୟେକ ରୋଜଗାରକ୍ଷମ ବ୍ୟକ୍ତିର ଆର୍ଥିକ ନିରାପତ୍ତା ପାଣ୍ଠି ରହିବା ଆବଶ୍ୟକ ଯାହା ଜରୁରୀକାଳୀନ ପରିସ୍ଥିତିରେ ଅବାଞ୍ଛିତ ତଥା ଆକସ୍ମିକ ପରିସ୍ଥିତିର ସଫଳତାର ସହିତ ସମ୍ମୁଖୀନ କରିବା ପାଇଁ ବ୍ୟବହୃତ ହୋଇପାରିବ। ଏକ ଗବେଷଣାରୁ ପ୍ରମାଣିତ ଆର୍ଥିକ ସଂରକ୍ଷଣର ନିୟମ ହେଉଛି, ସର୍ବଦା ନିଜ ସଞ୍ଚୟ ଜମାଖାତାରେ ଅନ୍ତତଃ ଛଅ ମାସର ଆୟର ଅର୍ଥ ସଞ୍ଚିତ ରଖିବା (ସର୍ବୋତ୍କୃଷ୍ଟ ଏକ ବର୍ଷର ଆୟ)।

୪. ସଞ୍ଚିତ ଆୟରୁ କିଛି ଅଂଶ ଭବିଷ୍ୟତ ପାଇଁ ନିବେଶ କରିବା: ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ ଲାଭ ପ୍ରଦାନକାରୀ ଯୋଜନାଗୁଡିକରେ ନିୟମିତ କିଛି କିଛି ଅର୍ଥ ବିନିଯୋଗ କରି ଭବିଷ୍ୟତକୁ ସୁରକ୍ଷିତ ରଖିବା।

୫. ନିହାତି ଆବଶ୍ୟକ ନଥିଲେ ଋଣଠାରୁ ଦୂରରେ ରହିବା: ଆର୍ଥିକ ଋଣର ଆବଶ୍ୟକତାକୁ ତିନୋଟି କ୍ଷେତ୍ରରେ ମୁଖ୍ୟତଃ ବିକଳ୍ପ ଭାବରେ ବିବେଚନା କରାଯିବା ଉଚିତ୍ : ଗୃହ ନିର୍ମାଣ ପାଇଁ, ଉଦ୍ୟୋଗ ପାଇଁ କିମ୍ବା ଅସାଧ୍ୟ ରୋଗର ବ୍ୟୟବହୁଳ ଚିକିତ୍ସା ପାଇଁ। ଏହାଛଡା ଅନ୍ୟ କୌଣସି ପରିସ୍ଥିତିରେ ଋଣର କୌଣସି ପ୍ରକାରର ଆବଶ୍ୟକତା ଭବିଷ୍ୟତରେ ବହୁ ବିପର୍ଯ୍ୟୟକୁ ଆମନ୍ତ୍ରଣ କରିଥାଏ।

(ବି.ଦ୍ର. : ବିଳାସବ୍ୟସନ ପାଇଁ କୌଣସି ପ୍ରକାରର ଋଣ ଭବିଷ୍ୟତରେ ଆର୍ଥିକ ତଥା ମାନସିକ ବୋଝ ପ୍ରମାଣିତ ହୁଏ। ଏହା ବହୁ ପରୀକ୍ଷିତ ଏବଂ ଦାରିଦ୍ର୍ୟ ନିଶ୍ଚିତ।)

ଆର୍ଥିକ ସମସ୍ୟାର ସମାଧାନ କରିବା ପାଇଁ ମୌଳିକ ନିୟମ ସହିତ, କିଛି ଅତିରିକ୍ତ ନିୟମ ତଥା ମାର୍ଗଦର୍ଶିକା ଅନୁସରଣ କରିବା ଦ୍ୱାରା ଆର୍ଥିକ ସ୍ୱାଧୀନ ହେବାରେ ସାହାଯ୍ୟ କରିବ ଏବଂ ସାଧାରଣ ତ୍ରୁଟିରୁ ଦୂରେଇ ରଖିବ।

ଏହି ସାମାନ୍ୟ କିନ୍ତୁ ନିହାତି ଜରୁରୀ ଶିକ୍ଷାକୁ ଜୀବନରେ ଉପଯୋଗ କରିବା ସହିତ ନିଜ ପରିବାର, ବନ୍ଧୁବାନ୍ଧବ ତଥା ଆତ୍ମୀୟସ୍ୱଜନମାନଙ୍କୁ ମଧ୍ୟ ଆର୍ଥିକ ସ୍ୱାଧୀନ କରାଇବାରେ ସାହାଯ୍ୟ କରିବା ପାଇଁ ପ୍ରୟାସ କରିବା ଆମର କର୍ତ୍ତବ୍ୟ। ଏହାକୁ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ସ୍ଥାନ ଦେଇ ପ୍ରାରମ୍ଭିକ ଜୀବନରୁ କୋମଳମତି ଛାତ୍ରଛାତ୍ରୀମାନଙ୍କୁ, ସେମାନଙ୍କର ଭବିଷ୍ୟତକୁ ସୁଦୃଢ କରିବାରେ ସହଯୋଗ କରିବା ନିତାନ୍ତ ଆବଶ୍ୟକ। ଯାହାଫଳରେ ଆଗାମୀ ପିଢ଼ି କେବଳ ଚାକିରି ପଛରେ ଦୌଡ଼ି ମାନସିକ ଓ ଶାରିରୀକ ଭାରସାମ୍ୟ ହରାଇବା ବଦଳରେ ବ୍ୟକ୍ତିଗତ ଉଦ୍ୟମରେ ନିଜ ସହିତ ଅନ୍ୟମାନଙ୍କ ପାଇଁ ଆୟର ବିଭିନ୍ନ ମାର୍ଗ ପ୍ରସ୍ତୁତ କରିବା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରଖିବ। ଏହାଦ୍ୱାରା ଆମ ସମାଜରେ ଆର୍ଥିକ ସ୍ୱାଧୀନତାର ସର୍ବାଙ୍ଗୀନ ବିକାଶ ହେବା ସହ ସମଗ୍ର ବିଶ୍ୱରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହେବ।

ଏହି ଆର୍ଥିକ ସାକ୍ଷରତା ଦ୍ୱାରା ପ୍ରାପ୍ତ ବ୍ୟକ୍ତିଗତ ସ୍ୱାଧୀନତା ହିଁ ପ୍ରକୃତ ସ୍ୱାଧୀନତା।

# ବିଶ୍ୱଦର୍ପଣରେ ଭାରତବର୍ଷ



ଡ. ପ୍ରସନ୍ନ କୁମାର ମହାନ୍ତି

ନିକଟରେ ବିଶ୍ୱ ଅର୍ଥନୈତିକ ସ୍ଥିତାବସ୍ଥାର ଏକ ପରିବର୍ତ୍ତନ ସଂକ୍ରାଂତୀୟ ଖବର ଆସିଛି। ଜି.ଡି.ପି. ବା ମୋଟ୍ ଘରୋଇ ଉତ୍ପାଦ ଆଧାରରେ ଭାରତର ଏକଦା ଉପନିବେଶକାରୀ ଶାସକ ଦେଶ ସଂଯୁକ୍ତ ରାଜ୍ୟ (ୟୁ.କେ.)କୁ ପଛରେ ପକାଇ ଆମ ଦେଶ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ଭାବେ ଘୋଷିତ ହୋଇଛି। ପ୍ରଥମରୁ ଚତୁର୍ଥ ସ୍ଥାନରେ ଯଥାକ୍ରମେ ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍, ଜାପାନ ଓ ଜର୍ମାନି ପୂର୍ବପରି ରହଛନ୍ତି।

ନୈରାଶ୍ୟର କଥା ହେଉଛି ଏହି ଯେ ମୁଣ୍ଡପିଛା ଆୟ ହିସାବରେ ଭାରତ ହେଉଛି ଏବେ ପୃଥିବୀର ଅନ୍ୟତମ ଦରିଦ୍ରତମ ରାଷ୍ଟ୍ର। ଏପରିକି ଆଫ୍ରିକାର ଆଇଭରି କୋଷ୍ଟ୍ ଓ ଆଙ୍ଗୋଲା ପରି ଦରିଦ୍ର ଦେଶର ଲୋକଙ୍କଠାରୁ ମଧ ଭାରତୀୟମାନେ ଦରିଦ୍ରତର। ଆଇଭରି କୋଷ୍ଟ୍ର ଜଣେ ଲୋକର ବାର୍ଷିକ ହାରାହାରି ଆୟ ୨୬୪୬ ଆମେରିକୀୟ ଡଲାର ଏବଂ ଆଙ୍ଗୋଲାର ଜଣେ ନାଗରିକର ହାରାହାରି ବାର୍ଷିକ ଆୟ ୩୨୦୫ ଆମେରିକୀୟ ଡଲାର ହୋଇଥିଲା ବେଳେ ଜଣେ ଭାରତୀୟର ବାର୍ଷିକ ହାରାହାରି ଆୟ ହେଉଛି ମାତ୍ର ୨୬୦୧ ଆମେରିକୀୟ ଡଲାର। ମୁଣ୍ଡପିଛା ଆୟ ହିସାବରେ ଆମେରିକୀୟ (ଯୁକ୍ତରାଷ୍ଟ୍ର)ମାନେ ଆମଠୁଁ ୩୧ ଗୁଣ ଧନୀ। ଜର୍ମାନମାନେ ଆମଠୁଁ ୨୦ଗୁଣ, ଇଂରେଜମାନେ ୧୮ଗୁଣ, ଫରାସୀମାନେ ୧୭ଗୁଣ ଓ ଚୀନୀୟମାନେ ୫ଗୁଣ ଧନୀ। ଦାରିଦ୍ର୍ୟ ଯୋଗୁଁ ବହୁସଂଖ୍ୟାରେ ଭାରତୀୟ, ଏପରିକି ବେଆଇନ ଭାବେ, ଦେଶ ଛାଡ଼ି ବିଦେଶକୁ ପଳାଇ ଯାଉଛନ୍ତି। ଅଳ୍ପଦିନ ତଳର ଏକ ଆମେରିକୀୟ ରିପୋର୍ଟ ଅନୁଯାୟୀ ଗତ ମାତ୍ର ୪ବର୍ଷ ମଧ୍ୟରେ ବେଆଇନ୍ ଭାବେ ଯୁକ୍ତରାଷ୍ଟ୍ର ଆମେରିକା ଚାଲିଆସିଥିବା ଦେଢ ଲକ୍ଷ ଭାରତୀୟଙ୍କୁ ଆମେରିକାରେ ଅଟକ ରଖାଯାଇଛି।

ପ୍ରସିଦ୍ଧ ଇଂଲିସ୍ କଥାକାର ଇ.ଏମ୍.ଫୋର୍ଷ୍ଟର ଥରେ କହିଥିଲେ ଯେ ଟଙ୍କା ହେଉଛି ଖତ ପରି। ଯଦି ଗୋଟିଏ ଜାଗାରେ ଏହା ଜମା ହୋଇ ରହେ, ତାହେଲେ ଏ ଉଭୟ ମଧରୁ କୌଣସିଟି ଦ୍ୱାରା କିଛିହେଲେ ଲାଭ ହୁଏ ନାହିଁ। ତଥ୍ୟ କହେ ଯେ ଏବେ ଭାରତରେ ମାତ୍ର ୧୬୯ ଜଣ ଲୋକଙ୍କ ପାଖରେ ସମୁଦାୟ ୫୫ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି (ଭାରତୀୟ ମୁଦ୍ରାରେ) ଗଚ୍ଛିତ ରହିଛି। ସ୍ମରଣ କରାଯାଇପାରେ ଯେ ୧୯ଶ ଶତାବ୍ଦୀରେ ଋଷ୍ ଦେଶର ସମାଜ ଓ ଅର୍ଥନୀତିକୁ ଅନୁଶୀଳନ କରି ସମ୍ପତ୍ତିର ସୁଷମ ବଣ୍ଟନ ଅଭାବରେ ଋଷ୍ରେ ଯେଉଁ ଅର୍ଥନୈତିକ ବୈଷମ୍ୟ ଉତ୍ପନ୍ନ ହୋଇଥିଲା, ତାହାର ସମାପ୍ତି ଘଟାଇ ସାମ୍ୟବାଦ ପ୍ରତିଷ୍ଠା ଲାଗି କାର୍ଲ ମାର୍କ୍ସ ଆହ୍ୱାନ ଦେଇଥିଲେ।

ପୃଥିବୀର ସବୁଠୁ ଅଧିକ ପ୍ରଦୂଷିତ ସହର ମଧ୍ୟରେ ଭାରତର ଅନେକ ସହର ରହିଛି। ଏପରିକି ପ୍ରଥମ ୧୦ଟି ସର୍ବାଧିକ ପ୍ରଦୂଷିତ ସହର ମଧରେ ରହିଛି ୫ଟି ଭାରତୀୟ ସହର; ଯଥା: ଦିଲ୍ଲୀ, ମୁଜାଫର୍ନଗର, ଗାଜିଆବାଦ, ପାଟନା ଓ ହାପୁର୍ (ଉତ୍ତର ପ୍ରଦେଶ)। ରାଜଧାନୀ ଦିଲ୍ଲୀ ହେଉଛି ବିଶ୍ୱର ଚତୁର୍ଥ ସର୍ବାଧିକ ପ୍ରଦୂଷିତ ସହର।

ଆଉ ଏକ ଖବର ମଧ୍ୟ ଆମ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ତା' ହେଉଛି ଚୀନକୁ ପଛରେ ପକାଇ ଭାରତ ହୋଇଯାଇଛି ବିଶ୍ୱର ସବୁଠୁ ଜନବହୁଳ ଦେଶ। ଜାତିସଂଘର ତଥ୍ୟାନୁଯାୟୀ ଭାରତର ଲୋକସଂଖ୍ୟା ଏବେ ୧୪୨ କୋଟି ୮୬ ଲକ୍ଷ ଏବଂ ଚୀନର ଲୋକସଂଖ୍ୟା ୧୪୨ କୋଟି ୫୭ ଲକ୍ଷ। ତଥ୍ୟାନୁଯାୟୀ ଭାରତର ଜନସଂଖ୍ୟାର ଘନତ୍ୱ ଏକ ବର୍ଗ କି.ମି ପିଛା ପ୍ରାୟ ୪୩୨ ଥିଲାବେଳେ ଚୀନରେ ଏହା ୧୫୪ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ମାତ୍ର ୩୯। ଏଠାରେ ଉଲ୍ଲେଖ ଯୋଗ୍ୟ - ଭାରତଠାରୁ କ୍ଷେତ୍ରଫଳରେ ଚୀନ ପ୍ରାୟ ୩ଗୁଣ ବଡ଼। ସେହିଭଳି ଯୁକ୍ତରାଷ୍ଟ୍ର ମଧ୍ୟ ଭାରତଠାରୁ କ୍ଷେତ୍ରଫଳ ଅନୁପାତରେ ୩ଗୁଣ ବଡ଼। କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ଲୋକସଂଖ୍ୟା ଭାରତର ଜନସଂଖ୍ୟାର ଚାରିଭାଗରୁ ଭାଗେ।

ନିକଟରେ ଜଣେ ବନ୍ଧୁ ପରିହାସରେ କହିଲେ, "ଚିନ୍ତା ନାହିଁ। ବିଜ୍ଞାନ ବହୁତ ଅଗ୍ରଗତି କଲାଣି। ଆଗାମୀଦିନରେ ହିମାଳୟ ପର୍ବତଠାରୁ ଆରମ୍ଭକରି ବିଂଧ୍ୟପର୍ବତ,ପୂର୍ବଘାଟ ଓ ପଶ୍ଚିମଘାଟ ପର୍ବତମାଳାରେ, ରାଜସ୍ଥାନ ଓ ଗୁଜରାଟର ମରୁଭୂମିରେ, ନଦୀ ଓ ହ୍ରଦମାନଙ୍କରେ ତଥା ଏପରିକି ସମୁଦ୍ରରେ ମଧ୍ୟ ଲୋକଙ୍କ ବସବାସ ଓ ଚାଷବାସ ଲାଗି ସହର କଥା କୃଷିକ୍ଷେତ୍ରମାନ ତିଆରି ହୋଇଯିବ!" ଅବଶ୍ୟ ଚନ୍ଦ୍ର କି ମଙ୍ଗଳରେ ଭାରତ ଉପନିବେଶ ସ୍ଥାପନ କରିବା କଥା ତାଙ୍କ ବକ୍ତବ୍ୟ ସହିତ ଯୋଡିବାକୁ ସେ ଭୁଲିଯାଇଥିଲେ।

ବହୁଦିନରୁ କେହି କେହି କହିବା ଶୁଣାଯାଏ ଯେ ଭାରତର ସବୁଠୁ ବଡ଼ ସମସ୍ୟା ହେଉଛି ଦୁର୍ନୀତି, ଜନସଂଖ୍ୟା ଓ ପ୍ରଦୂଷଣ (କରପ୍ସନ୍, ପପୁଲେସନ୍ ଏବଂ ପଲ୍ୟୁସନ୍)। ଆଗାମୀଦିନରେ ଏହି ସମସ୍ୟାମାନଙ୍କରୁ ମୁକ୍ତିଲାଗି ଆମର ପଦକ୍ଷେପ କ'ଣ ହେବ ତାହା ଜାଣିବାକୁ ସମସ୍ତେ ଉତ୍ସୁକ ଓ ଉତ୍କଂଠିତ ରହିବା ସ୍ୱାଭାବିକ୍।

**ଗ୍ୟାରେଜ୍ ଛକ, ଭୁବନେଶ୍ୱର**

**ଦୂରଭାଷ - ୯୪୩୭୩୫୭୦୫୦**



ଅନ୍ୟର ମଙ୍ଗଳ କରିବା ପାଇଁ ସର୍ବୋତ୍କୃଷ୍ଟ ପନ୍ଥା ହେଉଛି ନିଜେ ଭଲ ହୋଇଯିବା।

# ଯୋଗ୍ୟତମର ସନ୍ଧାନରେ ସମ୍ମାନ



ରମାକାନ୍ତ ମିଶ୍ର

ସମ୍ମାନ ଓ ଅପମାନ ଦୁଇ ସହୋଦର। ଗୋଟିଏ ମା'ର ଗର୍ଭରୁ ଦୁଇଭାଇ ଜନ୍ମ ନେବାପରି ଗୋଟିଏ ମନୁଷ୍ୟର ହୃଦୟରୁ ଜାତ ସମ୍ମାନ ଓ ଅପମାନ ମଧ୍ୟ ଦୁଇଭାଇ ପରି କହିଲେ ଅତ୍ୟୁକ୍ତି ହେବନାହିଁ। ଜଣେ ବ୍ୟକ୍ତିର ପରିତୃପ୍ତ ତଥା ଆନୁଗତ୍ୟ ପୂର୍ଣ୍ଣ ହୃଦୟରୁ ସମ୍ମାନ ଜାତ ହୁଏ ମାତ୍ର ସେହି ହୃଦୟର କ୍ରୋଧିତ ବିକ୍ଷୁବ୍ଧ ଅବସ୍ଥାରୁ ଅପମାନ ଜାତ ହୁଏ। ହୃଦୟରୁ ଜାତ ଏହି ସମ୍ମାନ ଓ ଅପମାନ ଦୁଇଭାଇ କଥା ବା କାର୍ଯ୍ୟ ରୂପରେ ଆତ୍ମପ୍ରକାଶ କରି ଚାଲିଯାଆନ୍ତି ଅନ୍ୟପାଖକୁ। ଗୋଟିଏ ହୃଦୟରୁ ଜନ୍ମ ନେଇ ଅନ୍ୟ ହୃଦୟରେ କାଳକାଳକୁ ବସା ବାନ୍ଧନ୍ତି। ଏହି ଦୁଇଭାଇ ଏକାନ୍ତ ସ୍ଥାନରେ ବା ଲୋକ ନଥିବା ସ୍ଥାନରେ ଜାତ ହୋଇ ଅନ୍ୟ ପାଖକୁ ଗଲେ ବେଶୀ ଗୁରୁତ୍ୱ ବହନ କରନ୍ତି ନାହିଁ। ମାତ୍ର ଯଦି ସଭାସମିତିରେ କିମ୍ବା ଜନଗହଳି ଭିତରେ ଏ ଦୁଇଭାଇ ଜନ୍ମ ନିଅନ୍ତି ତେବେ ଅଧିକ ଗୁରୁତ୍ୱ ବହନ କରନ୍ତି। ଏହାର ଅର୍ଥ ଏହି ଯେ ବହୁ ଲୋକମଧ୍ୟରେ ପ୍ରାପ୍ତ ସମ୍ମାନ ଯେତିକି ଖ୍ୟାତି, ପ୍ରତିଷ୍ଠା ଓ ଗୌରବ ପ୍ରଦାନ କରେ, ସେହି ସ୍ଥଳରେ ପ୍ରାପ୍ତ ଅପମାନ ସେତିକି ମର୍ମବିଦାରକ ଦୁଃଖ, ଯନ୍ତ୍ରଣା ଓ ଅକଥନୀୟ ଲଜ୍ଜା ପ୍ରଦାନ କରେ। ତେବେ ଏହି ସମ୍ମାନ ବା ଅପମାନ ପ୍ରାପ୍ତି ଜଣେ ବ୍ୟକ୍ତିର ଆଚରଣରୁ ହିଁ ହୋଇଥାଏ। ବ୍ୟକ୍ତିର ଆଚରଣ ବା କାର୍ଯ୍ୟରେ ସନ୍ତୁଷ୍ଟ ଅନ୍ୟ ବ୍ୟକ୍ତି,ସମାଜ ଓ ଅନୁଷ୍ଠାନରୁ ସମ୍ମାନ ପ୍ରାପ୍ତି ହୁଏ ମାତ୍ର ବ୍ୟକ୍ତିର ଆଚରଣ, କାର୍ଯ୍ୟକଳାପ ଯଦି ଦୋଷଯୁକ୍ତ ତେବେ ଅପମାନ ପ୍ରାପ୍ତି ହୁଏ। କେତେକ ସ୍ଥଳରେ ବ୍ୟକ୍ତି ଦୋଷମୁକ୍ତ ସଦାଚାରୀ ହୋଇ ମଧ୍ୟ ଅନ୍ୟ ଅସାଧୁ ଖଳମାନଙ୍କର ଆକ୍ରୋଶର ଶିକାର ହୋଇ ଅପମାନ ପାଇଥାଏ। ଏତଦ୍ ବ୍ୟତୀତ ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ ମନୁଷ୍ୟ ଆଜି ଯାହାଠାରୁ ଅପମାନ ପ୍ରାପ୍ତ ହୋଇଛି କାଲି ତାହାଠାରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଓ ସମ୍ମାନ ପାଇବା ବିଚିତ୍ର ନୁହେଁ। ଏହା ଅନେକ ସାଧୁ ସଚ୍ଚୋଟ ପୁରୁଷଙ୍କ ଜୀବନରେ ଘଟିଥାଏ। ଉଚ୍ଚ ପ୍ରଶଂସା, ମହାର୍ଘ ଉପହାର, ପୁରସ୍କାର ଓ ପୁଷ୍ପମାଲ୍ୟ ଆଦି ସମ୍ମାନର ସ୍ୱରୂପ ହେବାବେଳେ ତିରସ୍କାର, ଭର୍ତ୍ସନା, କଟୁକଥା, ଶାରୀରିକ ନିର୍ଯ୍ୟାତନା ଓ ଜୋତାମାଡଠାରୁ ଜୋତାମାଳ ପର୍ଯ୍ୟନ୍ତ ଅପମାନର ସ୍ୱରୂପ ହୋଇଥାଏ। ସମ୍ମାନ ପ୍ରାପ୍ତିକୁ ସୁଖ ଓ ଅପମାନ ପ୍ରାପ୍ତିକୁ ଦୁଃଖ ରୂପେ ଗଣନା କରାଯାଏ। ଗୀତାର ମହତ୍ ବାଣୀକୁ ଆଖି ଆଗରେ ରଖି ସ୍ଥିତପ୍ରଜ୍ଞ ମନନଶୀଳ ବ୍ୟକ୍ତି ସୁଖ ପ୍ରତି ବୀତସ୍ପୃହ ରହି ଦୁଃଖରେ ବିଚଳିତମନା ହୁଏ ନାହିଁ। ଆସକ୍ତି, ଭୟ ଓ କ୍ରୋଧକୁ ପରିହାର କରି ସେ ସ୍ୱକର୍ତ୍ତବ୍ୟ ପଥରେ ଅଗ୍ରସର ହୁଏ।

ଉପରୋକ୍ତ ଅନୁଚ୍ଛେଦରେ ଆଲୋଚିତ ସତ୍ୟକୁ ନେଇ ଏକ ସୁନ୍ଦର କାହାଣୀ ଦୃଷ୍ଟାନ୍ତ ସ୍ୱରୂପ ଦିଆଯାଇ ପାରେ। ଏକଦା ଜନୈକ ପଣ୍ଡିତ ବ୍ରାହ୍ମଣ ମହାରାଜ ଭୋଜଙ୍କ ସଭାରେ ଉପସ୍ଥିତ ହେଲେ। ରାଜା ଭୋଜ ଆସନରୁ ଉଠି ବ୍ରାହ୍ମଣଙ୍କୁ ପ୍ରଣାମ କଲେ। ପ୍ରଣାମ ବିନିମୟରେ ବ୍ରାହ୍ମଣ ରାଜାଙ୍କୁ ଆଶୀର୍ବାଦ ପ୍ରଦାନ କରି କହିଲେ, "ରାଜନ୍! ତ୍ରିପୀଡାସ୍ତୁ ଦିନେଦିନେ"। ଆଶୀର୍ବାଦର ଅର୍ଥ ଏହା ଯେ, ହେ ରାଜା! ତୁମକୁ ପ୍ରତିଦିନ ତିନିପ୍ରକାର ଦୁଃଖ ବା କଷ୍ଟପ୍ରାପ୍ତି ହେଉ। ତିନିପ୍ରକାର ଦୁଃଖକୁ ଭାରତୀୟ ଶାସ୍ତ୍ର ପୁରାଣରେ ତ୍ରିତାପ ଆଖ୍ୟା ଦିଆଯାଇଛି। ତାହା ହେଉଛି ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ତାପ। ଜଗତର ସମସ୍ତ ଦୁଃଖ କଷ୍ଟ ଏହି ତ୍ରିତାପର ଅନ୍ତର୍ଗତ। ଏପରି ଏକ ମନ୍ଦ ଆଶୀର୍ବାଦ ଶୁଣି ରାଜାଭୋଜ ବିସ୍ମିତ ହୋଇ ଅତ୍ୟନ୍ତ ଉତ୍‌କ୍ଷିପ୍ତ ହୋଇଗଲେ। ରାଜା ସେବକମାନଙ୍କୁ ଡାକି ସେହି ବ୍ରାହ୍ମଣଙ୍କୁ ସଭାରୁ ବିତାଡିତ କରିବା ପାଇଁ ଆଦେଶ ଦେଲେ। ସେବକମାନେ ମଧ୍ୟ ଯଥା ଶୀଘ୍ର ମହାରାଜାଙ୍କ ଆଦେଶ ପାଳନ କଲେ। ଭର୍ତ୍ସିତ ଓ ଅପମାନିତ ହୋଇ ରାଜସଭାରୁ ବହିଷ୍କୃତ ହେଲେ ପଣ୍ଡିତ ବ୍ରାହ୍ମଣ। ଆଶା କୁସୁମ ତାଙ୍କର ମଉଳି ଝଡିପଡିଲା। କିଛି ପୁରସ୍କାର ପରିବର୍ତ୍ତେ ମିଳିଲା ତିରସ୍କାର, ଅପମାନ ଆଉ ଅପମାନ।

ସତରେ ଅପମାନ କେତେ ଯନ୍ତ୍ରଣା ଦାୟକ। ମନୁଷ୍ୟ ହୃଦୟରେ ଅପମାନ ଯେଉଁ ଦାରୁଣ କ୍ଷତ ସୃଷ୍ଟି କରେ ତାହା ଯାବଜ୍ଜୀବନ ଅପୂରଣୀୟ ଓ କଷ୍ଟଦାୟକ ହୋଇଥାଏ। ମଳିନମୁଖ ଓ ଅଶ୍ରୁଳ ନୟନରେ ପଣ୍ଡିତ ବ୍ରାହ୍ମଣ ହୋଇଗଲେ ଫେରିବା ପଥର ପଥିକ। ସେହି ପଥର ବିପରୀତ ଦିଗରୁ ଆସୁଥାନ୍ତି ବିପୁଳ ପାଣ୍ଡିତ୍ୟର ଅଧିକାରୀ ମହାକବି କାଳିଦାସ। ଉଭୟେ ପରସ୍ପରର ସମ୍ମୁଖୀନ ହୋଇଗଲେ। ବ୍ରାହ୍ମଣ ଜଣକ ସହିତ କାଳିଦାସଙ୍କର ପୂର୍ବରୁ ପରିଚୟ ଥିଲା। ସେ ତାଙ୍କର ଅବସ୍ଥା ଦେଖି ଅବସାଦର କାରଣ ଜିଜ୍ଞାସା କଲେ। ପଣ୍ଡିତ ବ୍ରାହ୍ମଣ ମଧ୍ୟ ରାଜସଭାରେ ଘଟିଥିବା ଘଟଣାକୁ କାଳିଦାସଙ୍କୁ କହିଲେ। ଦ୍ରବୀଭୂତ ହେଲା କାଳିଦାସଙ୍କ କରୁଣାଶୀଳ ହୃଦୟ। ବ୍ରାହ୍ମଣଙ୍କ ପ୍ରାପ୍ତ ଅପମାନକୁ ସେ ହୃଦୟଙ୍ଗମ କରିପାରିଲେ ଓ ବହୁ ଆଶ୍ୱାସନା ଦେଇ କହିଲେ,"ତୁମେ ମନରୁ ସମସ୍ତ ବ୍ୟଥା ବେଦନାକୁ ଦୂରକରି ନିଜ ଗୃହକୁ ଯାଇ ଶାନ୍ତିରେ ବିଶ୍ରାମ କର"। ମୁଁ ଆଜି ହିଁ ରାଜସଭାରେ ତୁମ ସମସ୍ୟାର ସମାଧାନ କରିବି। ବ୍ରାହ୍ମଣ କେତେକାଂଶରେ ଆଶ୍ୱସ୍ତ ହୋଇ ଗୃହକୁ ଗଲେ। କାଳିଦାସ ରାଜସଭାକୁ ଗଲେ।

ଭୋଜରାଜାଙ୍କ ପଣ୍ଡିତ ମଣ୍ଡଳି ମଣ୍ଡିତ ରାଜସଭା। ସହସା କାଳିଦାସଙ୍କର ପ୍ରବେଶ। ରାଜା ଆସନରୁ ଉତ୍ଥିତ ହୋଇ ମହାକବିଙ୍କୁ ଯଥା ସମ୍ମାନ ଜ୍ଞାପନକରି କହିଲେ, "ହେ ମହାକବେ! ହେ ପଣ୍ଡିତ ବର୍ଯ୍ୟ! ମୋର ଏକ ପ୍ରଶ୍ନ ସମାଧାନ କରନ୍ତୁ"। ପ୍ରଶ୍ନଟି ପ୍ରକାଶ କରିବା ପାଇଁ କାଳିଦାସ କହନ୍ତେ ରାଜା କହିଲେ, "ତ୍ରିପୀଡାସ୍ତୁଦିନେଦିନେ"ଏହି ପଂକ୍ତିଟିକୁ ସାର୍ଥକ ଶ୍ଳୋକରେ ପ୍ରକାଶ କରନ୍ତୁ। ଶାସ୍ତ୍ରପାରଙ୍ଗତ ପାଣ୍ଡିତ୍ୟ ଓ ବିଚକ୍ଷଣ ବୁଦ୍ଧିମତ୍ତା ନିକଟରେ ସମସ୍ତ ପ୍ରଶ୍ନ ମଥା ଅବନତ କରନ୍ତି। ଭୋଜଙ୍କ ପାଇଁ ଯାହା ମନ୍ଦସୂଚକ ଆଶୀର୍ବାଦ ଥିଲା, କାଳିଦାସ ତାହାକୁ ନିଜ ବିଚକ୍ଷଣ ବୁଦ୍ଧିରେ ବିପରୀତ କରି ହିତସୂଚକ ଆଶୀର୍ବାଦରେ ପରିଣତ କରିଦେଲେ। ତାଙ୍କ ମୁଖ ନିଃସୃତ ଶ୍ଳୋକଟି ହେଲା,



ଅଦରକାରୀ କାର୍ଯ୍ୟରେ ଲାଗି ରହିବାଟା କାର୍ଯ୍ୟବ୍ୟସ୍ତତା ନୁହେଁ।

"ପ୍ରଦାନେ ବିପ୍ରପୀଡାସ୍ତୁ ପୁତ୍ରପୀଡାସ୍ତୁ ଭୋଜନେ
ଶୟନେପତ୍ନୀ ପୀଡାସ୍ତୁ ତ୍ରିପୀଡାସ୍ତୁ ଦିନେଦିନେ।"


ଶ୍ଲୋକଟି ଶୁଣିବାପରେ ରାଜା ଭୋଜଙ୍କର ବିସ୍ମୟର ସୀମା ରହିଲା ନାହିଁ। ଏପରି ଭାବଗର୍ଭକ ଶ୍ଲୋକାଂଶକୁ ଆଶୀର୍ବାଦ ରୂପେ ପଠନ କରିଥିବା ବ୍ରାହ୍ମଣ ପଣ୍ଡିତଙ୍କୁ ସେ ଅପମାନିତ କରି ରାଜସଭାରୁ ବିତାଡିତ କରିଛନ୍ତି। ଶ୍ଲୋକଟିର ଅର୍ଥ ଏହା ଯେ ରାଜନ୍! ଆପଣଙ୍କୁ ଦାନ କରିବାରେ ବ୍ରାହ୍ମଣ ପୀଡା ପ୍ରାପ୍ତି ହେଉ। ଅର୍ଥାତ୍ ବ୍ରାହ୍ମଣମାନଙ୍କୁ କିପରି ଅଜସ୍ର ଦାନ କରି ସନ୍ତୁଷ୍ଟ କରିବି, ଏହି ଭାବନାର କଷ୍ଟ ପ୍ରାପ୍ତ ହୁଅନ୍ତୁ। ଏହା ଦ୍ୱାରା ଆପଣଙ୍କ ଦାନଯଶ ଦିନକୁ ଦିନ ବର୍ଦ୍ଧିତ ହେଉ। ଦ୍ୱିତୀୟରେ ଭୋଜନ ସମୟରେ ନିଜ ପୁତ୍ରମାନଙ୍କୁ କିପରି ଭୋଜନ ଦେଇ ସନ୍ତୁଷ୍ଟ କରିବେ, ସେହି ଚିନ୍ତାର କଷ୍ଟ ପ୍ରାପ୍ତ ହେଉ। ଏହା ଦ୍ୱାରା ଆପଣ ପିତୃଧର୍ମ ଓ ପୁତ୍ର ବାତ୍ସଲ୍ୟ ଦିନକୁ ଦିନ ବର୍ଦ୍ଧିତ ହେବା ସହ ଆପଣଙ୍କ ଲୋକ ମୁଖରେ ଜଣେ ସନ୍ତାନ ବତ୍ସଳ ପିତା ଓ ପୋଷଣକର୍ତ୍ତା ଭାବରେ ପ୍ରଶଂସା ଲାଭ କରନ୍ତୁଓ ପୁତ୍ରମାନଙ୍କୁ ନେଇ ଆପଣଙ୍କ ରାଜପ୍ରାସାଦ ହସିଉଠୁ। ତୃତୀୟରେ ଶୟନ କାଳରେ ଆପଣଙ୍କୁ ପତ୍ନୀ ପୀଡା ପ୍ରାପ୍ତ ହେଉ। ଏହାର ଅର୍ଥ ଏହି ଯେ ସୁନ୍ଦରୀ ରାଣୀକୁ ସମ୍ଭୋଗ ଶୃଙ୍ଗାରରେ କିପରି ପରିତୃପ୍ତ କରିବେ ସେହି ଭାବନାର କଷ୍ଟ ପ୍ରାପ୍ତି ହେଉ। ଏକାଧାରରେ ଆପଣ ବିପୁଳ ଧନ, ପୁତ୍ର ଓ କଳତ୍ର ଯୁକ୍ତହୋଇ ସର୍ବଦା ସୁଖୀ ହୁଅନ୍ତୁ। ଦାନ ଗୌରବ ପୁତ୍ର ଗୌରବ ଓ ସୁନ୍ଦରୀରମଣୀ ପ୍ରାପ୍ତି ଗୌରବରେ ଆପଣ ବିମଣ୍ଡିତ ହୁଅନ୍ତୁ।

ଅନୁତାପ ଅନଳରେ ଦଗ୍ଧୀଭୂତ ହେଲେ ଭୋଜ। ଏତେ ମହତ୍ତ୍ୱପୂର୍ଣ୍ଣ ଆଶୀର୍ବଚନ ପ୍ରଦାନ କରିଥିବା ପଣ୍ଡିତଙ୍କୁ ସେ ଅପମାନ ଦେଇ ରାଜସଭାରୁ ନିଷ୍କାସିତ କରିଛନ୍ତି। ଏହି ଅପମାନକୁ ସମ୍ମାନରେ କିପରି ରୂପାନ୍ତରିତ କରିବେ ତାହା ଚିନ୍ତାକରି ସେ ରାଜଭୃତ୍ୟ ପଠାଇ ସେହି ପଣ୍ଡିତଙ୍କୁ ଡକାଇ ଆଣିଲେ। ନିଜ କୃତକର୍ମ ପାଇଁ ତାଙ୍କ ନିକଟରେ କ୍ଷମାଭିକ୍ଷା କଲେ। ବିପୁଳ ଧନ ସମ୍ପଦ ଓ ପଟ୍ଟବସ୍ତ୍ର କୁଣ୍ଡଳାଦି ପ୍ରଦାନ କରି ନିଜ ଦୋଷର ପ୍ରାୟଶ୍ଚିତ କଲେ। ବ୍ରାହ୍ମଣ ସନ୍ତୁଷ୍ଟ ହୋଇ ପୁନଃ ଆଶୀର୍ବାଦ ପ୍ରଦାନକରି ସ୍ୱଗୃହକୁ ଗମନ କଲେ।

ପ୍ରଦତ୍ତ ଗଳ୍ପରୁ ଶିକ୍ଷଣୀୟ ଏହା ଯେ କେବଳ ଜ୍ଞାନ ପାଣ୍ଡିତ୍ୟର ପରିଚୟ ନୁହେଁ। କାରଣ ଧର୍ମରାଜ ଯୁଧିଷ୍ଠିରଙ୍କ ମତରେ "ଧର୍ମଜ୍ଞଃ ପଣ୍ଡିତଃ ଜ୍ଞେୟଃ"- ଧର୍ମ ଜାଣିଥିବା ବ୍ୟକ୍ତି ହିଁ ପଣ୍ଡିତ, ଏହି ଉକ୍ତି ଅନୁସାରେ ଜଣେ ଅପମାନପ୍ରାପ୍ତ ମନୁଷ୍ୟକୁ ନିଜ ବିଦ୍ୟା ବୁଦ୍ଧିର କରିସ୍ମାରେ ସମ୍ମାନ ପ୍ରଦାନ କରାଇ ଓ ଅପମାନଦାତାଙ୍କୁ କ୍ଷମା ପ୍ରାର୍ଥନା କରାଇ ବ୍ୟକ୍ତି ମହତ୍ତ୍ୱକୁ ସଂବର୍ଦ୍ଧିତ କରିବା କ'ଣ ଜଣେ ପଣ୍ଡିତର ଧର୍ମ ନୁହେଁ କି? ସେଦିନ କାଳିଦାସଙ୍କର ପ୍ରୟାସ ଆଜିକାଲି ପଣ୍ଡିତମାନଙ୍କ ମଧ୍ୟରେ ଅଛିତ? ନିଜ ଜ୍ଞାନର ପରିଧି ପରିସୀମାକୁ ନଜାଣି ବୃଥା ଆସ୍ଫାଳନ କରି ସମ୍ମାନ ସନ୍ଧାନୀଙ୍କ ଭିଡରେ କିପରି ଠେଲିପେଲି ହୋଇ ଆଗକୁ ଯାଇ ଗୁଡାଏ ସମ୍ମାନ ସାଉଁଟିବାରେ ଆଜି କାଲିର ବିଜ୍ଞ ପଣ୍ଡିତ ସମାଜ ବ୍ୟସ୍ତ। ରତ୍ନ କେବେ କାହାକୁ ଅନ୍ୱେଷଣ କରେ ନାହିଁ। ସମସ୍ତେ ରତ୍ନକୁ ହିଁ ଖୋଜନ୍ତି। ସେପରି ସମ୍ମାନ ସର୍ବଦା ଯୋଗ୍ୟତମ ବ୍ୟକ୍ତିକୁ ଖୋଜି ଖୋଜି ତା ପାଖକୁ ଆପେ ଚାଲି ଚାଲିଯାଏ।

**ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ, ଜଟଣୀ**
**ମୋ - ୯୭୭୮୬୮୨୪୮୭**

# ଅକୁହା ମନର ଭାବନା



**ରମାକାନ୍ତ ଦାସ**

କିଛି ଆକାଂକ୍ଷିତ ନିରବତା
କିଛି ଭଙ୍ଗା ଭଙ୍ଗା ସ୍ୱପ୍ନ ଓ
କିଛି ଅକ୍ତାମକ୍ତା ପଣକୁ ନେଇ ମୋର
ମୋର ଏ ଅକୁହା ମନର ଭାବନା
ଯେଉଁ ଭାବନାକୁ
ମୁଁ ତୁମକୁ କହିପାରେ ନାହିଁ ।।

ବେଳେବେଳେ ବହୁତ କଷ୍ଟଦିଏ
ଏ ଅକୁହା ଭାବନା ସବୁ
ଅଦିନ ଝଡ଼ରେ ଭାଙ୍ଗିଯାଏ
ତୁମ ଅଜାଣତେ
ତୁମକୁ ନେଇ ଗଢିଥିବା
ସେ ପ୍ରେମର ବସାଟି
ଖୋଲା ଆକାଶର
ମୁକ୍ତ ବିହଙ୍ଗଟିଏ ହୋଇ
ଉଡିବାକୁ ଇଚ୍ଛାଥିଲେ ବି
ମୁଁ ବାରମ୍ୱାର ବନ୍ଦିହୋଇଯାଏ
ତୁମ ପ୍ରେମର ସେ ମାୟା ଜାଲରେ ।।

ଜାଣେନା କାହିଁକି........ ?
ଏ ଆଖି ପ୍ରତିମୁହୂର୍ତ୍ତରେ ଚାହେଁ
ତୁମକୁ ଦେଖିବାକୁ
ଏ ମନ ପ୍ରତିମୁହୂର୍ତ୍ତରେ ଚାହେଁ
ତୁମକୁ ଭାବିବାକୁ
ତୁମ ଅପେକ୍ଷାରେ ବିତିଯାଏ
କେତେ ଦିନ ଓ କେତେ ରାତି !!

ଜାଣିନି.............!!
ତୁମେ କେବେ ବୁଝିପାରିବ କି ନାହିଁ
ମୋ ମନର ଏ ଅକୁହା ଭାବନାକୁ
କିନ୍ତୁ, ଆଜି ବି ତୁମ ଅପେକ୍ଷାରେ
ଏ ଅମାନିଆ ଇଚ୍ଛାଗୁଡିକ
ରଙ୍ଗିନ୍ ପ୍ରଜାପତି ହୋଇ
ଡେଣା ଝାଡ଼ି ଉଡିଯାଆନ୍ତି
ମିଶିଯାଆନ୍ତି ତୁମ ଭାବନାର
ଦୂର ଦିଗ୍‌ବଳୟରେ ।।

**ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର**
**ମୋ - ୯୬୬୮୮୧୫୩୬୯**



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ, ଭବିଷ୍ୟତ ମନୁଷ୍ୟ ଗଢିବା ଦିଗରେ ସହାୟତା ମିଳେ।

# ଆଧ୍ୟାତ୍ମିକତାର ଆକାଶ



**ରାଜକିଶୋର ପାଢ଼ୀ**

ଆଧ୍ୟାତ୍ମିକ ଅନୁଭବ ଥିବା ଲୋକଟିକୁ ଆମେ ଚିହ୍ନିବା କିପରି? ତା' ପୋଷାକରୁ, ତା' ଚିତା, ମାଳା, ପତାକା କି ସେପରି କୌଣସି ନିଦର୍ଶନରୁ। ହେଇପାରେ ସେ ଭଳି ଲୋକଙ୍କ ଭିତରେ ଆଧ୍ୟାତ୍ମିକ ରୁଚିବୋଧଟିଏ ଅଛି। କିନ୍ତୁ ସେ ଯେ ଆଧ୍ୟାତ୍ମିକତାରେ ଅବଗାହୀ ନିଶ୍ଚୟ ହେଇଥିବେ ସେ ଭରସା କେହି ଦେଇପାରିବେ ନାହିଁ। ଆଧ୍ୟାତ୍ମିକତାର ପରିଚୟ ବାହ୍ୟ ପୋଷାକ, ଚିହ୍ନ, ଭୂଷଣରେ ନଥାଏ, ଥାଏ ଆତ୍ମିକ ଅନୁଭବରେ।

ଏବଂ ସେ ଅନୁଭବ ଖାଲି ବ୍ୟକ୍ତିଗତ ନୁହେଁ, ବିଶ୍ୱମୟ। ସେପରି ଲୋକ ସମଗ୍ରକୁ, ସମୁଦାୟକୁ ଦେଖେ। ଅସୀମକୁ, ନିଖିଳ ବ୍ରହ୍ମାଣ୍ଡକୁ ଗୋଟିଏ ଏକକ ଭାବରେ ସେ ଦେଖେ, ବିଚାର କରେ। ସେଇ ସମଗ୍ରତା ଭିତରେ କିଛି ଗୋଟିଏ ନିହିତ ସତ୍ୟକୁ ସେ ଆବିଷ୍କାର କରେ, ଉପଲବ୍ଧ କରେ ଓ ସମଗ୍ର ହିଁ ସେଇ ସତ୍ୟର ବିସ୍ତାରିତ, ପ୍ରସାରିତ ବା ପୁଷ୍ପିତ ରୂପ ବୋଲି ବୁଝେ। ଏଇ ବିଚିତ୍ର ବ୍ରହ୍ମାଣ୍ଡର ବିବିଧତା, ବିଚିତ୍ରତା, ବର୍ଣ୍ଣମୟତା ଭିତରେ ଗୋଟିଏ ମୌଳିକ ସଂହତିକୁ ସେ ବୁଝିପାରେ ଓ ଦେଖିପାରେ ବି କେତେ କ୍ଷେତ୍ରରେ ପାରସ୍ପରିକ ଆପାତଃ ବିରୋଧତାକୁ, ଏହା ହିଁ ତା' ଭିତରକୁ, ତା' ଅନ୍ତଃକରଣକୁ ନୂଆ ପୁଲକ, ସନ୍ତୋଷ, ଶାନ୍ତି ଦିଏ।

ଯେତେବେଳେ ସେଇ ଲୋକ ଗୋଟିଏ କ୍ଷୁଦ୍ରାତିକ୍ଷୁଦ୍ର ବା ନଗଣ୍ୟ କାମରେ, ବସ୍ତୁରେ କୌଣସି କାରଣରୁ ମନୋନିବେଶ କରିଥାଏ ସେତେବେଳେ ସେ ତାକୁ ସେପରି ନଗଣ୍ୟ, ତୁଚ୍ଛ କି ମହତ୍ୱହୀନ ଭାବେନା। ଉଦାହରଣ ସ୍ୱରୂପ ଆମେ ଦେଖିବା ଅଇଁଣ୍ଠା ପତ୍ର ଗୋଟେଇ ସଫା କରିବା, ଯୋତା ପଲିସ୍ କରିବା କି ଗୋଡ଼ ଧୋଇବା ଗୋଟିଏ ଛୋଟ କାମ ପରି ଆଧ୍ୟାତ୍ମିକ ଅନୁଭବ ଥିବା ଲୋକକୁ ଲାଗେନା। ସେ ସବୁ କାମରେ ଓ ପଦାର୍ଥରେ ଗୋଟିଏ ପବିତ୍ରତା, ମହତ୍ୱ ଓ ପରମ ସ୍ପର୍ଶ ଖୋଜିପାଏ। ସେଇ ପଦାର୍ଥ ଓ କର୍ମକୁ ଯେପରି ଗୋଟିଏ ଭିନ୍ନ ଚେତନାରେ ଗ୍ରହଣ କରେ। ସାଧାରଣ ମଣିଷ ଭିତରେ ଏଇ ଭାବରେ ଔପଚାରିକତା ଆମେ ଦେଖୁ। ମାତ୍ର ଗଭୀର ଗ୍ରହଣୀୟତା ସେଥିରେ ନଥାଏ। ଯେପରି ଯେ କୌଣସି ଗୋଟିଏ ଦ୍ରବ୍ୟରେ ଆମେ ଗୋଡ଼ ବାଜିଗଲେ 'ବିଷ୍ଣୁ' କହନ୍ତି, ଅର୍ଥାତ୍ ବିଷ୍ଣୁମୟ ଜଗତର ଭାବଟିଏ, ଚେତନାଟିଏ ଆମର ରହିବା କଥା, ମାତ୍ର ତା' ନରହି ଖାଲି ଅବଲୀଳା କ୍ରମେ ଅର୍ଥହୀନ ଭାବରେ ଶବ୍ଦଟିଏ ଉଚ୍ଚାରିତ ହୋଇଯାଏ। ଏଥିରୁ ବୁଝାଯାଏ ଆଧ୍ୟାତ୍ମିକ ଅନୁଭବୀ ବିନ୍ଦୁ ଭିତରେ ସିନ୍ଧୁ ବା ଧୂଳି ଭିତରେ ଧରାକୁ ଦେଖୁଥାଏ। ଯା' ଦୃଶ୍ୟମାନ ତାକୁ ଦେଖେ, ଆନନ୍ଦିତ ହୁଏ, ସେଇ ସାମାନ୍ୟ କାମରେ ସେ ଅସାମାନ୍ୟକୁ ବି ଖୋଜିପାଏ। ତା'ର ସାରତତ୍ତ୍ୱ, ମୂଳାଧାର କି ବିଭୂତିକୁ ଅଭିନିବିଷ୍ଟ ହେଇ ଲକ୍ଷ୍ୟ କରେ ଓ ବୁଝେ।

ସେ ଦେଖିବା ଭିତରେ ବିଶ୍ୱରୂପକୁ ସେ ଅନୁମାନ କରେ ଅନୁଭବ କରେ। ଗୀତାର ବିଭୂତିଯୋଗ ଭିତରେ ବିଶ୍ୱମୟତାଟିଏ ଆବିଷ୍କୃତ ହୁଏ। କିଛି କେଉଁଠି ବ୍ୟବଧାନ କି ଅସଂହତି ଥିଲା ପରି ଲାଗେନା। ମାୟା ବୋଲି ଯାହାକୁ କୁହାଯାଏ ତା' ଭିତରେ ସେ ମାୟାଧରଙ୍କ ଲୁଚୁକାଳି ଖେଳ ଦେଖି ତାଂକୁ ଖୋଜିପାଏ। ବିମୋହିତ ହୁଏ। କୌଣସି ପକ୍ଷକୁ ଅସ୍ୱୀକାର କରେନା, ଉଭୟ ଭିତରେ ସତ୍ୱ ସମାହିତ ବୋଲି ଭାବେ।

ସେଥିରୁ ଆସେ ଆଉ ଗୋଟିଏ ଭାବନା। ସେଇ ବିଶ୍ୱମୟତାରୁ ବିଚ୍ଛିନ୍ନତାର ଭାବନା, ଆଧ୍ୟାତ୍ମିକ ଦର୍ଶନରେ ଯେ ଅଛନ୍ତି, ତାଙ୍କର ନଥାଏ। ସବୁରି ସହିତ ସବୁ କିଛିର ଅନାହତ ସଂପର୍କଟିଏ ଅଛି, ସଂଲଗ୍ନତା ଅଛି, ପାରସ୍ପରିକ ନିର୍ଭରଶୀଳତା ଅଛି, ଅନୁବନ୍ଧନ ଅଛି। ଏପରି ଏକ ମୌଳିକ ବିଜ୍ଞାନ ସମ୍ମତ ମୂଳତତ୍ତ୍ୱ ସହ ସେ ଥାଆନ୍ତି ସମ୍ମତ ହୋଇ। ତେଣୁ କାହାକୁ କରନ୍ତି ନାହିଁ ସେ ଅବଜ୍ଞା।

ଆଧ୍ୟାତ୍ମିକ ଅନୁଭବୀ ଜଣକ ନିଜକୁ କେଉଁ ପାଚିରି, ବାଡ଼ କି ସୀମା ଭିତରେ ବାନ୍ଧି ରଖେନା। ସେ ସମଗ୍ରର ହୁଏ ଓ ସମଗ୍ର ହୁଏ ତା'ର। ପିଣ୍ଡ ଭିତରେ ବ୍ରହ୍ମାଣ୍ଡ ଓ ବ୍ରହ୍ମାଣ୍ଡ ଭିତରେ ପିଣ୍ଡ କଥାଟି ତା'ର ହୁଏ ପ୍ରତିନିୟତ ଅନୁଭବ। ଏଇଟି ଗୋଟିଏ ସନ୍ଥ ଦୃଷ୍ଟି, ସନ୍ଥର ବିଚାରବୋଧ, ସେ ଗୋଟିଏ ଛୋଟିଆ କୁଡ଼ିଆ କି ଅଜ୍ଞାତ ଗୁମ୍ଫାରେ ଥିଲେ ବି ସେ ସୃଷ୍ଟି ରୂପକ ଜନନୀର ସ୍ନେହମୟ କୋଳରେ ଅଛି ବୋଲି ଅନୁଭବ କରେ।

ଦେଶ, ଜାତି, ଭାଷା, ସଂପ୍ରଦାୟ, ବର୍ଣ୍ଣ, ଲିଂଗ, ଉପାଧି କି ଆସନର ନିର୍ଣ୍ଣାୟାତ୍ମକ ନିୟମଟିଏ ସେ ସବୁ ସହିତ ଯୋଡ଼ି ହୋଇ ବାହାରକୁ ଦିଶୁଥାଏ। ଆଧ୍ୟାତ୍ମିକତାରେ ସିଦ୍ଧ ଜଣକୁ ଏଇ ସବୁ ବାହ୍ୟିକତା ପ୍ରଭାବିତ କରେନା। ସେ ତା' ଭିତରେ ଥିବା ମଣିଷଟିର ଚେତନାଗତ ଉତ୍ତରଣକୁ ହିଁ ଦେଖେ ଓ ସେଇ ବନ୍ଧନରେ ସେ ଅଟକେ ନାହିଁ। ସେ ସବୁର ଊର୍ଦ୍ଧ୍ୱରେ ରହି ବିଧି ବ୍ୟବସ୍ଥା ଦେଖୁଥାଏ, କିନ୍ତୁ ଛନ୍ଦି ହୁଏନା ସେଥିରେ। ତା' ସୂକ୍ଷ୍ମ ବିଚାରବୋଧରେ, ପ୍ରଜ୍ଞାରେ ସେ ଜାଣେ ଗୋଟିଏ ଅଖଣ୍ଡ ସମାବେଶିକ ଜୀବନସ୍ରୋତ ବା ସୃଷ୍ଟି ପ୍ରବାହର ଉତ୍ସଟିଏ ସବୁଠି ପ୍ରବହମାନ। ସେ ସ୍ରୋତର ଆମେ ସବୁ ଅବିଭକ୍ତ ଜଳବିନ୍ଦୁ। ଆମ ଭିତରେ ମୌଳିକ ଭାବରେ କିଛି ଉଲ୍ଲେଖଯୋଗ୍ୟ ଦୂରତା ନାହିଁ। ଯା' ଅଛି ତା' ଖାଲି ସେଇ ଚେତନାଗତ। ଏପରି ଗୋଟିଏ ବୋଧଗମ୍ୟତା ହିଁ ସନ୍ଥମାନଙ୍କୁ ଦିଏ ଜୀବନର ପ୍ରେରଣା, ଅନୁରାଗର ଉତ୍ସ ହେଇ। ସେ ଶ୍ୱାନ, ଶୂକର, ହସ୍ତୀ, କୀଟ, ପତଙ୍ଗ, ପ୍ରାଣୀ କି ପଣ୍ଡିତ ଓ ମୂର୍ଖଙ୍କ ଭିତରେ ଗୋଟିଏ ସମତଳରେ ଠିଆ ହବାର ଦୃଷ୍ଟିଟିଏ ଅର୍ଜନ କରନ୍ତି। କାହାକୁ କରିପାରନ୍ତି ନାହିଁ ଅଜ୍ଞା କି ବର୍ଜ୍ଜ।

ସେପରି ଲୋକ କାହାକୁ ଦବ ଆଡ଼େଇ ପାଖରୁ। ଇତର ଅକିଂଚନ, ଅପଦାର୍ଥ, ଅପାଂକ୍ତେୟ କହି କରିବ ଅନାଦର! ସେ ଜାଣେ ଏଇ ସୁନ୍ଦର ସୃଷ୍ଟିକୁ



ଅଳସୁଆ ଲୋକର କାନକୁ ଆସନ୍ତାକାଲିର କଥାଟି ଖୁବ୍ ଚମତ୍କାର ଲାଗେ।

ଶୋଭନୀୟ, କଲ୍ୟାଣମୟ, ଜୀବନମୟ କରିବାରେ ଜୀବଜଗତ, ଉଦ୍ଭିଦଜଗତ, ମହାପ୍ରକୃତି, ପଂଚଭୂତ ଓ ଗୋଟିଏ ଅଲଙ୍ଘ୍ୟ ଅଦୃଷ୍ଟ ପ୍ରାୟ ବିଧିର ପ୍ରୟୋଜନ ଅଛି। ଏଇ ସୃଷ୍ଟି ଭିତରେ ସେଇ ନିୟାମକ ଜଣକ, ବ୍ୟକ୍ତି ବିଶେଷ ଅର୍ଥରେ ନୁହେଁ, ପରମ ପ୍ରତିଭାତ ବୋଲି ଗଭୀର ପ୍ରତ୍ୟୟ ଜନ୍ମେ। ସେ ସାକାର ଓ ନିରାକାର, ସେ ଶୂନ୍ୟ ଓ ପୂର୍ଣ୍ଣ, ସେ ସଗୁଣ ଓ ନିର୍ଗୁଣ, ସେ ବର୍ଣ୍ଣମୟ ଓ ଅବର୍ଣ୍ଣନୀୟ। ଏଇପରି ତାଂକୁ ଅଭିହିତ କରାଯାଏ, ଅନୁମାନ କରାଯାଏ, ଅନୁଭବ କରାଯାଏ।

ଅତି ସରଳ, ସ୍ୱାଭାବିକ ଭାବରେ ଆମେ ବୁଝନ୍ତି 'ସକଳ ଘଟେ ନାରାୟଣ' ବା 'ଯା' ଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା'ର ତାତ୍ପର୍ଯ୍ୟ। କିନ୍ତୁ ପ୍ରକୃତରେ ବୁଝନ୍ତି ନାହିଁ କିଛି। କାରଣ ଏପରି କହିଦବା, ପଢ଼ିଯିବା, ଘୋଷି ଦବାରେ ଆମ ଭିତରଟା ବଦଳି ନଥାଏ। ଆମେ ସବୁଠି ସେଇ ଦିବ୍ୟ ସତ୍ତାକୁ ଖୋଜି ପାଆନ୍ତି ନାହିଁ। ଅନୁଭବ କରିପାରନ୍ତି ନାହିଁ। ଆମର ଆଧ୍ୟାତ୍ମିକତା ଜମା ପାକଳ ହୋଇନଥାଏ। ବଡ଼ କଂଚା ଆମ ଅନୁଭବ।

ଏତିକି ଜାଣିଲେ ଅର୍ଥାତ୍ ଆମ ଅନ୍ତଃକରଣରେ ସ୍ୱୀକାର କଲେ ଜଣେ କାହାକୁ ହୀନ ଦୃଷ୍ଟିରେ ନୀଚ ବୋଲି ଭାବିପାରେନା, ଅବଜ୍ଞା କରିପାରେନା, ଅମର୍ଯ୍ୟାଦା କରେନା, ସବୁଠି ସବୁରି ଭିତରେ ପରମସତ୍ତାକୁ ଖୋଜେ, ପାଏ, ଦେଖେ, ଅଭିଭୂତ ହୁଏ ଓ ପୂର୍ଣ୍ଣାନୁଭବ ସହିତ ନିଜେ ପୂର୍ଣ୍ଣ ହେଉଥାଏ ଓ ଏକାବେଳକେ ଶୂନ୍ୟ ବି ହେଉଥାଏ। ଅର୍ଥାତ୍ ସବୁଠି ଥାଇଁ ଏଣେ ସବୁଠାରେ ବାନ୍ଧି ନ ହୋଇ ମୁକୁଳି ଯାଉଥାଏ। ବନ୍ଧନରେ ଥାଏ ମୁକ୍ତ ହେଇ। ବାହାରୁ ସେ କିଛି ଖୋଜିବା ଛାଡ଼ି ଆଗେ ନିଜ ଭିତରେ ଖୋଜେ, ଅନୁଭବ କରେ। ନଥାଏ ଭିତରେ କିଛି ଦାରିଦ୍ର୍ୟ, ଥାଏ ପୂର୍ଣ୍ଣାନନ୍ଦ ଆଡ଼କୁ ଗତିଶୀଳତା। ସେ ସମ୍ମାନ ଖୋଜେନା, ସମ୍ମାନ ଦିଏ ଆଗେ।

ଆମେ ଯେଉଁ ଧାର୍ମିକତାରେ, କର୍ମକାଣ୍ଡରେ, ଔପଚାରିକତାରେ ଥାଆନ୍ତି ସାଧନା ପାଇଁ କି ସିଦ୍ଧି ପାଇଁ ବା କିଛି ଆଧ୍ୟାତ୍ମିକତାର ମର୍ମ ଉପଲବ୍ଧି ପାଇଁ ଏସବୁକୁ ଶିଢ଼ିର ପାହାଚ ଭାବରେ ବ୍ୟବହାର କରାଯାଇପାରେ। ତା' ଭିତରେ ଥାଇ, ତାକୁ ଲଙ୍ଘି ବହୁ ଉପରକୁ ଯିବାକୁ ପଡ଼େ। ଯଦି ଆଗକୁ ନ ବଢ଼ି ସେଇଠି ଆଜୀବନ ପଡ଼ି ରହିବାକୁ ହେଲା, ସେଇ ମୁଣ୍ଡୁଳା ଭିତରେ ଖଡ଼ି ସିଲଟରେ ରହିଲେ ତା' ଗୋଟିଏ ସେଠି ବନ୍ଧନ, ସୀମାବନ୍ଧନ, ସଂକୁଚିତ ଆଶ୍ରୟ ବୋଲି ଗୃହୀତ ହେବ। ଅସୀମ ଆକାଶର ଆକଳନ ପାଇଁ ଆମ ଅନ୍ତର୍ମୁଖୀ ପ୍ରସାରିତ ଦିବ୍ୟଦୃଷ୍ଟି କେବେ ଖୋଲିବ ଆଉ ବୁଝି ହବ ନାହିଁ।

ଗୋଟିଏ ଜାଗାରେ ଅଟକି ଛତା ପୋତି ବସିଲେ, ଦୃଷ୍ଟି ଆଉ ଦିବ୍ୟତା ଆଡ଼କୁ ଗତି କରିବ ତ? ଖଣ୍ଡିତ ଆକାଶରୁ ଅସୀମ ଆକାଶ ଆଡ଼କୁ ବିଚାର ପ୍ରସାରିତ ହବ ତ? ପ୍ରତି ମଣିଷ ଜଣେ ଅବୋଲକରା ପରି ନୂଆ ନୂଆ ପ୍ରଶ୍ନ ପଚାରିବା କଥା। ଆହୁରି ଅଜଣାକୁ ଜାଣିବା ଲାଗି, ଅଦେଖାକୁ ଦେଖିବା ଲାଗି, ଅନନୁଭବକୁ ଅନୁଭବ କରିବା ଲାଗି। ସେ ଭିତରେ ବ୍ୟାକୁଳ ଥିଲେ ହିଁ ବାନ୍ଧି ନହୋଇ ଆଗକୁ ଯିବାକୁ ଗୋଡ଼ ବଢ଼େଇବ। ତା' ପ୍ରଶ୍ନର ଉତ୍ତର ପାଇବ। ଆକାଶ ଆହୁରି ଫର୍ଚ୍ଚା ଦିଶିବ। ଏଇ ଖୋଜିବାଟା ଗୋଟିଏ ଅତୃପ୍ତି ଆଧ୍ୟାତ୍ମିକତାର। ସେଇ ଅତୃପ୍ତିରୁ ଆନନ୍ଦ ଆସେ, ସେଇ ଅଭିଯାନରୁ ନୂଆ ଆଲୋକ ଛୁଟେ। ଅନ୍ଧାର ଦୂରେଇଯାଏ। ଆଲୋକ ପଥର ଯାତ୍ରୀ ଜଣେ ଆଧ୍ୟାତ୍ମିକ ପୁରୁଷ। ସେ ଗତି କରୁକରୁ ସମୟ ସରିଯାଇପାରେ। ଆଲୋକର ପୂର୍ଣ୍ଣ ରୂପ ନ ଦିଶିପାରେ। ନ ଦିଶିପାରେ ପୂର୍ଣ୍ଣ ଆକାଶ, କିନ୍ତୁ ଥାଉ ତା' ପାଇଁ ଟିକିଏ ବ୍ୟାକୁଳତା, ଥାଉ ତା' ପାଇଁ ଗତିଶୀଳତା। ଯେ କେହି ମଣିଷଠାରୁ ଏତିକି ହିଁ ଆଶା କରାଯାଇ ପାରିବ, ସେ ଯେ କେହି ହେଉ।


କୋଟପୁର, ଯାଜପୁର, ୭୫୫୦୦୮
ମୋ - ୯୯୩୭୫୫୧୫୭୭


## ମୁଁ ଆଉ ମୋ'ର



**ଶ୍ରୀ ପ୍ରଭୁ ଚରଣ ପତି**

ମୁଁ ଆଉ ମୋ'ର, ଏ ତ ଅଟେ ମାୟାପୁର,
ମୁଁ ଅଟେ ତୋ'ର ମନ ହୀନ ଅହଂକାର,
ମୋ'ର, ଅଟଇ ମାୟା ମୋହ ବାଲିଘର ।। ୧ ।।

ମୁଁ ଆଉ ମୋ'ର, ମାୟାର ଅମା ଅନ୍ଧାର,
ମୁଁ ଅଟେ ତୋ'ର ମନର ଦାନବ ବୀର,
ମୋ'ର ଟି ଧୃତରାଷ୍ଟ୍ର ଅନ୍ଧଚକ୍ଷୁ ତୋ'ର ।। ୨ ।।

ମୁଁ ବୋଲି ଯେଉଁ ଶରୀର ନେଇ ତୁ ଖୁସି,
ସମୟ ବଳରେ ବଳ ତୋ' ଯିବ ଖସି,
ବାଡ଼ିଟେ ଧରି ଦୁଆରେ କାନ୍ଦିବୁ ବସି ।। ୩ ।।

ମୁଁ ବୋଲି କି ଶରୀର ହେଲେ ବ୍ୟାଧିଗ୍ରସ୍ତ,
ମୋ'ର ବୋଲି ସମ୍ପତ୍ତି ହେବ ସବୁ ବ୍ୟର୍ଥ,
ମୁଁ ଆଉ ମୋ'ର, ଦାନବ ହୋଇବ ଅସ୍ତ ।। ୪ ।।

ମୁଁ'ର ଶରୀର କାଲି ମିଶିବ କ୍ଷିତିର,
ମୋ'ର ସମ୍ପତ୍ତି ଯେତେ ସୁନା ରୂପା ହାର,
ଭାଗବାଣ୍ଟ କରି ନେଇଯିବେ ଜ୍ଞାତିର ।। ୫ ।।

ବେଳ ଥାଉ ପ୍ରବନ୍ଧ, ବାନ୍ଧ ତୁହି ବନ୍ଧ,
ମୁଁ ଆଉ ମୋ'ର, ଦାନବକୁ କରି ବଧ,
ମୁକ୍ତି ଲଭି ସର୍ବେ କର ବ୍ରହ୍ମ ସାନିଧ ।। ୬ ।।


**ସାହାଡ଼ା ପଡା, ବଳଙ୍ଗା, ପୁରୀ**
**ମୋ - ୮୩୩୮୦୦୮୧୪୫**




ଅତି ମାତ୍ରାରେ ଗାମ୍ଭୀର୍ଯ୍ୟ ଅନେକ ସମୟରେ ଅହଂଭାବର ସୂଚନା ଦିଏ।

# ଆମ ବଳିଷ୍ଠ ନେତୃତ୍ୱର ଐତିହ୍ୟ ଓ ସଂସ୍କୃତି



**ଉମାଶଙ୍କର ପ୍ରସାଦ**

ସ୍ୱାଧୀନୋତ୍ତର ଭାରତୀୟ ରାଜନୀତିରେ ବହୁ ରାଜନୈତିକ ଦଳର ଆବିର୍ଭାବ ଘଟିଛି, ଏବେ ମଧ୍ୟ ଘଟୁଛି। ସ୍ୱାଧୀନତା ଆନ୍ଦୋଳନକୁ ସଫଳ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା କଂଗ୍ରେସ ଆଜି ଦିଗହରା ଅବସ୍ଥାରେ। ଏହି ଦଳର ବହୁ ନେତା ନିଜ ଦଳର ଆଦର୍ଶ ଓ କର୍ମପନ୍ଥା ପ୍ରତି ବୀତସ୍ପୃହ ହୋଇ ଭିନ୍ନ ଭିନ୍ନ ଦଳ ଗଠନ କଲେ। ଅନ୍ୟ କେତେକ ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ବିଭିନ୍ନ ଦଳରେ ଯୋଗ ଦେଲେ। ଏବେ ମଧ୍ୟ କଂଗ୍ରେସ ଦଳ ମଧ୍ୟରେ ମତଭେଦ ବଢ଼ି ବଢ଼ି ଚାଲିଛି। ମନେପଡେ ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ କଥା। ଶାସନ ବିଧେୟକ ସଭାର ଅନ୍ତିମ ଦିବସରେ ଉଦ୍‌ଯାପନୀ ଭାଷଣ ପ୍ରସଙ୍ଗରେ ସଭ୍ୟମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ, "If the people who are elected are capable and men of integrity and character, they will be able to make the best even of a defective constitution. If they are lacking in those qualities, no constitution can help the country. After all, a constitution, like a machine, is a lifeless thing. It requires life because of the men who made it, control and operate it." ମହାଭାରତର 'ନ ମାନୁଷାତ୍ ଶ୍ରେଷ୍ଠତରମ୍ ହି କିଞ୍ଚିତ୍' ଭଳି ଅଧ୍ୟକ୍ଷଙ୍କ ମନ୍ତବ୍ୟ ଏକ ସାର୍ବଜନୀନ ସତ୍ୟ ଥିଲା। ଗଣଶାସନରେ ମଧ୍ୟ ବ୍ୟକ୍ତି ବା ନାଗରିକ ଉପରେ ଗୁରୁତ୍ୱ ଦିଆଯାଇଛି। ଜଣେ ଯେତେ ଜ୍ଞାନୀ, ଗୁଣୀ ଓ ବିଚାରଶୀଳ ହେଉନା କାହିଁକି ତା'ର ନିଷ୍ପତ୍ତିରେ ତ୍ରୁଟି ରହିବା ସ୍ୱାଭାବିକ। ସେଥିପାଇଁ ଗଣତନ୍ତ୍ରରେ ସାମୂହିକ ନିଷ୍ପତ୍ତି ବା ନିର୍ଦ୍ଧାରଣ ଉପରେ ଧ୍ୟାନଦିଆଯାଇଥାଏ। ଆଲୋଚନା ଓ ବିଚାର ବିମର୍ଶ ମାଧ୍ୟମରେ ଦଳର ବା ସଂସଦର ସମସ୍ତ ସଭ୍ୟ ସ୍ୱାଧୀନ ଭାବେ ନିର୍ଭୟରେ ସ୍ୱମତ ପ୍ରକାଶ କରିବାର ସୁଯୋଗ ରହିଛି। ଏହି ଆଲୋଚନାର ନିଷ୍କର୍ଷ ହୋଇଥାଏ ଗଣତାନ୍ତ୍ରିକ ସିଦ୍ଧାନ୍ତ।

ମାତ୍ର ଆଜି ସଂସଦ ହେଉ ବା ବିଧାନ ସଭା ହେଉ ସେଠାରେ ସାମୂହିକ ଆଲୋଚନା ସ୍ୱପ୍ନ ପ୍ରାୟ ହୋଇଯାଇଛି। ସତ୍ତାରୁଢ଼ ଶାସକଦଳ ନିଜର କ୍ଷମତା ତଥା ସଂଖ୍ୟା ବଳରେ ନିଜର ବିଚାରଧାରାକୁ ଗଣତନ୍ତ୍ର ଉପରେ ଲଦି ଦେଉଛି। ଆଜି ସଂସଦରେ ୨୩୩ ଜଣ ସାଂସଦ ବିଭିନ୍ନ ଅପରାଧିକ ମାମଲାରେ ଜଡିତ ରହିଛନ୍ତି ଏବଂ ୪୪ ପ୍ରତିଶତ ସାଂସଦ ୨୦୦୯ ମସିହାରୁ ବିଭିନ୍ନ ଅପରାଧ, ହତ୍ୟା, ହତ୍ୟା ଉଦ୍ୟମରେ ଲିପ୍ତ ରହି ଆୟ ବହିର୍ଭୂତ ସମ୍ପତି ଠୁଳ କରିଛନ୍ତି। ଅନେକ ମନ୍ତ୍ରୀ ମଧ୍ୟ ବିଭିନ୍ନ ମୋକଦ୍ଦମା ଓ ଭ୍ରଷ୍ଟାଚାର ମାମଲାରେ ଛନ୍ଦି ହୋଇଛନ୍ତି। ତଥାପି ଜନସାଧାରଣଙ୍କ ପାଖରେ ପ୍ରଗଳ୍‌ଭ ହୋଇ ବାହାସ୍ଫୋଟ ମାରିଲେ ମଧ୍ୟ ଭ୍ରଷ୍ଟାଚାର ତାଙ୍କ ଅସ୍ଥି ମଜ୍ଜାରେ ବସା ବାନ୍ଧିଛି। ଜନସାଧାରଣଙ୍କ ଆଖିରେ ମ୍ୟାଜିକ ଗୁଣ୍ଡ ଛାଟି ରାଜନୀତିର ଆତସବାଜି ଖେଳ ଦେଖାଉଛନ୍ତି ଆମ ନେତୃବୃନ୍ଦ।

କିନ୍ତୁ ଏ ପବିତ୍ର ମାଟିରେ ଏପରି ବି ନେତା ଥିଲେ ଯାହାଙ୍କ କାର୍ଯ୍ୟ ଆଜିବି ହୃଦୟରେ ନିନାଦିତ ହେଉଛି। ସ୍ୱାଧୀନ ଭାରତର ଜଣେ ପ୍ରଭାବଶାଳୀ ଅକୁତୋଭୟ, ନୀତିନିଷ୍ଠ ନେତାଙ୍କ ଜୀବନଧାରା ଏଠାରେ ଉଲ୍ଲେଖଯୋଗ୍ୟ। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଥିଲେ ଉପପ୍ରଧାନମନ୍ତ୍ରୀ। ସେ ଭାରତୀୟ ରାଜନୀତିରେ ଲୌହମାନବ ଭାବେ ପରିଚିତ। ତାଙ୍କ ପରିବାରରେ ଥିଲେ ତାଙ୍କ ଝିଅ ମଣିବେନ୍ ଓ ପୁଅ ଦୟାଭାଇ। ଦିନକର କଥା, ସର୍ଦ୍ଦାରଜୀ ନିଜ ଆବାସିକ ବାସଭବନରେ କାର୍ଯ୍ୟରତ ଥାନ୍ତି। ଏହି ସମୟରେ ମହାବୀର ତ୍ୟାଗୀ ଓ ରାଜକୁମାରୀ ଅମୃତ କାଉର ତାଙ୍କ ପାଖେ ପହଂଚିଥିଲେ। ସର୍ଦ୍ଦାର ତାଙ୍କଠାରୁ ଭଲ ମନ୍ଦ ପଚାରି ବୁଝୁଥିଲାବେଳେ ଝିଅ ମଣିବେନ୍ ଚା' ଧରି ଆସି ପହଞ୍ଚିଲେ। ତ୍ୟାଗୀ ମହାଶୟ ଚା' କପ୍ ନେଉ ନେଉ ମଣିବେନ୍‌ର ତାଳିପକା ଶାଢୀ ଉପରେ ତାଙ୍କର ନଜର ପଡିଲା। ପ୍ରଗଳ୍‌ଭ ତ୍ୟାଗୀଜୀ ମନ୍ତବ୍ୟ ଦେଇ କହିଥିଲେ- ତୁମ ପିତା ହେଉଛନ୍ତି ମହାମହିମ ଉପପ୍ରଧାନମନ୍ତ୍ରୀ। ତୁମକୁ ସାତସିଆଁ ଶାଢୀ ଶୋଭାପାଏ ନାହିଁ। ମଣିବେନ୍ ସଂଭ୍ରମତାର ସହ ବୈଠକ କୋଠରୀରୁ ନିଷ୍କ୍ରାନ୍ତ ହୋଇଗଲେ କେବଳ ସାମାନ୍ୟ ହସି ଦେଇ। ଏହି ସମୟରେ ରାଜକୁମାରୀ ଅମୃତ କାଉର୍ ସର୍ଦ୍ଦାରଜୀଙ୍କ ଚଷମାର ଗୋଟିଏ ପାଖ ନାଡିର କାମ ଚଳାଉଥିବା ସୂତାଖିଅକୁ ଦେଖାଇଦେଲେ। ବିନମ୍ରତାର ସହ ସର୍ଦ୍ଦାରଜୀଙ୍କୁ ତ୍ୟାଗିଜୀ ଏ ସବୁର କାରଣ ପଚାରିଲେ। ସର୍ଦ୍ଦାରଜୀଙ୍କ ଉତ୍ତର ଥିଲା ସ୍ୱଷ୍ଟ ଓ ସତ୍ୟ ଉପରେ ଆଧାରିତ। ସ୍ୱାଧୀନତା ଆନ୍ଦୋଳନ ସମୟରୁ ନିଜ ନିଜ ହାତକଟା ସୂତାର ଲୁଗା ପିନ୍ଧିବାରେ ବାପଝିଅ ଅଭ୍ୟସ୍ତ ଥିଲେ। ଉପପ୍ରଧାନମନ୍ତ୍ରୀ ହେବା ପରେ ରାଷ୍ଟ୍ରୀୟ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଲାଗି ଯିବାପାଇଁ ହେଉଥିବାରୁ ଅଧିକ ହଳେ ଦୁଇ ହଳ ପୋଷାକର ଆବଶ୍ୟକତା ସେ ଅନୁଭବ କରୁଛନ୍ତି। ଫଳରେ ମଣିବେନ୍ ତାଙ୍କ ପାଇଁ ବ୍ୟସ୍ତ ରହୁଥିବାରୁ ନିଜର ଶାଢୀ ପ୍ରତି ଦୃଷ୍ଟି ଦେଇପାରୁ ନାହାଁନ୍ତି। ସ୍ୱାଧୀନତା ପରେ ପରେ ମହାତ୍ମା ଗାନ୍ଧୀ ସାଂସଦମାନଙ୍କର ଦରମା ୩୨ ଟଙ୍କାରୁ ୩୪ ଟଙ୍କା କରିବା ସପକ୍ଷରେ ନଥିଲେ। ତାକୁ ହିଁ ଦୃଷ୍ଟିରେ ରଖି ମନ୍ତ୍ରୀମାନଙ୍କର ବେତନ ନିର୍ଦ୍ଧାରିତ ହୋଇଥିଲା। ସ୍ୱଳ୍ପ ବେତନ ଓ ଭତ୍ତାର ବହୁ ଅତିଥିଙ୍କୁ ଚର୍ଚ୍ଚା କରିବା ସକାଶେ ପଡୁଥିଲା। ଚଷମାଟିଏ ସେ ପାର୍ଲିଆମେଣ୍ଟ ଓ ବାହାରର ସଭାସମିତି ପାଇଁ ରଖିଛନ୍ତି। ନିଜ ଗୃହରେ ବ୍ୟବହାର କରୁଥିବା ଚଷମା ବଦଳାଇବା ନିମନ୍ତେ ସମୟ ନାହିଁ କି ଆବଶ୍ୟକ ଅର୍ଥ ମଧ୍ୟ ନାହିଁ। ପୁଅ ଦୟାଭାଇ ବମ୍ବେ ନଗରୀରେ କାରଖାନାଟିଏ ବସାଇବାର ଅଭିଳାଷ ରଖି ଥରେ ପିତାଙ୍କର ସୁପାରିସ ପାଇଁ ଅନୁରୋଧ କରିଥିଲେ। ସର୍ଦ୍ଦାର କ୍ଷିପ୍ତ ହୋଇ



ଅନ୍ୟମାନଙ୍କୁ ପ୍ରଶଂସା କରିବା ଦ୍ୱାରା ତୁମେ ମନକୁ ହିଁ ଉନ୍ନତ କରୁଛ।

ଉଠିଥିଲେ। ତା ପରଠାରୁ ସେ ସର୍ଦ୍ଦାରଙ୍କ ସାକ୍ଷାତ ପାଇଁ ଆବଶ୍ୟକ ମନକଲେ ଅନ୍ୟମାନଙ୍କ ଭଳି ଅନୁମତି ନେଇ ଆସିବା ଲାଗି କହିଥିଲେ। ଏହାଥିଲା ଆମ ବଳିଷ୍ଠ ନେତୃତ୍ୱର ଐତିହ୍ୟ ଓ ସଂସ୍କୃତି। ଉଚ୍ଚ ପଦବୀର ସେ ଆଶ୍ରିତ ହୋଇ ନ ଥିଲେ। ପଦବୀ ହିଁ ତାଙ୍କୁ ଆଶ୍ରୟ କରିଥିଲା। ଆଜିର ଭ୍ରଷ୍ଟାଚାର ଯୁଗରେ ଆମ ମନ୍ତ୍ରୀ ଓ ନେତାମାନେ ପଦ ମର୍ଯ୍ୟାଦାର ଦୟନୀୟ ଶିକାର ହୋଇଯାଉଛନ୍ତି। ଏ ସମୟର ବିଳାସ ମନସ୍କ ରାଜନେତା ପାଖେ ପଟେଲଜୀଙ୍କ ଜୀବନଧାରା ଏକ କଳ୍ପକାହାଣୀ ଭଳି ପ୍ରତେ ହୋଇପାରେ, କିନ୍ତୁ ତାହା ନିରାଟ ସତ୍ୟ ଉପରେ ପ୍ରତଷ୍ଠିତ।

**ଭଗତ ଲେନ୍, ମେନ୍ ରୋଡ, ଖୋର୍ଦ୍ଧା**
**ମୋ - ୬୩୭୦୬ ୭୫୫୬୨**

# ବୁଢ଼ୀ ମାଉସୀ

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**



ବୁଢ଼ୀ ମାଉସୀ ଆମ ଗାଁର। ଗାଁ ଯାକର ସମସ୍ତେ ତାଙ୍କୁ ବୁଢ଼ୀ ମାଉସୀ ବୋଲି ଚିହ୍ନନ୍ତି ଓ ସେଇ ନାଁରେ ଡାକିଥାନ୍ତି। ମୁଣ୍ଡରେ ବୋଝେ ବାଳ, ଧଳା ହୋଇଯାଇଛି। ସିଧା ହୋଇ ଠିଆ ହୋଇପାରେ ନାହିଁ। ଛୋଟେଇ ଛୋଟେଇ ଚାଲେ। ବୁଢ଼ୀ ମାଉସୀର ଘର ଗାଁ ମଝିରେ। ମାଉସୀ ପାଳିକରି ଏ ପାଖକୁ ଓଳିଏ, ସେପାଖକୁ ଆର ଓଳିରେ ଯାଇଥାଏ। ସମସ୍ତଙ୍କର ସେ ପ୍ରିୟଜନ ଓ ଶ୍ରଦ୍ଧାର ମଣିଷଟିଏ। ଝିଅଟିଏ ଜନ୍ମ କରିଥିଲା। ତା'କୁ ବାହା ଦେଇ ଦେଇଛି। ଝିଅ କି ଜୁଆଁଇ କି ତା' ପିଲାମାନେ ମାଉସୀ ପାଖକୁ ଆସିବାର କେହି ଦେଖିନାହାନ୍ତି। ଗାଁ ଯାକର ଲୋକ ମାଉସୀ ପାଖକୁ ଆସିଥାଆନ୍ତି। ପାଦ ଛୁଇଁ ମୁଣ୍ଡିଆ ମାରନ୍ତି।

ମାଉସୀ ଗୋଟିଏ ସିଲଭର ଡେକଚିରେ ଡେକଚିଏ ସରବତ ପଣା ରଖିଥାଏ। ସେ ଚିନି ପାଣି ହେଉ କି ଆମ୍ବ ରସ ହେଉ ସମସ୍ତଙ୍କୁ ଦିଏ। ଯିଏ ସେ ସରବତ ଥରେ ପିଇଛି, ଥରକୁ ଥର ଆସନ୍ତି। ମାଉସୀର ଆକର୍ଷଣ ଏ ସରବତ। ମାଉସୀ ସେଥିରେ କ'ଣ ମିଶାଇ ଥାଏ କି କ'ଣ ଯିଏ ପିଇଲେ ସେମାନେ ପୁଣି ଆସନ୍ତି, ଆସିବା ବନ୍ଦ ହୁଏ ନାହିଁ। ବୁଢ଼ୀ ମାଉସୀ ବଗିଚାରେ ସବୁ ଗଛ ଅଛି। ବେଲଗଛ, ପିଜୁଳି ଗଛ, ସପୁରି ମନ୍ଦା, ଆମ୍ବଗଛ ଯେତେବେଳେ ଯେଉଁ ଫଳ ପାଇଲା ମାଉସୀ ତା' ସରବତ ପଣାରେ ଏସବୁ ଫଳକୁ ମିଶାଇ ଥାଏ। ମାଉସୀ ତା'ର ପଣା ପିଇବା ପାଇଁ ଆସିଥିବା ଅତିଥିମାନଙ୍କୁ ଦେଖେ। ବେଳେବେଳେ ଭାବେ କ'ଣ ଔଷଧ ମିଶାଉଛି, କହିଦେବି ବୋଲି ପୁଣି କହେ ନାହିଁ, ଆଉ ଦିନେ କହିବି ବୋଲି ଚୁପ୍ ରହେ। ଭାବେ "ସମୟ ଆସିଲେ କହିବି"। ବୁଢ଼ୀ ପାଖରେ ବସିଥିଲା ବେଳେ ପଣା ପିଇବା ଲୋକମାନେ ବୁଢ଼ୀ ମାଉସୀର ପଣାର ଉଚ୍ଚ ପ୍ରଶଂସା କରିଥାଆନ୍ତି।

ଦିନ ଗଡ଼ିଯାଏ। ବୁଢ଼ୀ କ୍ରମେ ଦୁର୍ବଳ ହେଉଥାଏ। ପଣା ଦେବାର ଉତ୍ସାହ ସେମିତି ଥାଏ। ବୁଢ଼ୀଠୁ ପଣା ପାଇଁ କେହି ମୂଲ୍ୟ ଦିଅନ୍ତି ନାହିଁ। ବୁଢ଼ୀର ଆନନ୍ଦ ଯେ ସମସ୍ତଙ୍କୁ ନିଃଶୁଳ୍କ ପଣା ପିଆଇବ। ସେମାନେ ବିଦାୟ ନେବେ।

ପଣା ପିଇବାର ଅଭିଜ୍ଞତା ମୋର ବି ଥିଲା। ଗାଁକୁ ଯେବେ ଯାଏ, ମାଉସୀ ପାଖକୁ ଯାଏ। ଯଦି ପ୍ରଥମ ଦିନ ପଣା ପିଇଲି, ଦ୍ୱିତୀୟ ଓ ତୃତୀୟ ଦିନ ନିଶ୍ଚୟ ଯିବି। ପଣା ନ ପିଇଲେ ଭଲ ଲାଗେ ନାହିଁ। ମାଉସୀ ତା' ବେଶପୋଷାକରେ ଫିଟ୍ ଥାଏ। ପିନ୍ଧିଥିବା ଲୁଗା ପଛେ ମଳିଆ ହେଉ, ତା' ଶାଶୂ କି ଶଶୁର ଦେଇଥିବା ରୂପାର ଚନ୍ଦରା ହାର (ଅଣ୍ଟା ସୂତା) ସେ ନିଶ୍ଚିତ ପିନ୍ଧିଥିବ। ପାନ ଦିନକୁ ୪/୫ ଖଣ୍ଡ ଖାଇଥାଏ।

ଗାଁରେ ଅଛି। ଗାଁରେ ହୁରି ପଡିଲା ସକାଳୁ ବୁଢ଼ୀ ଉଠିନାହିଁ। ଶୋଇଛି ଆଖି ଖୋଲିନାହିଁ। ଗାଁର ମୁରବୀ ଲୋକମାନେ ଘର ଭିତରକୁ ଗଲେ। ଜିନିଷ ପତ୍ର, ଲୁଗାପଟା, କାଗଜପତ୍ର ଖେଳେଇ ଦେଖିଲେ। ଗୋଟିଏ ଡବା ମିଳିଲା। ଡବାରେ ଡବାଏ ଅଫିମ ଥିଲା। ବୁଢ଼ୀ ମାଉସୀ ବୋଧହୁଏ ଏହି ଡବାରୁ ସମସ୍ତଙ୍କୁ ଟିକେ ଦେଇ ତା'ର ସରବତ ପଣା ପିଆଉଥିଲା। ମୁଁ ସେଇଥି ପାଇଁ ମାଉସୀ ଘରକୁ ଆଡେଇ ହୋଇଯାଉଥିଲି, କାଳେ ପଣା ପିଆଇ ମୋତେ କାବୁ କରିଦେବ ! ସବୁ ଜିନିଷପତ୍ର ଅଫିମ ଡବା ସହ ସବୁ ବନ୍ଧାବନ୍ଧି ହୋଇଗଲା। କୋକେଇର ଛ ଖଣ୍ଡ କାଠରେ ମାଉସୀର ମରଶରୀର କତା ଦଉଡିରେ ବନ୍ଧା ହେଲା। ମାଉସୀର ମରଶରୀର ଉଠିବ। ଶମଶାନରେ ସଂସ୍କାର ହେବ।

ଦୂରରୁ ଗୋଟେ ମଟର ସାଇକେଲ ଆସିବାର ଶବ୍ଦ ଶୁଣାଗଲା। ମଟର ସାଇକଲରୁ ଓହ୍ଲାଇ ଆସିଲେ ବୁଢ଼ୀର ଝିଅ ଓ ଜୁଆଁଇ। ଗାଁର ପୁରୁଣା ଲୋକମାନେ ସେମାନଙ୍କୁ ଚିହ୍ନିଲେ। ବୁଢ଼ୀକୁ ଧରି କାନ୍ଦିଲେ। ବୁଢ଼ୀର କୋକେଇରେ ସେମାନଙ୍କର କାନ୍ଧ ଦେଲେ। ଗାଁ ବାଲା ସମସ୍ତେ ମାଉସୀକୁ ମୁଣ୍ଡିଆ ମାରି 'ରାମନାମ ସତ୍ୟ' କହୁଥାଆନ୍ତି। ସମସ୍ତେ ମାଉସୀର ପଣାକୁ ମନେ ପକାଉଥାଆନ୍ତି। ସମସ୍ତେ ଅଫିମିଆ ହୋଇଗଲେ କି ବୋଲି ଭାବି ହେଉଥାଆନ୍ତି। ବୁଢ଼ୀ ମାଉସୀ ତ ରହିଲା ନାହିଁ। ତାଙ୍କୁ କାଲି ସକାଳୁ କିଏ ପଣା ଦେବ। ହୁଏତ ଅନେକ ଦିନ ଯାକେ ବୁଢ଼ୀ ମାଉସୀର ନାଁକୁ ବଦଳାଇ 'ଅଫିମ ବୁଢ଼ୀ ମାଉସୀ' ରଖିଲେ ସେ ଅନେକ ଦିନ ଯାକେ ସ୍ମୃତିରେ ରହିବେ।

ମାଉସୀ ସ୍ଥିର ହୋଇ କୋକେଇରେ ଶୋଇଥାଏ। 'ରାମ ନାମ ସତ୍ୟ ହେ' ତାଙ୍କ ଗାଁର ଏ ମୁଣ୍ଡରୁ ସେମୁଣ୍ଡ ଶୁଣା ଯାଉଥିଲା। ଲୋକେ କୁହାକୁହି ହେଉଥା'ନ୍ତି,"ଆହା, ବୁଢ଼ୀ ମାଉସୀ ଚାଲିଗଲା।"

**ଜେଲରୋଡ଼, ଖୋର୍ଦ୍ଧା**
**ମୋ-୯୪୩୭୩୦୨୪୧୭**



ଅଗ୍ନିକୁ ବିଶ୍ୱାସୀ ଚାକର ରୂପେ କାର୍ଯ୍ୟରେ ଲଗାଅ, କିନ୍ତୁ ଦୁର୍ଦ୍ଦାନ୍ତ ପ୍ରଭୁରୂପେ ନୁହେଁ।

# ମଣିଷର ଅସହାୟତା



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ପୃଥିବୀରେ ପ୍ରାଣୀ-ବିବର୍ତ୍ତନର ଇତିହାସରେ ମାତ୍ର ଦୁଇଲକ୍ଷ ବର୍ଷ ପୂର୍ବେ ମଣିଷର ଉଦ୍ଭବ ପୂର୍ବ ଆଫ୍ରିକାରେ। ନିଜ ସ୍ଥାନରେ ଘୂରାଫେରା କରି ଓ ଚିହ୍ନି ଏକଲକ୍ଷ ବର୍ଷ ପରେ ସେ ମନରେ ସାହସ ବାନ୍ଧିଲା। ସେହି ଭୂମି ତ୍ୟାଗକରି ଚାଲି ଆସିଲା। ଏସିଆ ଓ ଇଉରୋପକୁ। ଆସିବାର ବାଟ ସେ ନିଜେ ଚିହ୍ନିଥିଲା ନା ପୂର୍ବରୁ କୌଣସି ମାନବ ପ୍ରଜାତିର ରାସ୍ତା ଧରି ଆସିଥିଲା, ଏ ସମ୍ପର୍କରେ ମତଭେଦ ଅଛି, ମାତ୍ର ସେହି ଯାତ୍ରା ଶୁଭ ନଥିଲା। ତିରିଶ ହଜାର ବର୍ଷ ପରେ ପ୍ରାକୃତିକ ଦୁର୍ଯୋଗ କାରଣରୁ ସେ ପଛକୁ ହଟିଯାଇଥିଲା। ପୁନର୍ବାର ସେ ଆରମ୍ଭ କରିଥିଲା ତା'ର ପୃଥିବୀ ବିଜୟ ଅଭିଯାନ। ଏବେ ସେ ଅପେକ୍ଷାକୃତ ଅଧିକ ଶିକ୍ଷିତ, ବେଶି ବିଜ୍ଞ। ପ୍ରାକୃତିକ ବାଧାବିପତ୍ତି ଏଡେଇ ଯିବାପାଇଁ ସେ ବୁଦ୍ଧି ପ୍ରୟୋଗ କରୁଛି, ଅନ୍ୟାନ୍ୟ ପ୍ରାଣୀମାନଙ୍କୁ ହତ୍ୟାକରି ଭୟ ଦେଖେଇ ବଶ୍ୟତା ସ୍ୱୀକାର କରେଇଛି ଅଥବା ସଂପୂର୍ଣ୍ଣ ଶେଷ କରିଦେଇଛି। ମଣିଷ ହେଉଛି ଏହି ପୃଥିବୀର ଶ୍ରେଷ୍ଠଜୀବ। ଅବଶ୍ୟ ଅନେକଟା ସ୍ୱଘୋଷିତ। ତା'ର ଏହି ଶ୍ରେଷ୍ଠତାକୁ ଲକ୍ଷ୍ୟକରି ଅନ୍ତରାଳରେ ରହି ହସୁଛି ପୃଥିବୀର ପୂରାପୂରି ଆଦିମ ଅସ୍ତିତ୍ୱଗୁଡିକ। ଏହି ଅସ୍ତିତ୍ୱଗୁଡିକ ପ୍ରାଣୀ ନୁହନ୍ତି, ଏପରିକି ଜୀବ ମଧ୍ୟ ନୁହନ୍ତି। ତାହାହେଲେ ସେଗୁଡିକ କିଏ ? ସେଗୁଡିକ ଭାଇରସ୍ ବା ଭୂତାଣୁ। ସେମାନେ ଖାଲି ଆଖିରେ ଦେଖାଯାଆନ୍ତିନି, ଆମେ ଦେଖିଥିବା ଅଣୁବୀକ୍ଷଣ ଯନ୍ତ୍ରରେ କେବଳ ମାତ୍ର ସ୍କାନିଂ ଇଲେକ୍ଟ୍ରନ ମାଇକ୍ରୋସ୍କୋପ୍ ସାହାଯ୍ୟରେ ଭାଇରସ୍‌ଗୁଡିକୁ ଦେଖିହୁଏ।

ଭାଇରସ୍‌ର ପୂର୍ବରୁ ଜନ୍ମ ନେଇଛି ଭାଇରଏଡ୍। ଗୋଟିଏ ଗୋଟିଏ ଭାଇରଏଡ୍ ପ୍ରାୟ ଦଶ ହଜାର ଅଣୁକୁ ନେଇ ତିଆରି। ଭାଇରସରେ ଥିବା ନ୍ୟୁକ୍ଲେଇକ୍ ଏସିଡ୍ ଉପରେ ରହିଛି ପ୍ରୋଟିନ୍‌ର ଏକ ସ୍ତର। ଭାଇରଏଡ୍‌ରେ ଏପରି କୌଣସି ପ୍ରୋଟିନ୍ ସ୍ତର ନାହିଁ। ଭାଇରଏଡରେ ଥାଏ କେବଳ ନ୍ୟୁକ୍ଲେଇକ୍ ଏସିଡ୍। ନ୍ୟୁକ୍ଲେଇକ୍ ଏସିଡ୍‌ରେ ହିଁ ଗଠିତ ଭାଇରଏଡ୍‌ର ଶରୀର। ଭାଇରଏଡରେ ଓ ଭାଇରସ୍ ଉଭୟେ ପରଜୀବୀ। ଅର୍ଥାତ୍ ଅନ୍ୟ କୌଣସି ଶରୀର କୋଷ ଭିତରେ ଏମାନେ ସ୍ୱୟଂକ୍ରିୟ ପଦ୍ଧତିରେ ବଂଶବୃଦ୍ଧି କରିଥାନ୍ତି। ସେତେବେଳେ ଶରୀର କୋଷ ତିଆରି ହୋଇନଥିଲା। ଜୀବର ଶରୀରରେ କୋଷ ତିଆରି ହେଲା ପ୍ରାୟ ତିନିଶହ କୋଟି ବର୍ଷ ପୂର୍ବେ। ସେତେବେଳେ ଏହା ଥିଲା ବର୍ତ୍ତମାନର ପ୍ରୋକାରିଓଟ୍ ଭଳି। ପ୍ରୋକାରିଓଟ୍ କୋଷରେ କୌଣସି ନ୍ୟୁକ୍ଲିୟ୍ ନଥାଏ, ଅଥଚ କୋଷ ବିଭାଜନ ଦ୍ୱାରା ତାହା ହୁ ହୁ କରି ଦ୍ରୁତଗତିରେ ସଂଖ୍ୟାବୃଦ୍ଧି କରିଚାଲେ।

ମଣିଷର ଶରୀରରେ ରହିଛନ୍ତି ଲକ୍ଷ ଲକ୍ଷ ବ୍ୟାକ୍ଟେରିଆ, ନାନା ନାମରେ, ନାନା ଭାବରେ। ମଣିଷଠାରେ କିଛି ବ୍ୟାକ୍ଟେରିଆ ଭଲ କାମ କରିଥା'ନ୍ତି ଏବଂ ଅନ୍ୟ କିଛି ବ୍ୟାକ୍ଟେରିଆ କରିଥା'ନ୍ତି ଖରାପ କାମ। ସେଇମାନଙ୍କୁ ନେଇ ମଣିଷ ବଞ୍ଚିରହେ, ଏଇମାନଙ୍କ ଯୋଗୁ ହିଁ ମଣିଷ ମରିଯାଏ। ପରିବେଶ ଅପରିବର୍ତ୍ତିତ ରହିଲେ କୌଣସି ପ୍ରାଣୀର ଜିନ୍‌ରେ ପ୍ରାୟତଃ କୌଣସି ପରିବର୍ତ୍ତନ ବା ମ୍ୟୁଟେସନ୍ ହୋଇନଥାଏ ଏବଂ ପରିବର୍ତ୍ତିତ ପରିବେଶରେ ଭାଇରସ ଓ ବ୍ୟାକ୍ଟେରିଆ ନିଜ ଜିନ୍‌ରେ ମ୍ୟୁଟେସନ୍ ଘଟେଇ ଯେ କି ସାଂଘାତିକ ମାରଣାସ୍ତ୍ରରେ ପରିଣତ ହୋଇଯାଏ ଓ କି ମାରାତ୍ମକ ପରିସ୍ଥିତିର ଉଦ୍‌ଭବ କରାଇଥାଏ, ମଣିଷ ତାହା ବାରମ୍ବାର ଦେଖିଛି। ପ୍ରାଣୀଜଗତରେ ବିଶ୍ୱଶ୍ରେଷ୍ଠର ଶିରପା ପିନ୍ଧି ମଧ୍ୟ ଗୋଟିଏ ଗୋଟିଏ ଭାଇରସ୍ କି ବ୍ୟାକ୍ଟେରିଆର ଆକ୍ରମଣରେ ମଣିଷ କେତେ ଅସହାୟ ଭାବରେ ମୃତ୍ୟୁକୁ ବରଣ କରିଥାଏ, ତା'ର ନିଦର୍ଶନ ଇତିହାସ ପୃଷ୍ଠାରେ ଲିପିବଦ୍ଧ। ସାଂପ୍ରତିକ ସମୟର କୋଭିଡ-୧୯ ଏହାର ସଦ୍ୟତମ ଦୃଷ୍ଟାନ୍ତ।

ସଭ୍ୟତାର ଅଗ୍ରଗତି ସହ ସଂଯୁକ୍ତ ଥାଏ ପରିବେଶ ପରିବର୍ତ୍ତନ ଏବଂ ସେଇଟା ହିଁ ସମୟ ସମୟରେ ହୋଇପଡେ ଅତ୍ୟନ୍ତ ବିପଜ୍ଜନକ। ରୋମାନ୍ କ୍ୟାଲେଣ୍ଡର ଆରମ୍ଭ ହେବାର ମାତ୍ର ୫୪୧ ବର୍ଷ ପରେ ସକ୍ରିୟ ହୋଇ ଉଠିଥିବା ଏକ ବ୍ୟାକ୍ଟେରିଆର ନାମ 'ୟେରସିନଆ ପେଷ୍ଟିସ୍'। କ୍ଷୁଦ୍ର, ଡେଣା ବିହୀନ, ଡେଇଁ ଡେଇଁ ଯାଉଥିବା ରକ୍ତଶୋଷା ଏକ କୀଟର ଶରୀର ଭିତରକୁ ପ୍ରବେଶ କରିଯାଏ ଏହି ବ୍ୟାକ୍ଟେରିଆ। ସେହି କୀଟଟା ପୁଣି ବସା ବାନ୍ଧେ ମୂଷାର ଶରୀରରେ, ବିଶେଷକରି ବଣୁଆ ମୂଷାଙ୍କ ଶରୀରରେ, ଠିକ୍ ଉକୁଣି ଭଳି। ୟେରସିନିଆ ପେଷ୍ଟିସ୍ ଥାଏ ମୂଷା ରକ୍ତରେ। ଉକ୍ତ କୀଟ (କୀଟଟିର ନାଆଁ ର୍ୟାଟ୍‌ଫ୍ଲି) ମୂଷାକୁ କାମୁଡି ନିଜେ ସଂକ୍ରମିତ ହୋଇପଡେ। ସଂକ୍ରମିତ ର୍ୟାଟ୍‌ଫ୍ଲି ମଣିଷକୁ କାମୁଡିଲେ ମଣିଷ ବ୍ୟାକ୍ଟେରିଆ ସଂକ୍ରମଣରେ ଆକ୍ରାନ୍ତ ହୋଇ ଭୋଗିଥାଏ ପ୍ଲେଗ ନାମକ ରୋଗ।

ବାଇଜାଣ୍ଟାଇନ୍ ସାମ୍ରାଜ୍ୟର କନ୍‌ଷ୍ଟାଣ୍ଟିନୋପଲ୍ ବା ବର୍ତ୍ତମାନର ଇସ୍ତାନ୍‌ବୁଲରେ ନଇଁ ଆସିଲା ପ୍ଲେଗର ଘନ କୃଷ୍ଣଛାୟା। ପ୍ରାୟ ମନୁଷ୍ୟ ଶୂନ୍ୟ ହୋଇଗଲା ଇସ୍ତାନବୁଲ। ମିଶର ବାଟେ ଭୂମଧ୍ୟ ସାଗର ପାରହୋଇ ପ୍ଲେଗ୍ ପ୍ରସରି ଚାଲିଲା ଇଉରୋପ୍, ଏସିଆ, ଉତ୍ତର ଆଫ୍ରିକା ଏବଂ ଆରବ ଦେଶଗୁଡିକରେ। ସେହି ସମୟରେ ମଣିଷ ଅବଶ୍ୟ ହିଁ ଯେଉଁମାନେ ବଞ୍ଚିଥିଲେ, ଦେଖିଥିଲେ ମୃତ୍ୟୁର ପଟୁଆର। ସମ୍ଭବତଃ ପୃଥିବୀ ଜନସଂଖ୍ୟାର ଅର୍ଦ୍ଧେକ - ତିନିରୁ ପାଞ୍ଚ କୋଟି ମଣିଷ ପଡିଥିଲେ ମୃତ୍ୟୁମୁଖରେ। ସେହି ସମୟର ମଣିଷ ଥିଲା ଅତ୍ୟନ୍ତ ଅସହାୟ। ଏହାର ମୁକାବିଲା କରିବାର ଉପାୟ ଜଣା ନଥିଲା କାହାକୁ। ତେବେ କିପରି ଅବା ସମସ୍ତେ ମୃତ୍ୟୁବରଣ ନକରି କେତେକ ମୃତ୍ୟୁର ପଂଝାରୁ ବର୍ତ୍ତିଯାଇପାରିଲେ, ତାହା ସତରେ ବଡ଼ ବିସ୍ମୟକର। ହୁଏତ ବଞ୍ଚିଯାଇଥିବା ଲୋକଙ୍କ ଶରୀରରେ ତିଆରି ହୋଇ ପଡିଥିଲା ରୋଗପ୍ରତିରୋଧ କ୍ଷମତା।

ସେହି ସମାନ ବ୍ୟାକ୍ଟେରିଆ ପୁନର୍ବାର ଫେରି ଆସିଲା ୮୦୦ ବର୍ଷ ପରେ, ୧୩୪୭ ମସିହାରେ। ମାତ୍ର ଚାରିବର୍ଷ ଭିତରେ ପ୍ଲେଗରେ ମରିଗଲେ ପୃଥିବୀର ୨୦ କୋଟି ଲୋକ। ସେତେବେଳେ ଏହି ରୋଗକୁ କୁହାଗଲା

'କଳା ମୃତ୍ୟୁ' ବା 'ବ୍ଲାକ୍ ଡେଥ୍'। କିନ୍ତୁ ଏହି ୮୦୦ ବର୍ଷ ଭିତରେ ମଣିଷ କିଛି ମାତ୍ରାରେ ଶିକ୍ଷିତ ହୋଇଯାଇଥିଲା ସିନା ସଂକ୍ରମଣର ବୈଜ୍ଞାନିକ ଭିତ୍ତି ଆବିଷ୍କୃତ ହୋଇନଥିଲା। ମାତ୍ର ମଣିଷ ଏତିକି ଜାଣି ନେଇଥିଲା ଯେ ରୋଗୀ ସହିତ ମିଳାମିଶା କରିବାଠାରୁ ଦୂରେଇ ରହିବା ଉଚିତ୍। ସେଥିପାଇଁ ଯେଉଁମାନେ ପ୍ଲେଗରେ ଆକ୍ରାନ୍ତ ହୋଇନଥିଲେ, ସେହି ସୁସ୍ଥ ବ୍ୟକ୍ତିମାନଙ୍କୁ ନେଇ ନିରାପଦ ସ୍ଥାନରେ ରଖାଯାଉଥିଲା ଏବଂ ସେମାନଙ୍କ ଖାଇବା ପିଇବାର ବ୍ୟବସ୍ଥା କରାଯାଉଥିଲା। ଭେନିସ୍‌ର ପୋର୍ଟରେ ପ୍ରବେଶ କରିବା ପୂର୍ବରୁ ଜାହାଜଗୁଡ଼ିକୁ ଅଟକେଇ ରଖାଯାଉଥିଲା ସମୁଦ୍ର ମଝିରେ ଏବଂ ନାବିକ ଓ ଅନ୍ୟମାନଙ୍କୁ ପୃଥକ ରଖି ସେମାନେ ଅସୁସ୍ଥ ହୋଇ ପଡିଛନ୍ତି କି ନା ତାହା ଲକ୍ଷ୍ୟ କରାଯାଉଥିଲା।ଏହିପରି ଭାବରେ ସେମାନଙ୍କୁ ପ୍ରଥମ ତିରିଶ ଦିନ ରଖିବାଦ୍ୱାରା ବେଶ ସୁଫଳ ମିଳିଲା। ପରେ ଆହୁରି ଭଲ ଫଳ ପାଇବା ନିମନ୍ତେ ତିରିଶ ଦିନ ଅଲଗା ରଖିବା ପରିବର୍ତ୍ତେ ଅଲଗା ରଖାଗଲା ଚାଳିଶ ଦିନ ଧରି। ତିରିଶ ଦିନ ଧରି ପୃଥକୀକୃତ କରି ରଖିବାଟାକୁ କୁହାଯାଉଥିଲା 'ଟ୍ରେଣ୍ଟିନୋ' ଏବଂ ଚାଳିଶ ଦିନଧରି ପୃଥକୀକୃତ ହୋଇ ରହିବାଟାକୁ କୁହାଯାଉଥିଲା 'କ୍ୱାରାଣ୍ଟିନୋ'। ଏହି 'କ୍ୱାରାଣ୍ଟିନୋ' ଶବ୍ଦରୁ ଜନ୍ମ ନେଲା 'କ୍ୱାରାଣ୍ଟାଇନ୍'ଶବ୍ଦଟି। ସେହି ଦିନଠାରୁ କେହି ପ୍ଲେଗରେ ଆକ୍ରାନ୍ତ ହେଲେ ସନ୍ଦେହଜନକ ଅସୁସ୍ଥ ବ୍ୟକ୍ତିଙ୍କୁ ଚାଳିଶି ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରଖାଯାଇ ଆସୁଛି। ଏହି ବ୍ୟବସ୍ଥା ଦ୍ୱାରା ନିଃସନ୍ଦେହରେ ଉପକାର ମିଳି ଆସୁଛି।

ଏହାପରେ, ପରବର୍ତ୍ତୀ ତିନିଶହ ବର୍ଷରେ ଲଣ୍ଡନ ଦେଖିଛି ଅନ୍ତତଃ ୪୦ଟି ପ୍ଲେଗ୍ ମହାମାରୀ ଏବଂ ପ୍ରାୟ ୨୦ ଶତାଂଶ ଲୋକଙ୍କର ମୃତ୍ୟୁ। ୧୬୬୫ ମସିହାରେ ପ୍ଲେଗରେ ୭ ମାସ ଭିତରେ ଲଣ୍ଡନରେ ମରିଥିଲେ ଏକ ଲକ୍ଷ ଲୋକ। ସେତେବେଳେ ସବୁପ୍ରକାରର ଜନ ସମାବେଶ ନିଷିଦ୍ଧ ଘୋଷଣା କରାଯାଇଥିଲା। ରୋଗର ପ୍ରସାରକୁ ରୋକିବା ନିମନ୍ତେ ଆକ୍ରାନ୍ତ ବ୍ୟକ୍ତମାନଙ୍କୁ ଜୋର କରି ରଖାଯାଇଥିଲା ଗୃହବନ୍ଦୀ କରି। ମୃତକମାନଙ୍କୁ ଦିଆଯାଉଥିଲା ଗଣକବର।

ମାରଣ ସଂକ୍ରାମକ ବ୍ୟାଧି ଭାବରେ ପ୍ଲେଗ ପରକୁ 'ସ୍ମଲ ପକ୍ସ' ବା ବସନ୍ତରୋଗର ସ୍ଥାନ। ରୋଗର କାରଣ ଭାଇରସ ସଂକ୍ରମଣ। ପଞ୍ଚଦଶ ଶତାବ୍ଦୀରେ ଇଉରୋପ, ଏସିଆ ଏବଂ ଆରବ ଦେଶଗୁଡ଼ିକରେ ଏହି ଭାଇରସଟିର ସଂକ୍ରମଣ ହରଣ କରିନେଇଥିଲା ୩୦ ପ୍ରତିଶତ ଲୋକଙ୍କର ଜୀବନ ଏବଂ ଯେଉଁମାନେ ରୋଗାକ୍ରାନ୍ତ ହୋଇ ମଧ୍ୟ ବଞ୍ଚି ଯାଇଥିଲେ, ସେମାନଙ୍କ ଚର୍ମରେ ରୋଗ ଛାଡିଯାଇଥିଲା ଛୋଟ ଛୋଟ ଗର୍ତ୍ତର ସ୍ଥାୟୀ ଚିହ୍ନ। ଅନେକେ ହୋଇଯାଇଥିଲେ ଅନ୍ଧ, ଭାଇରସ୍ ଚକ୍ଷୁକୁ ଆକ୍ରାନ୍ତ କରିଥିବା କାରଣରୁ।

ଅଷ୍ଟାଦଶ ଶତାବ୍ଦୀର ଶେଷରେ ବସନ୍ତ ରୋଗର ଟିକା ଉଦ୍‌ଭାବିତ ହେଲା। ଏହି ଟିକାର ବ୍ୟାପକ ପ୍ରୟୋଗ ଚାଲିଲା ପୃଥିବୀ ସାରା। ପ୍ରାୟ ଦୁଇ ଶତାବ୍ଦୀ ପରେ, ବସନ୍ତ ରୋଗକୁ ସଂପୂର୍ଣ୍ଣ ନିୟନ୍ତ୍ରଣ କରିବା ସମ୍ଭବ ହୋଇଛି ଏବଂ ପୃଥିବୀ ସଂପ୍ରତି ବସନ୍ତରୋଗ କବଳରୁ ସଂପୂର୍ଣ୍ଣ ମୁକ୍ତ। ସମୟ ଥିଲା ଯେତେବେଳେ ଆମେରିକା ଓ ମେକ୍ସିକୋରେ ଅଧିବାସୀମାନଙ୍କ ଶରୀରରେ ବସନ୍ତ ରୋଗର ପ୍ରତିରୋଧ କ୍ଷମତା ଶୂନ୍ୟରେ ପହଞ୍ଚି ଯାଇଥିଲା। ମୃତ୍ୟୁବରଣ କରିଥିଲେ କୋଟି କୋଟି ଲୋକ। ଆମେରିକାରେ ସେତେବେଳକାରର ଜନସଂଖ୍ୟାର ୯୦ରୁ ୯୫ ଶତାଂଶ ଲୋକ ଉଭାନ ହୋଇଗଲେ ଏବଂ ମେକ୍ସିକୋର ଜନସଂଖ୍ୟା ୧ କୋଟିରୁ କମିଯାଇ ମାତ୍ର ୧୦ ଲକ୍ଷରେ ପହଞ୍ଚି ଯାଇଥିଲା।

ଅନ୍ୟ ଏକ ମାରାତ୍ମକ ସଂକ୍ରାମକ ବ୍ୟାଧି 'କଲେରା' ପୃଥିବୀର ବହୁ ଲୋକଙ୍କ ପ୍ରାଣହାନୀର କାରଣ ହୋଇଥିଲା। ଏହାର କାରଣ କଲେରା ବ୍ୟାକ୍ଟେରିଆର ସଂକ୍ରମଣ। ଖାଦ୍ୟ ଓ ପାନୀୟରେ ଖୁବ୍ ସାବଧାନ ରହିଲେ, ପରିଷ୍କାର ପରିଚ୍ଛନ୍ନ ରହିଲେ ଏବଂ ବେଳହୁଁ ଚିକିତ୍ସିତ ହୋଇ ପାରିଲେ, କଲେରାକୁ ସଂପୂର୍ଣ୍ଣ କାବୁ କରାଯାଇପାରିବ। ଏବେ କଲେରା ବହୁଳାଂଶରେ ନିୟନ୍ତ୍ରିତ ହୋଇଥିଲେ ମଧ୍ୟ ମଝିରେ ମଝିରେ ଏହି ବ୍ୟାକ୍ଟେରିଆ ଜାଗି ଉଠି ରୋଗ କରାଉଛି। ଏ କ୍ଷେତ୍ରରେ ମଧ୍ୟ ରୋଗୀ ସହ ବିଶେଷ ମିଳାମିଶା ନ କରି ଓ ତୁରନ୍ତ ଚିକିତ୍ସା କରି ରୋଗୀକୁ ଆରୋଗ୍ୟ କରିପାରିବା ସହ ରୋଗର ପ୍ରସାରଣକୁ ରୋକି ଦେଇହେବ।

ଏତେ ଉନ୍ନତ ବିଜ୍ଞାନ, ପ୍ରଯୁକ୍ତିର ଏତେ ଉନ୍ନତି, ଏତେ ଗବେଷଣା, ଏତେ ଶକ୍ତିଶାଳୀ ବିଜ୍ଞାନୀମାନେ, ଅଥଚ ଏବେ ମଧ୍ୟ ମଝିରେ ମଝିରେ ମଣିଷ ସାମାନ୍ୟ ଏକ ବ୍ୟାକ୍ଟେରିଆ କିମ୍ବା ଭାଇରସ୍ ପାଖରେ କେତେ ଅସହାୟ। ମଣିଷ ଜୀବନରେ ଘନେଇ ଆଣୁଛି ମୃତ୍ୟୁର କାଳ ଛାୟା। ଆକ୍ରାନ୍ତ ଓ ସମ୍ଭାବ୍ୟ ଆକ୍ରାନ୍ତ ବ୍ୟକ୍ତିମାନେ ବାଧ୍ୟ ହେଉଛନ୍ତି କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ।

ଦୃଷ୍ଟାନ୍ତ ସ୍ୱରୂପ, ଏହି ସହସ୍ରାବ୍ଦର ପ୍ରଥମ ମାରଣ ବ୍ୟାଧି କୋଭିଡ-୧୯। 'ସାରସ୍- କୋଭ୍- ଟୁ' (SARS-COV-2) ନାମକ ଏକ କ୍ଷୁଦ୍ର ଭାଇରସ୍ ତ୍ରାସ ସଞ୍ଚାର କରିଛି ବିଶ୍ୱବ୍ୟାପୀ। କେବଳ ବର୍ଷକରେ କରୋନାରେ ସଂକ୍ରମିତ ହୋଇଥିଲେ ସମଗ୍ର ପୃଥିବୀର ୨୦ କୋଟିରୁ ଅଧିକ ବ୍ୟକ୍ତି। ସେମାନଙ୍କ ମଧ୍ୟରୁ ମୃତ୍ୟୁବରଣ କରିଥିଲେ ପ୍ରାୟ ୫ ଶତାଂଶ।

ବିଶ୍ୱବାସୀଙ୍କଠାରେ ନିଃଶ୍ୱାସ ଛାଡୁଥିଲା ମୃତ୍ୟୁର ଆତଙ୍କ। ଭାଙ୍ଗି ପଡିଥିଲା ସାମାଜିକ ବନ୍ଧନ। ହୁଏତ ପରିବେଶରେ ପରିବର୍ତ୍ତନ, ପରିବର୍ତ୍ତିତ କରିଦେଇଥିଲା କରୋନା ଭାଇରସ୍‌ର ଜିନ୍‌କୁ। ହୁଏତ ଏହି କାରଣରୁ ଜନ୍ମ ନେଇଛି ଏହି ଘାତକ ଭାଇରସ୍। ଉନ୍ନତ ବିଜ୍ଞାନ କରୋନା ଭାଇରସ୍‌କୁ କାବୁ କରିଦେଇ ବ୍ୟାହତ କରିଦେଇଛି କରୋନା ସଂକ୍ରମଣକୁ। ମାତ୍ର ତା'ପୂର୍ବରୁ ଯେ ଅନେକ ଜୀବନ କରୋନା ଭାଇରସ୍‌ର ସଂକ୍ରମଣ ଯୋଗୁ ବଳି ପଡିବା ପାଇଁ ବାଧ୍ୟ ହେଲେ।

**ପ୍ଲଟ ନଂ- ୧୧୩୧**
**ସେକ୍ଟର-୬, ଅଭିନବ ବିଡାନାସୀ,**
**କଟକ - ୭୫୩୦୧୪**



ଅଭିଧାନରେ ଯଦି ସବୁଠାରୁ ଭୀଷଣ କୌଣସି ଶବ୍ଦ ଅଛି, ତାହା ହେଉଛି ପ୍ରଲୋଭନ।

# ମୋ’ ବୋଉ ଆଉ ଝିଅ ମଝିରେ ମୁଁ

ଡକ୍ଟର ସୁଷମା ମିଶ୍ର



ମୋ’ ବୋଉର ଗତିପଥରେ ସୀମାରେଖା ଥିଲା ଘରର ଏରୁଣ୍ଡି ବନ୍ଧ
ମୋ’ ଝିଅ ସ୍ମାର୍ଟଫୋନ୍ ଧରି ନେଟ୍‌ରେ ଖେଳୁଛି ବ୍ରହ୍ମାଣ୍ଡ।

ମୋ’ ବୋଉ
ବାହାର ଦୁନିଆକୁ ବଢାଇନଥିଲା ପାଦ,
‘ସ୍କୁଟି’ ହୋଇଯାଇଛି ମୋ’ ଝିଅର ବାହନ
ମୋବାଇଲ୍ ହୋଇଛି ତା’ର ତୃତୀୟ କାନ।

ବୋଉ ବାହା ବେଦୀରେ ବସିଥିଲା ପନ୍ଦର ବର୍ଷ ବୟସରେ
ପଚିଶି ପୂରିଲା ପରେ ମୋ ଝିଅର ବିବାହ ପାଇଁ
ପ୍ରସ୍ତାବ ଦିଆଯାଇଛି ‘ମ୍ୟାଟ୍ରିମୋନି ଡଟ୍ କମ୍’ରେ।

ମୋ’ ବୋଉ ବାହାଘର ଆଗରୁ
ସ୍ୱଚକ୍ଷୁରେ ଦେଖି ନଥିଲା କିଏ ହେବ ତା’ର ଜୀବନସାଥୀ
ମୋ ଝିଅ ବାହାଘର ଆଗରୁ
ଡେଟିଂକୁ ଜୋର୍ ଦେଉଛି।

ମୋ’ ବୋଉ ପିନ୍ଧୁଥିଲା ବାରହାତି ଶାଢ଼ୀ
ଝିଅ ପିନ୍ଧୁଛି ଜିନ୍ସ ସର୍ଟସ୍ ୱାନ୍ ପିସ୍
ବୋଉ ଥିଲା କେଶବତୀ କରୁଥିଲା ବେଣୀ, ଖୋଷା, ଗଣ୍ଠି
ମୋ’ ଝିଅ ପାରଲର୍ ଯାଇ
ୟୁ ସେପ୍, ବବ୍, ଷ୍ଟେପ୍ କଟିଂ ରଖି
କେଶକୁ କଲର୍ କରୁଛି।

ବୋଉର ଥିଲା ହଳଦୀକାଠୁଆ ଦେହ
ମୁହଁରେ ହଳଦୀ ଲଗାଇ
ତେଲ ହାତରେ ଛଡ଼ାଉଥିଲା ମଳୁଖ
ଝିଅ କରୁଛି ଫେସିଆଲ୍
କେବେ କେମିକାଲ୍ ତ କେବେ ହର୍ବାଲ୍
ମେନିକିଓର୍, ପେଡିକିଓର୍ ବି କରୁଛି ହାତ ପାଦ ପାଇଁ।

ବୋଉର ଥିଲା କଜଳପାତି, ସିନ୍ଦୂର ଫରୁଆ
ମୋ ଝିଅ ରଖିଛି ଆଇଲାଇନର୍ ଆଉ ମ୍ୟାଚିଂ ଟିକିଲି
ବୋଉର ଥିଲା ବହଳ ଭୂଲତା
ମୋ ଝିଅ ଭୂରୁକୁ ସଜାଡି କରିଦେଇଛି ଦୁଇଟି କଳାସୂତା।

ମୋ’ ବୋଉ ପିନ୍ଧୁଥିଲା ଦି’ହାତରେ
ଦୁଇମୁଠା ପାଣିକାଚ, ସୁନାବାଉଟି
ଝିଅ ପିନ୍ଧୁଛି ଗୋଟେ ହାତରେ ବ୍ରେସଲେଟ୍
ଆରହାତରେ ଘଡ଼ି।

ମୋ ବୋଉ ଥିଲା ଖାଣ୍ଟି ଓଡିଆଣୀ
ମୋ ଝିଅର ବଚନରେ ବିଦେଶୀ ଠାଣି
ବୋଉ ଖାଉଥିଲା ପଖାଳ ଭାତ, ଚୂଡା ଓ ଚକୁଳି
ଝିଅ ଖାଉଛି ବିରିୟାନି, ବର୍ଗର୍, ପିଜ୍ଜା, ଚାଉମିନ୍।

ମୋ’ ବୋଉ ସହିସହି ହୋଇଥିଲା ତ୍ୟାଗର ଅବତାର
ମୋ’ ଝିଅ କଥାକଥାକେ ଚାହୁଁଛି ସମାନ ଅଧିକାର।

ମୋ’ ଦେହକେ ମୋ’ ବୋଉର ଚଳିବାଠାରୁ
ବଦଳିଯାଇଛି ମୋ’ ଝିଅର ଚଳଣି
ଦୁହିଁଙ୍କ ମଝିରେ ଥାଇ
ମୋ’ ବୋଉ କି ଝିଅ ପରି ମୁଁ ଚଳିପାରୁନି।

ନା ମୁଁ ହୋଇପାରୁଛି ମୋ’ ବୋଉ ପରି ଲହଣି ସହଣି
ନା ମୁଁ ହୋଇପାରୁଛି ମୋ’ ଝିଅପରି ଗ୍ଲୋବାଲ୍ ରମଣୀ।

**ସ୍ୱନ୍ଦନ, ଖଣ୍ଡଗିରି ଏନ୍‌କ୍ଲେଭ୍**
**ଭୁବନେଶ୍ୱର - ୩୦**



ଅନ୍ୟମାନଙ୍କୁ ସଂଗରେ ନେଇ ଚାଲିବା ଦକ୍ଷତାର ଅନ୍ୟ ନାମ ହେଉଛି ନେତା।

# ପଣ୍ଡିତ ନୀଳକଣ୍ଠ ଦାସ



ଉପସ୍ଥାପନା - ରାମଶଙ୍କର



ପୁରୀ ନିକଟବର୍ତ୍ତୀ ଶ୍ରୀରାମଚନ୍ଦ୍ରପୁର ନାମକ ଏକ ବ୍ରାହ୍ମଣ ଶାସନରେ ୧୮୮୪ ମସିହା ଅଗଷ୍ଟ ୫ ତାରିଖରେ ନୀଳକଣ୍ଠ ଦାସ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ଆନନ୍ଦ ଦାସ ଜଣେ ପ୍ରଗତିଶୀଳ ଚିନ୍ତାଧାରାର ବ୍ୟକ୍ତି ଥିଲେ। ତେଣୁ ପୁତ୍ର ନୀଳକଣ୍ଠଙ୍କୁ ପାଠ ପଢାଇବା ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ। ନିଜ ଗ୍ରାମର ମଧ୍ୟ ଇଂରାଜୀ ବିଦ୍ୟାଳୟ, ପୁରୀ ଜିଲ୍ଲା ସ୍କୁଲରେ ଅଧ୍ୟୟନ ପରେ କଟକସ୍ଥିତ ରେଭେନ୍ସା କଲେଜରୁ ସ୍ନାତକ ଏବଂ କଲିକତାରୁ ଦର୍ଶନ ଶାସ୍ତ୍ରରେ ଡିଗ୍ରୀ ହାସଲ କରିଥିଲେ। ଛାତ୍ରାବସ୍ଥାରେ ସେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଥିଲେ। ପୁରୀ ଜିଲ୍ଲାର ଭାର୍ଗବୀ ନଦୀ କୂଳରେ ଉତ୍କଳମଣୀ ଗୋପବନ୍ଧୁ ଦାସ, ଆଚାର୍ଯ୍ୟ ହରିହରଙ୍କ ସହ ମିଶି ଶପଥ ନେଇଥିଲେ ଯେ "ଜୀବନରେ କେବେ ସରକାରୀ ଚାକିରି କରିବେ ନାହିଁ, ମୃତ୍ୟୁ ପୂର୍ବରୁ ମାତୃଭୂମିର ଉନ୍ନତ ଅବସ୍ଥା ଦେଖିବେ ଏବଂ ସେଥିପାଇଁ ଜୀବନ ସାରା କାର୍ଯ୍ୟ କରିବେ।"

ଗୋପବନ୍ଧୁ ଦାସଙ୍କ ଦ୍ୱାରା ସାକ୍ଷୀଗୋପାଳଠାରେ ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ରୂପେ ୧୯୧୪ରୁ ୧୯୧୮ ପର୍ଯ୍ୟନ୍ତ କାର୍ଯ୍ୟକରି ଓଡ଼ିଶା ସମେତ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ। ଅସ୍ପୃଶ୍ୟତା ବିରୋଧରେ ମହାତ୍ମାଗାନ୍ଧୀଙ୍କ ଆନ୍ଦୋଳନ ପୂର୍ବରୁ ସେହି ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଜାତିଗତ ଭେଦଭାବ ବିଲୋପ ପାଇଁ ସମସ୍ତଙ୍କୁ ନେଇ ଏକାଠି ଖାଇବା ବ୍ୟବସ୍ଥା ଆରମ୍ଭ କରିଥିଲେ ଏବଂ ଧନୀ ଓ ଗରିବ ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ସମାନ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିଥିଲେ।

୧୯୨୪ରେ ଅନୁଷ୍ଠିତ ନିର୍ବାଚନରେ ବିଜୟ ଲାଭକରି ଓଡ଼ିଶାରେ 'ସେଣ୍ଟ୍ରାଲ୍ ଆସେମ୍ବ୍ଲି'ରେ ୧୯୪୫ ପର୍ଯ୍ୟନ୍ତ ପ୍ରତିନିଧିତ୍ୱ କରିଥିଲେ। ୧୯୪୫ରୁ ୧୯୫୧ ପର୍ଯ୍ୟନ୍ତ ସେ ସାହିତ୍ୟ ରଚନା ଦିଗରେ ବିଶେଷ ଧ୍ୟାନ ଦେଇଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସହିତ ମିଶି 'ସ୍ୱାଧୀନ ଜନସଂଘ' ନାମରେ ଏକ ରାଜନୈତିକ ଦଳ ଗଠନକରି ୧୯୫୨ରେ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ। ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଆଗ୍ରହ ରକ୍ଷାକରି ସେ କଂଗ୍ରେସ ଦଳରେ ସାମିଲ ହୋଇ ୧୯୫୭ରେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଏବଂ ୧୯୬୧ ପର୍ଯ୍ୟନ୍ତ ବାଚସ୍ପତି ଦାୟିତ୍ୱ ନିର୍ବାହ କରିଥିଲେ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସହିତ ମିଶି ଓଡ଼ିଆ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୯୩୬ ଏପ୍ରିଲ୍ ୧ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଲା। କିନ୍ତୁ ବିଶ୍ୱବିଦ୍ୟାଳୟ ପାଟଣାରେ ଏବଂ ଉଚ୍ଚ ନ୍ୟାୟାଳୟ କଲିକତାରେ ଥିଲା। ତାଙ୍କ ପ୍ରଚେଷ୍ଟାରେ ୧୯୪୩ରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ୧୯୪୭ରେ କଟକରେ ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା ହେଲା।

ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ବ୍ରିଟିଶ ସରକାରଙ୍କ ଦ୍ୱାରା ସେ ୪ ଥର କାରାଦଣ୍ଡ ଗ୍ରହଣ କରି ପ୍ରାୟ ଅଢେଇ ବର୍ଷ ଜେଲରେ କଟେଇ ଥିଲେ। ମୋତିଲାଲ ନେହେରୁ, ମହାତ୍ମାଗାନ୍ଧୀ, ରାଜେନ୍ଦ୍ର ପ୍ରସାଦ, ଗୋବିନ୍ଦ ବଲ୍ଲଭ ପନ୍ଥ, ଆଚାର୍ଯ୍ୟ କୃପାଳିନୀ, ସୁଭାଷ ଚନ୍ଦ୍ର ବୋଷ ପ୍ରମୁଖ ତାଙ୍କର ବିମୁଗ୍ଧ ପ୍ରଶଂସକ ଥିଲେ।

ପଣ୍ଡିତ ନୀଳକଣ୍ଠ ଦାସ ଜଣେ ଛାତ୍ର ବତ୍ସଳ ଶିକ୍ଷକ, ଉଚ୍ଚକୋଟୀର ଲେଖକ, ସୁବକ୍ତା, ସଫଳ ଲୋକ ପ୍ରତିନିଧି, ଦାର୍ଶନିକ, ସମାଜ ସଂସ୍କାରକ ଥିଲେ। ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ଅବିସ୍ମରଣୀୟ। ତାଙ୍କ ଦ୍ୱାରା ରଚିତ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ', କବିତା 'କୋଣାର୍କ', କଳିଙ୍ଗର ଅଦ୍ୱିତୀୟ ଶାସକଙ୍କ ଜୀବନୀ ପୁସ୍ତକ 'ଖାରବେଳ' ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି। ଏହା ସହିତ ପିଲାଙ୍କ ପାଇଁ ଅନେକ ପୁସ୍ତକ ରଚନା କରିଯାଇଛନ୍ତି। ୧୯୫୭ରେ ଭାରତ ସରକାରଙ୍କ ଦ୍ୱାରା 'ପଦ୍ମ ଭୂଷଣ' ସମ୍ମାନରେ ସମ୍ମାନିତ ହୋଇଥିଲେ। ସେ ୧୯୬୩ରେ ତାଙ୍କର 'ଆତ୍ମ ଜୀବନୀ' ପାଇଁ ୧୯୬୪ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହୋଇଥିଲେ। ଓଡ଼ିଶାର ପଞ୍ଚସଖା ମଧ୍ୟରୁ ଅନ୍ୟତମ ସଦସ୍ୟ, ସ୍ୱାଧୀନତା ସଂଗ୍ରାମୀ, ପଣ୍ଡିତ ନୀଳକଣ୍ଠ ଦାସଙ୍କ ତିରୋଧାନ ୭ ନଭେମ୍ବର ୧୯୬୭ରେ କଟକରେ ଘଟିଥିଲା।

**ଅଧ୍ୟକ୍ଷ**
**ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ, ଖୋର୍ଦ୍ଧା**
**ମୋ - ୯୩୩୭୬୨୧୪୫୫**



ଅପେକ୍ଷା କରିବାର କଳା ହେତୁ ଲୋକ ହାସଲ କରିଛି, ସେ ସବୁ କଥା ପାଇ ପାରିଛି।



# ସେ ଥିଲେ ହକି ଖେଳର ଯାଦୁକର

ଆଶିଷ କୁମାର ରାୟ



ପ୍ରକୃତରେ ସେ ଥିଲେ ହକି ଖେଳର ଯାଦୁକର। ଜଣେ ଯାଦୁକର ଯେଉଁଭଳି ନିଜ ଯାଦୁଦଣ୍ଡ ଦ୍ୱାରା କଳାକୌଶଳ ପ୍ରଦର୍ଶନ କରି ଦର୍ଶକମାନଙ୍କୁ ସମ୍ମୋହିତ କରଥାନ୍ତି, ଠିକ୍ ସେହିଭଳି ହକି ଖେଳର ମୈଦାନରେ ନିଜର ଅପୂର୍ବ ଷ୍ଟିକ୍ ଚାଳନା ଦ୍ୱାରା ସେ ସମ୍ମୋହିତ କରିଥିଲେ କ୍ରୀଡ଼ାପ୍ରେମୀ ଦର୍ଶକମାନଙ୍କୁ। ସ୍ୱାଧୀନତାର ପୂର୍ବବର୍ତ୍ତୀ ସମୟରେ ଭାରତୀୟ ହକିକୁ ଅପ୍ରତିଦ୍ୱନ୍ଦ୍ୱୀ ଶକ୍ତିରେ ପରିଣତ କରିବା ସହିତ ଦେଶରେ ଏହି ଖେଳକୁ ଲୋକପ୍ରିୟତାର ଶୀର୍ଷକୁ ନେଇଯିବାରେ ତାଙ୍କରି ଭୂମିକା ଥିଲା ସର୍ବାଧିକ। ତିନି ତିନିଟି ଅଲିମ୍ପିକ୍‌ରେ ନିଜ କ୍ରୀଡ଼ାନୈପୁଣ୍ୟର ଯାଦୁ ଦ୍ୱାରା ସେ ରୋମାଞ୍ଚିତ କରିଥିଲେ ଅଗଣିତ ଦର୍ଶକମାନଙ୍କୁ। ସେହି ତିନିଟି ଅଲିମ୍ପିକ୍‌ରେ ଭାରତକୁ ମିଳିଥିବା ସ୍ୱର୍ଣ୍ଣିମ ସଫଳତାର ସେ ହିଁ ଥିଲେ ମୁଖ୍ୟ ସାରଥୀ। 'ହକି ୱିଜାର୍ଡ' ବା ହକିର ଯାଦୁକର ଭାବେ ପ୍ରସିଦ୍ଧି ହାସଲ କରିବା ସହିତ ଭାରତର ମହାନତମ କ୍ରୀଡ଼ାବିତ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ଏହି ତାରକା ଜଣକ। ହକି ଖେଳର ଏହି ଯାଦୁକର ଜଣକ ଆଉ କେହି ନୁହନ୍ତି, ସେ ହେଉଛନ୍ତି ସମସ୍ତଙ୍କର ନମସ୍ୟ ମେଜର୍ ଧ୍ୟାନଚାନ୍ଦ। ଆଉ ଅଗଷ୍ଟ ମାସ ଆସିଗଲେ ଦେଶର ଅଗଣିତ କ୍ରୀଡ଼ାନୁରାଗୀ ତାଙ୍କୁ ହିଁ ମନେ ପକାନ୍ତି, କାରଣ ଏହି ମାସର ୨୯ ତାରିଖରେ ତାଙ୍କ ଜନ୍ମଦିନକୁ ଆମେ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରିଥାଉ।

ଭାରତୀୟ କ୍ରୀଡ଼ା ଇତିହାସରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଥିବା ହକିର ଏହି ଯାଦୁକର ଧ୍ୟାନଚାନ୍ଦ ୧୯୦୫ ମସିହା ଅଗଷ୍ଟ ୨୯ ତାରିଖ ଦିନ ଆଲ୍ଲାହାବାଦଠାରେ ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଭୂମିଷ୍ଠ ହୋଇଥିଲେ। ତାଙ୍କ ପିଲାଦିନର ନାମ ଥିଲା ଧ୍ୟାନ ସିଂହ। ପିତା ସୋମେଶ୍ୱର ସିଂହ ଥିଲେ ତତ୍କାଳୀନ ବ୍ରିଟିଶ ଇଣ୍ଡିଆ ଆର୍ମିର ଜଣେ ସୁବେଦାର। ଆର୍ମି ୟୁନିଟ୍ ପାଇଁ ହକି ଖେଳିଥିବା ସୋମେଶ୍ୱର ହିଁ ତାଙ୍କର ତିନି ପୁତ୍ର ଧ୍ୟାନ ସିଂହ, ମୂଲ୍ ସିଂହ ଓ ରୂପ ସିଂହଙ୍କୁ ଏହି ଖେଳ ପ୍ରତି ଆକର୍ଷିତ କରାଇଥିଲେ। ସୁତରାଂ ନିଜ ପରିବାରରୁ ହିଁ ହକି ଖେଳର ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିବା ପରେ ନିଜସ୍ୱ ଚେଷ୍ଟା, କଠିନ ପରିଶ୍ରମ ଓ ଦୃଢ଼ ଅଧ୍ୟବସାୟ ବଳରେ ବିଶ୍ୱର ମହାନତମ ଖେଳାଳିରେ ରୂପାନ୍ତରିତ ହୋଇପାରିଥିଲେ ଧ୍ୟାନ ସିଂହ। ଏତଦ୍‌ବ୍ୟତୀତ କନିଷ୍ଠ ଭ୍ରାତା ରୂପ ସିଂହ ମଧ୍ୟ ତାଙ୍କରି ପଦାଙ୍କ ଅନୁସରଣ କରି ନିଜକୁ ପରିଗଣିତ କରିଥିଲେ ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ଖେଳାଳି ଭାବେ।

ସେନାବାହିନୀରେ ଯୋଗଦେବା ପରେ ତାଙ୍କ ପ୍ରତିଭା ଅଧିକ ବିକଶିତ ହୋଇଥିଲା। ପ୍ରଥମେ ଭୋଲେ ତିୱାରୀ ଏବଂ ପରବର୍ତ୍ତୀ ସମୟରେ ପଙ୍କଜ ଗୁପ୍ତାଙ୍କ ପ୍ରଶିକ୍ଷଣରେ ସେ ନିଜକୁ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ତାରକା ଭାବେ ଗଢ଼ିତୋଳିଲେ। ରାତ୍ରି ସମୟରେ ଚନ୍ଦ୍ର ଆଲୋକରେ ତାଙ୍କୁ ଅଭ୍ୟାସ କରୁଥିବାର ଦେଖି ପ୍ରଶିକ୍ଷକ ପଙ୍କଜ ଗୁପ୍ତା ହିଁ ତାଙ୍କ ନାମ ଦେଇଥିଲେ ଧ୍ୟାନଚାନ୍ଦ। ସେତେବେଳେ ସେ କହିଥିଲେ ଯେ, 'ଦିନେ ଏହି ବାଳକର ପ୍ରତିଭା ହକି ଆକାଶରେ ଚାନ୍ଦ ବା ଚନ୍ଦ୍ର ଭଳି ଚମକିବାରେ ଲାଗିବ।' କିଛିବର୍ଷ ମଧ୍ୟରେ ସେହି ଦୂରଦର୍ଶୀ ପ୍ରଶିକ୍ଷକଙ୍କ ଭବିଷ୍ୟବାଣୀ ସତ ହେଲା ଏବଂ ଧ୍ୟାନଚାନ୍ଦ ଭାରତୀୟ ହକି ଦଳରେ ସାମିଲ ହେବା ସହିତ ନିଜର ନୈସର୍ଗିକ ପ୍ରତିଭା ବଳରେ ସମସ୍ତଙ୍କ ହୃଦୟ ଜିଣିବାରେ ସମର୍ଥ ହେଲେ।

୧୯୨୮ର ଆମ୍ଷ୍ଟରଡାମ୍ ଅଲିମ୍ପିକ୍‌ରୁ ଅୟମାରମ୍ଭ ହୋଇଥିବା ଭାରତୀୟ ହକିର ସ୍ୱର୍ଣ୍ଣିମ ଯୁଗ ବଳବତ୍ତର ରହିଥିଲା ଦୀର୍ଘ ଚାରି ଦଶନ୍ଧି ଧରି ଏବଂ ଏହି ସ୍ୱର୍ଣ୍ଣିମ ଯୁଗର ପ୍ରଥମ ତିନିଟି ଅଧ୍ୟାୟର ମୁଖ୍ୟ ସାରଥୀ ଥିଲେ ହକି ଯାଦୁକର ଧ୍ୟାନଚାନ୍ଦ। ଆମଷ୍ଟରଡାମ୍ ଅଲିମ୍ପିକ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଧ୍ୟାନଚାନ୍ଦ ସେତେବେଳେ ଥିଲେ ମାତ୍ର ୧୭ ବର୍ଷର କିଶୋର। ଏହାର ଫାଇନାଲରେ ଆୟୋଜକ ଦେଶ ନେଦରଲାଣ୍ଡସ୍‌କୁ ୩-୦ ଗୋଲରେ ପରାସ୍ତ କରି ଭାରତ ହାସଲ କରିଥିଲା ପ୍ରଥମ ଅଲିମ୍ପିକ୍ ସ୍ୱର୍ଣ୍ଣପଦକ। ୧୯୩୨ର ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍‌ରେ ମଧ୍ୟ ଭାରତ ଚାରି ବର୍ଷ ତଳର ସଫଳତାକୁ ଦୋହରାଇ ହାସଲ କରିନେଲା ଏହାର ଦ୍ୱିତୀୟ ସ୍ୱର୍ଣ୍ଣପଦକ। ଲସ୍ ଆଞ୍ଜେଲସ୍‌ରେ ଯୁକ୍ତରାଷ୍ଟ୍ର ଆମେରିକା ବିପକ୍ଷରେ ଭାରତର ୨୪-୧ ଗୋଲରେ ବିଜୟ ଏପର୍ଯ୍ୟନ୍ତ ଅଲିମ୍ପିକ୍‌ରେ ସର୍ବାଧିକ ବ୍ୟବଧାନରେ ବିଜୟର କୀର୍ତ୍ତିମାନ ହୋଇରହିଛି। ଏହି ମ୍ୟାଚ୍‌ରେ ସେ ଆଠଟି ଗୋଲ ଦେଇଥିବା ବେଳେ ତାଙ୍କ ଭାଇ ରୂପ୍ ସିଂହ ଦେଇଥିଲେ ଦଶଟି ଗୋଲ। ଏହାପରେ ୧୯୩୬ ମସିହାର ବର୍ଲିନ୍ ଅଲିମ୍ପିକ୍‌ରେ ଭାରତୀୟ ଦଳ ଅଂଶଗ୍ରହଣ କରିଥିଲା ଧ୍ୟାନଚାନ୍ଦଙ୍କ ନେତୃତ୍ୱରେ। ଏହି ଅଲିମ୍ପିକ୍‌ରେ ମଧ୍ୟ



ଅନ୍ୟମାନଙ୍କୁ ପ୍ରଶଂସା କରିବା ଦ୍ୱାରା ତୁମେ ମନକୁ ହିଁ ଉନ୍ନତ କରୁଛ।

ଭାରତ ଅପରାଜିତ ରହି ୫ଟି ମ୍ୟାଚ୍‌ରୁ ସ୍କୋର କରିଥିଲା ୩୮ଟି ଗୋଲ୍ ଏବଂ ଭାରତ ବିରୁଦ୍ଧରେ ଏକମାତ୍ର ଗୋଲଟି ଆସିଥିଲା ଫାଇନାଲ ମ୍ୟାଚ୍‌ରେ । ଏହି ଫାଇନାଲ୍ ମ୍ୟାଚ୍‌ରେ କିନ୍ତୁ ଭାରତୀୟ ଦଳ ଆୟୋଜକ ଜର୍ମାନୀ ବିପକ୍ଷରେ ୮-୧ ଗୋଲରେ ହାସଲ କରିଥିଲା ଏକତରଫା ବିଜୟ, ଯାହାକି ବିଶ୍ୱ ହକିରେ ଭାରତର ଏକାଧିପତ୍ୟକୁ ହିଁ ଦର୍ଶାଉଥିଲା । ଜର୍ମାନୀ ବିପକ୍ଷରେ ଫାଇନାଲ୍ ମ୍ୟାଚ୍‌ଟି ଧ୍ୟାନଚାନ୍ଦଙ୍କ ପାଇଁ ଥିଲା ଅତ୍ୟନ୍ତ ସ୍ମରଣୀୟ । ଏଥିରେ ସେ ଏକାକୀ ସ୍କୋର କରିଥିଲେ ୩ଟି ଗୋଲ । ମ୍ୟାଚ ସମୟରେ ବଲ୍‌କୁ ସେ ନିଜ ଷ୍ଟିକ୍ ସାହାଯ୍ୟରେ ଏଭଳି ନିୟନ୍ତ୍ରଣରେ ରଖିଥିଲେ ଯେ, ଅଧିକାଂଶ ସମୟରେ ଲାଗୁଥିଲା ସତେ ଯେମିତି ଷ୍ଟିକ୍‌ରେ ବଲଟି ଲାଖି ରହିଛି । ଧ୍ୟାନଚାନ୍ଦ କୌଣସି ଯାଦୁକରୀ ଷ୍ଟିକ୍ ବ୍ୟବହାର କରୁଛନ୍ତି ବୋଲି ମଧ୍ୟ ସନ୍ଦେହ ହୋଇଥିଲା ଅନେକଙ୍କର । ତେବେ ମ୍ୟାଚ୍ ମଝିରେ ଷ୍ଟିକ୍ ବଦଳାଯିବା ସତ୍ତ୍ୱେ ମଧ୍ୟ ତାଙ୍କର ଚମତ୍କାରିତା ଜାରି ରହିଲା ପୂର୍ବ ଭଳି । ସୁତରାଂ ସେହିଠାରେ ହିଁ 'ହକି ଯାଦୁକର' ଉପାଧି ମିଳିଗଲା ଧ୍ୟାନଚାନ୍ଦଙ୍କୁ । ଏଥିସହିତ କ୍ରମାଗତ ଭାବେ ତିନିଟି ଅଲିମ୍ପିକ୍‌ରେ ଭାରତକୁ ସ୍ୱର୍ଣ୍ଣପଦକ ବିଜୟୀ କରାଇବା ତଥା ଏହି ପ୍ରତିଯୋଗିତାରେ ସର୍ବାଧିକ ୩୯ଟି ଗୋଲ କରିବାର ରେକର୍ଡ ମଧ୍ୟ ସ୍ଥାପିତ ହୋଇଥିଲା ଧ୍ୟାନଚାନ୍ଦଙ୍କ ଦ୍ୱାରା । ଏତଦ୍‌ବ୍ୟତୀତ ତାଙ୍କର ଅପୂର୍ବ କ୍ରୀଡ଼ାନୈପୁଣ୍ୟ ଜର୍ମାନୀର ଏକଛତ୍ରବାଦୀ ଶାସକ ହିଟଲର୍ ଏତେ ପ୍ରଭାବିତ ହୋଇଥିଲେ ଯେ ସେ ତାଙ୍କୁ ଜଣେ ଉଚ୍ଚପଦସ୍ଥ ଅଧିକାରୀ ଭାବେ ଜର୍ମାନ ସେନାରେ ଯୋଗଦେବାର ପ୍ରସ୍ତାବ ଦେଇଥିଲେ । ଧ୍ୟାନଚାନ୍ଦ କିନ୍ତୁ ବିନମ୍ରତାର ସହିତ ସେହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ।

ଏହି ମହାନ ବିଶ୍ୱବିଜୟୀ ତାରକା ଜଣକ ୩ ଡିସେମ୍ବର ୧୯୭୯ରେ ଇହଧାମ ତ୍ୟାଗ କରିଥିଲେ ହେଁ ତାଙ୍କର ନାମ ଏବେ ବି କ୍ରୀଡ଼ାଜଗତରେ ଅମର ହୋଇରହିଛି । ଧ୍ୟାନଚାନ୍ଦଙ୍କ ସ୍ମୃତିରେ ତାଙ୍କର ଜନ୍ମ ଦିବସ ୨୯ ଅଗଷ୍ଟକୁ ଭାରତ ସରକାର 'ଜାତୀୟ କ୍ରୀଡ଼ା ଦିବସ' ଭାବେ ଘୋଷିତ କରି ତାଙ୍କୁ ସମ୍ମାନିତ କରିଛନ୍ତି । ଏତଦ୍‌ବ୍ୟତୀତ ୨୦୨୧ରୁ ଭାରତର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନକୁ ତାଙ୍କରି ନାମାନୁସାରେ 'ମେଜର୍ ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର' ଭାବେ ମଧ୍ୟ ପ୍ରଦାନ କରାଯାଉଛି ।

ମୋ - ୯୪୩୭୬୨୭୫୧୪

## କ୍ରୀଡ଼ାଜଗତରେ ଭାରତୀୟଙ୍କ ସଦ୍ୟତମ ସଫଳତା

୧.ଭାରତୀୟ ମହିଳା ହକି ଦଳ ଜୁଲାଇ ୩୦ରେ ବାର୍ସିଲୋନାର ଟେରାସାଠାରେ ଅନୁଷ୍ଠିତ ଟର୍ନେଓ ଡେଲ ସେଣ୍ଟେନାରିଓ ୨୦୨୩ରେ ଆୟୋଜକ ସ୍ପେନକୁ ୩-୦ରେ ପରାସ୍ତ କରି ଟର୍ନେଓ ଡେଲ ସେଣ୍ଟର୍ନାରିଓ ୨୦୨୩ ଟାଇଟଲ ଜିତିଛି ।

୨.ଚୀନ୍‌ର ମାକାଉରେ ଅନୁଷ୍ଠିତ ଜୁନିଅର ଏସୀୟ ଜୁଡୋ ଚାମ୍ପିଅନସିପ୍ ୨୦୨୩ରେ ତ୍ରିପୁରାର ଅସ୍ମିତା ଦେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।

୩.ଦକ୍ଷିଣ କୋରିଆରେ ଆୟୋଜିତ ISSF ଜୁନିଅର ବିଶ୍ୱ ଚାମ୍ପିଅନସିପରେ ଭାରତ ଦ୍ୱିତୀୟ ସ୍ଥାନ ଅଧିକାର କରିଛି ।

୪.ବିଏଲ୍ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲରେ ମହାରାଷ୍ଟ୍ରର ଆଦିତ୍ୟ ସାମନ୍ତ ଭାରତର ୮୩ତମ ଗ୍ରାଣ୍ଡମାଷ୍ଟର ଭାବେ ତୃତୀୟ ଥର ପାଇଁ ଗ୍ରାଣ୍ଡମାଷ୍ଟର ଆଖ୍ୟା ଅର୍ଜନ କରିଛନ୍ତି ।

୫.ବିସିସିଆଇ ଅମ୍ପାୟରିଂ ପ୍ୟାନେଲରେ ପ୍ରବେଶ କରିବାକୁ ଚାରିଜଣ ମହିଳାଙ୍କ ମଧ୍ୟରେ ଭାରତର ଇନ୍ଦୋରର ଦୁଇ ଭଉଣୀ ନିଧି ବୁଲେ ଏବଂ ରିତିକା ବୁଲେଙ୍କୁ ଚୟନ କରାଯାଇଛି ।

୬.ଇଂଲଣ୍ଡର ରୟାଲ ଲିଭରପୁଲ ଗଲ୍ଫ କ୍ଲବରେ ଓପନ୍ ଗଲ୍ଫ ଚାମ୍ପିଅନସିପ ୨୦୨୩ରେ ଜଣେ ଭାରତୀୟ ଗଲ୍ଫର ଶୁଭଙ୍କର ଶର୍ମାଙ୍କ ଦ୍ୱାରା ସର୍ବଶ୍ରେଷ୍ଠ ଫଳାଫଳ ହାସଲ ଏକ ଉଲ୍ଲେଖନୀୟ ପ୍ରଦର୍ଶନ ।

୭.କୋରିଆ ଓପନ୍‌ର ପୁରୁଷ ଡବଲ୍ସ ଫାଇନାଲରେ ବିଜୟୀ ହୋଇ ସାତ୍ୱିକସାଇରାଜ ରାଙ୍କିରେଡ଼ି ଏବଂ ଚିରାଗ ଶେଟ୍ଟୀ ୨୦୨୩ ବର୍ଷର ଚତୁର୍ଥ ଟାଇଟଲ ହାସଲ କରିଛନ୍ତି । ସାତ୍ୱିକସାଇରାଜ ଜଣେ ପୁରୁଷ ଖେଳାଳି ଭାବରେ ବ୍ୟାଡମିଣ୍ଟନରେ ଘଣ୍ଟା ପ୍ରତି ୫୬୫ କିଲୋମିଟର ଦ୍ରୁତତମ ବ୍ୟାଡମିଣ୍ଟନ୍ ହିଟ୍ କରି ଗିନିଜ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରି ଇତିହାସ ସୃଷ୍ଟି କରିଛନ୍ତି ।

୮.ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ବିରାଟ କୋହଲି ଦକ୍ଷିଣ ଆଫ୍ରିକାର ଜ୍ୟାକ କଲିସଙ୍କୁ ଅତିକ୍ରମ କରି ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ପଞ୍ଚମ ସର୍ବାଧିକ ରନ୍ ସ୍କୋର କରି ସାର୍ ଡନ୍ ବ୍ରାଡମ୍ୟାନଙ୍କ ଅଭିଜିତ ରେକର୍ଡ ସହିତ ସମକକ୍ଷ ହୋଇଛନ୍ତି ।

୯.ଏକ ଖୋଲା ସମୁଦ୍ର ସନ୍ତରଣକାରୀ ଅଂଶୁମାନ ଝିଙ୍ଗ୍ରାନ ଉତ୍ତର ଚ୍ୟାନେଲକୁ ସଫଳତାର ସହ ଅତିକ୍ରମ କରିବାରେ ସର୍ବଭାରତୀୟ ସ୍ତରରେ ସର୍ବକନିଷ୍ଠ ବ୍ୟକ୍ତି ହେବାର ଉଲ୍ଲେଖନୀୟ ସ'ଳତା ହାସଲ କରିଛନ୍ତି ।

୧୦.୧୭ ବର୍ଷୀୟ ଭାରତୀୟ ଗ୍ରାଣ୍ଡମାଷ୍ଟର ଆର. ପ୍ରଗନ୍ନାନ୍ଧା ହଙ୍ଗେରୀରେ ଅନୁଷ୍ଠିତ ସୁପର ଗ୍ରାଣ୍ଡମାଷ୍ଟର ଚେସ୍ ଟୁର୍ନାମେଣ୍ଟ ୨୦୨୩ରେ ଏକ ଉଲ୍ଲେଖନୀୟ ବିଜୟ ହାସଲ କରିଛନ୍ତି ।

# ବିଜ୍ଞାନ ବିଚିତ୍ରା

ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ଶନି ଗ୍ରହର ବଳୟରେ ଥିବା ଚନ୍ଦ୍ର -** ଆମେରିକାର ନାସା ଦ୍ୱାରା ପ୍ରେରିତ ମହାକାଶ ଯାନ କାସିନି ଦୀର୍ଘ ୧୩ ବର୍ଷ ଧରି ଶନିଗ୍ରହର ଚାରିପଟେ ପ୍ରଦକ୍ଷିଣ କଲାପରେ ଏହାର ବଳୟମାନଙ୍କ ମଧ୍ୟରେ ପାନ୍, ଡାଫନିସ, ପାଣ୍ଡୋରା, ଏପିମିଥିଓସ ଓ ଆଟଲାସ ନାମକ ୫ଟି ଚନ୍ଦ୍ର ରହିଥିବା ସୂଚନା ଦେଇଛି। ଏହି ବଳୟ ଗୁଡିକର ବୟସ ୧୦୦ ମିଲିଅନରୁ ୧ ବିଲିଅନ ବର୍ଷ ପୁରୁଣା ବୋଲି ଜଣାଯାଇଛି। କାସିନି ଦ୍ୱାରା ପ୍ରେରିତ ବିବରଣୀକୁ ନେଇ ଏ ପର୍ଯ୍ୟନ୍ତ ପ୍ରାୟ ୪୦୦୦ଟି ବୈଜ୍ଞାନିକ ପ୍ରବନ୍ଧ ଲେଖାସରିଲାଣି। ଏହି ଚନ୍ଦ୍ରମାନଙ୍କ ବ୍ୟାସ ୮ କିମିରୁ ଆରମ୍ଭ କରି ୧୧୬ କିମି ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଛି। ସେମାନଙ୍କ ଆକାର ଗୋଲାକାର ଏବଂ କେତେକ କ୍ଷେତ୍ରରେ ଉଡନ୍ତା ଥାଳିଆ ପରି ଦୃଶ୍ୟମାନ ହୋଇଥାଏ। ପ୍ରାୟତଃ ଏହି ଚନ୍ଦ୍ରଗୁଡିକ ବଳୟମାନଙ୍କ ଧାରରେ ଅବସ୍ଥାନ କରିଥାନ୍ତି। ବଳୟ କୁହନ୍ତୁ କି ଚନ୍ଦ୍ର, ସମସ୍ତେ ସେହି ଗୋଟିଏ ମହାଜାଗତିକ ବସ୍ତୁ ଏବଂ ସମାନ ସଂଘାତରୁ ସୃଷ୍ଟି ହୋଇଛି ବୋଲି ଅନୁମାନ କରାଯାଏ।

**୨୦୮୦ ମସିହା ସୁଦ୍ଧା ୧ ବିଲିଅନ ଲୋକ ଡେଙ୍ଗୁ ଦ୍ୱାରା ପୀଡିତ ହେବେ -** ଆମେରିକାର ଜର୍ଜଟାଉନ ୟୁନିଭର୍ସିଟିର ଗବେଷକ କୋଲନ ଜେ କାର୍ଲସନଙ୍କ ମତରେ ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଡେଙ୍ଗୁ ଓ ଜିକା ଭୂତାଣୁକୁ ବହନ କରୁଥିବା ଏଡିସ ଇଜିପ୍ଟି ଓ ଏଡିସ ଆଲବୋ ପିକ୍ଟସ ନାମକ ପ୍ରଜାତିର ମଶାଙ୍କ ପ୍ରାଦୁର୍ଭାବ ବଢି ଚାଲିବ। ଏମାନଙ୍କ ସଂଖ୍ୟା ବୃଦ୍ଧି ସହ ଡେଙ୍ଗୁ, ଜିକା ସହ ଚିକେନଗୁନିଆ ରୋଗ ବି ବ୍ୟାପିଯିବ। ବର୍ଷସାରା ଯଦି ତାପମାତ୍ରା ବୃଦ୍ଧି ଲାଗି ରହେ, ତେବେ ଏହି ମଶାମାନଙ୍କ ଉପଦ୍ରବ କେବଳ ନିର୍ଦ୍ଦିଷ୍ଟ ସୀମାରେଖାରେ ନରହି ସମଗ୍ର ପୃଥିବୀକୁ ବ୍ୟାପା ଯାଇପାରେ। କାରଣ କେବେବି ଦୃଶ୍ୟମାନ ହେଉ ନଥିବା ଏଡିସ୍ ମଶାଙ୍କୁ ବିଗତ କିଛି ବର୍ଷ ହେଲା ଫ୍ଲୋରିଡାରେ ଦେଖିବାକୁ ମିଳିଛି। ସେହିପରି ଦକ୍ଷିଣ ଏସିଆ ଓ ପଶ୍ଚିମ ଆଫ୍ରିକାରେ ଏଡିସ ଆଲବୋପିକ୍ଟସ ଜାତିର ମଶା ବ୍ୟାପିଥିବା ଦେଖା ଯାଉଛି।

**୩ଡି ପ୍ରିଂଟିଙ୍ଗର କମାଲ -** ଖେଳାଳିମାନେ କ୍ରୀଡା ପ୍ରଦର୍ଶନ ବେଳେ ଅଧିକାଂଶ ସମୟରେ ଦୁର୍ଘଟଣାରେ ହାଡ କିମ୍ବା କୋମଳାସ୍ଥି କ୍ଷତିର ସମ୍ମୁଖୀନ ହୋଇଥାନ୍ତି ଯାହାର ମରାମତି ନହେଲେ ଚିରଦିନ ପାଇଁ ସେମାନଙ୍କୁ ଅବସର ନେବାକୁ ପଡିଥାଏ। ଆମ ଶରୀରର ଲମ୍ବା ହାଡଗୁଡିକର ଅଗ୍ରଭାଗରେ ଚାପ ସହି ପାରୁଥିବା ଏକ ପ୍ରକାର ବହଳିଆ ତନ୍ତୁ ଦ୍ୱାରା ଆଚ୍ଛାଦିତ ହୋଇଥାଏ ଯାହାକୁ ଓଷ୍ଟିଓକଣ୍ଡ୍ରିଆଲ ଟିସୁ କୁହାଯାଏ। ତାହା ଛିଦ୍ରଯୁକ୍ତ ହୋଇ ଥିବାରୁ ମରାମତି ଯୋଗ୍ୟ ନଥାଏ କିନ୍ତୁ ଆମେରିକାର ରାଇସ ୟୁନିଭର୍ସିଟିର ବୈଜ୍ଞାନିକମାନେ ୩ଡି ପ୍ରିଂଟିଙ୍ଗ କୌଶଳ ବ୍ୟବହାର କରି ଏହି ତନ୍ତୁକୁ ତିଆରି କରି ପାରିଛନ୍ତି ଯାହାକୁ ଏହି ଖେଳାଳିମାନଙ୍କ ଶରୀରରେ ପ୍ରତିରୋପଣ କରାଯାଇପାରିବ।

**ବିଷାକ୍ତ ଅଙ୍ଗାରକାମ୍ଳ ଅଣୁକୁ ଭାଙ୍ଗି ହେବ -** ସବୁଜ ଗୃହ ପ୍ରଭାବ ଓ ବିଶ୍ୱ ତାପାୟନ ପାଇଁ ଏହି ବାଷ୍ପକୁ ସାଧାରଣତଃ ଦାୟୀ କରାଯାଇଥାଏ। ବର୍ତ୍ତମାନର ପ୍ରଚଳିତ ପଦ୍ଧତିରେ ଏହାକୁ ବିଘଟନ କରିବା ପାଇଁ ପ୍ଲାଟିନମକୁ ଦ୍ରବକ ଭାବେ ନିୟୋଜିତ କରା ଯାଇଥାଏ ଯାହା ଅତ୍ୟନ୍ତ ମୂଲ୍ୟବାନ ଓ ସହଜରେ ଉପଲବ୍ଧ ହୁଏ ନାହିଁ। ଏହି ଅସୁବିଧାକୁ ଦୂର କରିବାକୁ ୟୁନିଭର୍ସିଟି ଅଫ୍ କନେକ୍ଟିକଟର ବୈଜ୍ଞାନିକ ୟୋଙ୍ଗଟାଓ ମେଙ୍ଗ ଏକ ନୂତନ ଉପାୟ ବାହାର କରିଛନ୍ତି, ଯେଉଁଠାରେ ପ୍ଲାଟିନମ ବଦଳରେ ସେମାନେ ଏକ ଇଲେକ୍ଟ୍ରୋକେମିକାଲ ସେଲ ମଧ୍ୟରେ ସହଜରେ ଉପଲବ୍ଧ ଓ ଶସ୍ତା ନିକେଲ ଓ ଲୁହାକୁ ଛିଦ୍ର ଓ ଫେଣ ଆକାରରେ ଦ୍ରବକ ଭାବେ ନେଇଛନ୍ତି। ଯେତେବେଳେ ଏହି ସେଲ ମଧ୍ୟକୁ ଅଙ୍ଗାରକାମ୍ଳ ପ୍ରବେଶ କରାଇ ଏକ ହାଇ ଭୋଲ୍ଟେଜ ବିଦ୍ୟୁତ ପ୍ରୟୋଗ କରାଯାଏ, ତେବେ କାର୍ବନ ଡାଇ ଅକ୍ସାଇଡ ବିଘଟିତ ହୋଇ ଅପେକ୍ଷାକୃତ ବେଶୀ ପ୍ରତିକ୍ରିୟାଶୀଳ କାର୍ବନ ମନୋକ୍ସାଇଡରେ ରୂପାନ୍ତରିତ ହୁଏ, ଯାହାକୁ ଅଧିକାଂଶ ଉପଯୋଗୀ ପଦାର୍ଥ ଯଥା ପ୍ଲାଷ୍ଟିକ ଓ ପେଟ୍ରୋଲିଅମ ଜାତ ପଦାର୍ଥ ତିଆରି ପାଇଁ ବ୍ୟବହାର କରାଯାଇପାରେ। ଏହି ପ୍ରକ୍ରିୟା ଅଧିକ ପ୍ରଭାବୀ ଓ କମ୍ ଖର୍ଚ୍ଚରେ ହୋଇପାରୁଛି।

**ପକ୍ଷୀମାନଙ୍କ ଦଳଗତ ଉଡାଣରେ ସହଯୋଗ ରହେ କିପରି ?** ଆକାଶରେ ପକ୍ଷୀମାନେ ଦଳ ଦଳ ହୋଇ ଉଡିଗଲାବେଳେ ଆଶ୍ଚର୍ଯ୍ୟ ଲାଗେ। ସେମାନେ ସମାନ ଦିଗରେ ଓ ସମାନ ବେଗରେ କିପରି ଦଳର ଅନ୍ୟ ସଦସ୍ୟଙ୍କ ସହିତ ସହଯୋଗ ରକ୍ଷା କରି କାହିଁ କେତେ ଦୂର ଉଡିଯାଆନ୍ତି ପୁଣି ନିଜ ନୀଡକୁ ବାହୁଡି ଯାଆନ୍ତି। ଚୀନର ସାଉଥଇଷ୍ଟ ୟୁନିଭର୍ସିଟିର ବୈଜ୍ଞାନିକ ଡକ୍ସିନ ଚେନ୍‌ଙ୍କ ନେତୃତ୍ୱରେ ଏହା ଉପରେ ହୋଇଥିବା ଏକ ପରୀକ୍ଷଣର ରିପୋର୍ଟ ପ୍ରକାଶ ପାଇଛି। ପକ୍ଷୀମାନେ ଉଡିଲା ବେଳେ ମୁଖ୍ୟତଃ ତିନୋଟି ବିଷୟରେ ଧ୍ୟାନ ଦେଇଥାନ୍ତି - ୧) ପରସ୍ପର ମଧ୍ୟରେ ଧକ୍କା ନହେବା, ୨) ସମସ୍ତଙ୍କ ଗତିର ବେଗ ଓ ଦିଗ ସମାନ ରଖିବା ଓ ୩) ସମସ୍ତେ ନିଜକୁ ଗୋଟିଏ ସୀମା ମଧ୍ୟରେ ବାନ୍ଧି ରଖିବା। ଏହି ଗବେଷଣା ସୂଚାଏ ଯେ ଏହି ଦଳରେ ପକ୍ଷୀମାନେ ନିଜ ନିଜ ମଧ୍ୟରେ ସମନ୍ୱୟ ରଖି ଏହି ଯାତ୍ରାକୁ ସୁଗମ କରିଥା'ନ୍ତି। ଏହି ପରୀକ୍ଷଣ ପାଇଁ ସେମାନେ ୩୦ଟି ପାରାଙ୍କୁ ତିନୋଟି ଭାଗରେ ବିଭକ୍ତ କରି ପ୍ରତ୍ୟେକ ପାରାର ସ୍ଥିତି, ପରିବେଗ ଓ ସମୟ ସହିତ ତ୍ୱରଣର ପରିବର୍ତ୍ତନକୁ ଅନୁଧ୍ୟାନ କରିଥିଲେ। ଏହା ମଧ୍ୟ ନିଧାର୍ଯ୍ୟ କରିବାକୁ ଚେଷ୍ଟା କଲେ ଯେ କିଏ କାହାକୁ ପ୍ରଭାବିତ କରୁଛି ? କେତୋଟି ସାଧାରଣ ନିୟମକୁ ପର୍ଯ୍ୟବେସିତ କରି ସେମାନେ ଦେଖିଲେ ଯେ ସର୍ବଦା ଗୋଟିଏ ପାରା ଅନ୍ୟ ଦ୍ୱାରା ପ୍ରଭାବିତ ହେଉନାହିଁ କି ଅନ୍ୟକୁ ପ୍ରଭାବିତ କରୁନାହିଁ ବରଂ ନିୟମିତ ସମୟ ବ୍ୟବଧାନରେ ଏହାର ପରିବର୍ତ୍ତନ ଘଟୁଛି। ସେହିପରି ଦଳର କେନ୍ଦ୍ରରେ ରହୁଥିବା ପାରାମାନେ ଦିଗ ଓ ବେଗ ନିର୍ଦ୍ଧାରଣରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଲକ୍ଷ୍ୟ କରାଗଲା। ଆହୁରି ମଧ୍ୟ ଏହା ଜଣାଗଲା ଯେ ଏମାନଙ୍କ ଦଳଗତ ସାମାଜିକ ଚଳଣି ଗୋଷ୍ଠୀଗତ ବଂଶାନୁକ୍ରମିକ ସୂତ୍ରରେ ଏମାନେ ପାଇଥାଆନ୍ତି।



ଅନ୍ୟମାନଙ୍କ ଆଗରେ ଖଚ କହିବା ଓ ଅନ୍ୟଠାରୁ ଶୁଣିବା - ଏ ଦୁଇଟି ଅସାମାଜିକ କାର୍ଯ୍ୟ।



# ଚିକେନ୍ : ପାଟିକୁ ସୁଆଦ, ଦେହକୁ କାଳ

ଡକ୍ଟର ପ୍ରେମଚାନ୍ଦ ମହାନ୍ତି

ମହାଭାରତରେ ବର୍ଣ୍ଣିତ ଅଛି ଯେଉଁଦିନଠାରୁ ମନୁଷ୍ୟ ଆପଣା ଜାତିର ଅର୍ଥାତ ଅନ୍ୟ ପ୍ରାଣୀର ମାଂସ ଖାଇବାକୁ ଆରମ୍ଭ କଲା ସେଇ ଦିନଠୁ କଳିଯୁଗର ଆରମ୍ଭ ହେଲା । ମଣିଷ କେବେଠୁ ମାଂସାଶୀ ହେଲା ତାହା କହିବାଟା କଠିନ ହୋଇପାରେ । କିନ୍ତୁ ଏହା ସ୍ୱତଃସିଦ୍ଧ ଯେ ସୃଷ୍ଟି ଆରମ୍ଭରୁ ମନୁଷ୍ୟ ଉଦ୍ଭିଦଜାତ ଖାଦ୍ୟ ଉପରେ ହିଁ ନିର୍ଭର କରୁଥିଲା । ଅଧୁନାତନ ଜଗତ ବିଶେଷ କରି ଭାରତରେ ମାଂସାଶୀଙ୍କ ସଂଖ୍ୟା ଅସମ୍ଭାଳ ଭାବେ ବଢିଯାଇଛି । ପ୍ରାଣୀଜ ଖାଦ୍ୟ କହିଲେ ଆମେ ସାଧାରଣତଃ ମାଛ, ମାଂସ, ଚିକେନ ଓ ଅଣ୍ଡାକୁ ବୁଝାଏ ।



ସାଧାରଣ ଭାବେ ବ୍ୟବହୃତ ମାଂସ କହିଲେ ଆମେ ଛେଳି ଓ କୁକୁଡା ମାଂସକୁ ବୁଝୁ । ଏଥି ମଧ୍ୟରୁ ଛେଳି ମାଂସର ଅତ୍ୟଧିକ ଦରବୃଦ୍ଧି ଯୋଗୁଁ ଲୋକେ ବିକଳ୍ପଭାବେ କୁକୁଡା ମାଂସ ବିଶେଷ କରି ବ୍ରଏଲର ଚିକେନ୍ ଆଡକୁ ମୁହାଁଇଛନ୍ତି । ଏକ ଆକଳନରୁ ଜଣାଯାଏ ଯେ ୨୦୧୩ ମସିହାରେ କେବଳ ଭାରତରେ ୫୮,୦୦୦ କୋଟି ଟଙ୍କାର ଚିକେନ ବ୍ୟବସାୟ ହୋଇଥିଲା । ଏବଂ ହାରାହାରି ଭାବେ ପ୍ରତିବର୍ଷ ଏହା ୧୦-୧୨% ହାରରେ ବଢି ଚାଲିଛି । ଏହି ଆକଳନ ଦର୍ଶାଏ ଯେ ହରିଆନାର ଏକ ମ୍ୟୁନିସିପାଲିଟି ଅଧୀନରେ ଥିବା ଏକ ଅଂଚଳରେ ପ୍ରାୟ ୧୨୦ଟି ଫାର୍ମ୍ ରହିଛି ଏବଂ ପ୍ରତି ଫାର୍ମରେ କୁକୁଡାଙ୍କ ସଂଖ୍ୟା ପ୍ରାୟ ୫୦୦୦ । ଏହି ସଂଖ୍ୟା ବର୍ଷକୁ ପ୍ରାୟ ୧୧-୧୩% ହାରରେ ବଢି ଚାଲିଛି । ଏଥିରୁ ଏହି ବ୍ୟବସାୟର ବିଶାଳତା ଅନୁମାନ କରିପାରୁଥିବେ । ଆଜି ଏପରି ହୋଇଛି ଯେ କେବଳ ସହର ନୁହେଁ ବରଂ ଗାଁ ଗହଳିରେ ବି ପ୍ରତ୍ୟେକ ଗଳିରେ ଚିକେନ ଦୋକାନ ଖୋଲିଛି ଏବଂ ଅତି ସହଜରେ ଏବଂ ଶସ୍ତାରେ ପାଟି ସୁଆଦିଆ ଆମିଷ ମିଳିପାରୁଛି ।

ସବୁତ ଠିକ୍ ଚାଲିଥିଲା କିନ୍ତୁ, ଦିଲ୍ଲୀ ସ୍ଥିତ ସେଂଟର୍ ଫର୍ ସାଇନ୍ସ ଆଣ୍ଡ ଏନଭିରନମେଂଟ ଦ୍ୱାରା କରାଯାଇଥିବା ଏକ ପରୀକ୍ଷଣ ମନୁଷ୍ୟର ସ୍ୱାସ୍ଥ୍ୟ ସଂପର୍କରେ ଏକ ବିଶାଳ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେଠାକାର ବୈଜ୍ଞାନିକମାନେ ଦିଲ୍ଲୀ ଓ ଆଖପାଖ ଅଂଚଳରେ ଥିବା ୧୬ଟି ଦୋକାନରୁ ୭୦ଟି ଚିକେନ୍‌ରୁ ମାଂସପେଶୀ, ଲିଭର ଓ କିଡନି ସଂଗ୍ରହ କରି ସେଥିରେ ରହିଥିବା ରାସାୟନିକ ପଦାର୍ଥର ଅବଶେଷକୁ ମାପିଲେ । ହାଇ ପର୍ଫମେଂସ ଲିକ୍ୟୁଡ କ୍ରୋମାଟୋଗ୍ରାଫୀ, ଡାୟୋଡ୍ ଆରେ ଏବଂ ଫୋରେସେନ୍ସ ଡିଟେକ୍ଟର ସହାୟତାରେ ଗବେଷଣାଗାରରେ ସେମାନେ ୬ ପ୍ରକାର ଆଂଟି-ବାୟୋଟିକ୍ସର ଉପସ୍ଥିତିକୁ ଚିହ୍ନଟ କରିପାରିଲେ । ଏଥିରେ ନିଓମାଇସିନ୍‌କୁ ଛାଡିଦେଲେ ଅକ୍ସିଟେଟ୍ରାସାଇକ୍ଲିନ, କ୍ଲୋରୋ ଟେଟ୍ରାସାଇକ୍ଲିନ, ଡକ୍ସିସାଇକ୍ଲିନ, ଏନରୋଫ୍ଲକ୍ସାସିନ ଓ ସିପ୍ରୋ ଫ୍ଲକ୍ସାସିନ ବହୁଳ ପରିମାଣରେ ମହଜୁଦ ଥିବା ଦେଖାଗଲା । ଏଥିରୁ ସର୍ବାଧିକ ପରିମାଣ ଲିଭରରେ ଏବଂ ତା' ପଛକୁ କିଡନି ଓ ମାଂସପେଶୀରେ ଥିବାର ଦେଖାଗଲା । ଏହି ଚିକେନମାନଙ୍କ ମଧ୍ୟରୁ ୨୨.୯% ମାନଙ୍କ ଶରୀରରେ ଗୋଟିଏ, ୧୭%ରେ ଏକାଧିକ ପ୍ରକାର ଆଂଟି-ବାୟୋଟିକ ଥିବାର ଜଣାଗଲା । ଏହାର ପରିମାଣ କିଗ୍ରା ପ୍ରତି ୩.୩୭ରୁ ୧୩୧.୭୫ ମାଇକ୍ରୋଗ୍ରାମ୍ ରହିଥିଲା । ତେବେ ଏତେ ପରିମାଣର ଅନାବଶ୍ୟକ ଆଂଟି-ବାୟୋଟିକ କୁକୁଡା ଶରୀରକୁ ଆସିଲା କେମିତି ?

ନିଶ୍ଚିତ ଭାବେ ଏହା କୁକୁଡାକୁ ଖାଦ୍ୟ ମାଧ୍ୟମରେ ଦିଆଯାଇଛି ଏବଂ ଯଦି ଆମେ ଏହାକୁ ଖାଦ୍ୟ ରୂପେ ଗ୍ରହଣ କରିବା ତେବେ ବିନା ରୋଗରେ, ବିନା ଡାକ୍ତର ପରାମର୍ଶରେ ଏଗୁଡିକ ଆମ ଶରୀରରେ ପ୍ରବେଶ କଲା । ଏହାର ପରିଣତି ହେଲା ଆମ ଶରୀର ମଧ୍ୟରେ ବାସ କରୁଥିବା ଉଭୟ ଉପକାରୀ ଏବଂ ଅପକାରୀ ଜୀବାଣୁମାନେ ଏହି ଆଂଟି-ବାୟୋଟିକ ପ୍ରତିରୋଧ ଶକ୍ତିର ଅଧିକାରୀ ହୋଇଯିବେ । ଏପରି ବି ହୋଇପାରେ ଯେ ଏମାନେ ମଲ୍ଟିଡ୍ରଗ୍ ରେଜିଷ୍ଟେଂଟ ସୁପରବଗ୍‌ରେ ରୂପାନ୍ତରିତ ହୋଇଯିବେ । ତେଣୁ ଭବିଷ୍ୟତରେ ଯଦି ଆମେ କେବେ ଏମାନଙ୍କ ଦ୍ୱାରା ଆକ୍ରାନ୍ତ ହେବା ତେବେ ଆଉ କୌଣସି ଆଂଟି-ବାୟୋଟିକ କାମ ଦେବନାହିଁ ଏବଂ ଶେଷରେ ମୃତ୍ୟୁ ହିଁ ଆମକୁ ତା' କୋଳକୁ ଡାକିନେବ ।

ଆଂଟି-ବାୟୋଟିକର ଜନକ ଆଲେକ୍‌ଜାଣ୍ଡାର ଫ୍ଲେମିଙ୍ଗ ୧୯୪୫ ମସିହାରେ ନୋବେଲ ପୁରସ୍କାର ଗ୍ରହଣ କଲାପରେ ଏହି କଥାକୁ ସୂଚାଇ ମଣିଷକୁ ସାବଧାନ କରି ଦେଇଥିଲେ ଏହି ଉକ୍ତିରେ - "There is the danger that the ignorant man may easily under dose himself & by exposing his microbes to non lethal quantities of the drug make them resistant."

ନ୍ୟୁୟର୍କ ସ୍ଥିତ ବିଶ୍ୱ ଫୁସଫୁସ୍ ସଙ୍ଗଠନର ବୈଜ୍ଞାନିକ ନିଲ୍ ସ୍ଲୁଜରଙ୍କ ମତରେ ଆଂଟି-ବାୟୋଟିକକୁ ବାରମ୍ବାର ଏବଂ ନିରବଚ୍ଛିନ୍ନ ଭାବେ ବ୍ୟବହାର କଲେ ପ୍ରାକୃତିକ ଚୟନ ପ୍ରକ୍ରିୟାରେ ନୂତନ ପ୍ରଜାତିର ଜୀବାଣୁ ନିଶ୍ଚୟ ଜନ୍ମ ନେବେ ଯେଉଁମାନଙ୍କ ଶରୀର ବିଷାକ୍ତ ଆଂଟିବଡି ଦ୍ୱାରା ଆଉ ପ୍ରଭାବିତ ହେବନାହିଁ ଏବଂ ସେମାନେ ବଂଶ ବିସ୍ତାର କରି ସେହି ଜୀବାଣୁମାନଙ୍କ ଜୀନୀୟ ପରିବର୍ତ୍ତନ ଘଟାଇ ନୂତନ ଶକ୍ତି ଓ ସାହସ ବଳରେ ମନୁଷ୍ୟଠାରେ ଏମିତି ରୋଗ ସୃଷ୍ଟି କରିବେ ଯାହାକୁ କୌଣସି ଆଂଟି-ବାୟୋଟିକ କାଟି ପାରିବନି। ପୁନଶ୍ଚ ଖାଦ୍ୟ ମଧ୍ୟ ଦେଇ ଆମ ଶରୀରରେ ପ୍ରବେଶ କରୁଥିବା ଆଂଟି-ବାୟୋଟିକ ଶରୀର ମଧ୍ୟରେ ହିଁ ଏପରି ଜୀବାଣୁ ତିଆରି କରିବେ ଯେଉଁମାନେ ରୋଗ ସମୟରେ ବାହାରୁ ଦିଆ ଯାଉଥିବା ଆଂଟି-ବାୟୋଟିକକୁ ପ୍ରଭାବହୀନ କରିଦେବେ। ଆଜି ଚିନ୍ତାର ବିଷୟ ଏହି ଯେ ଯେଉଁ ଆଂଟି-ବାୟୋଟିକକୁ ମଣିଷ ବ୍ୟବହାର କରୁଛି ତା'କୁ କୁକୁଡାକୁ ଦିଆଯାଉଛି ରୋଗ ପାଇଁ ନୁହେଁ ବରଂ କୁକୁଡାର ଓଜନ ବୃଦ୍ଧି କରିବାକୁ। ଏଠାରେ ରୋଗ ହୋଇଥାଉ ବା ନହୋଇଥାଉ ସମସ୍ତଙ୍କୁ ନିରବଚ୍ଛିନ୍ନ ଭାବେ ଆଂଟି-ବାୟୋଟିକକୁ ମାତ୍ରା ବିହୀନଭାବେ ଦିଆଯାଉଛି, ଯାହାର ଫଳସ୍ୱରୂପ ମଣିଷ ଶରୀରରେ ଏହା ଏପରି ପ୍ରତିରୋଧି ଜୀବାଣୁ ସୃଷ୍ଟି କରୁଛି ଯାହା ଡାକ୍ତରୀ ବିଦ୍ୟାର ଯାଦୁକରୀ ଔଷଧୀୟ କ୍ଷମତା ପ୍ରତି ପ୍ରଶ୍ନବାଚୀ ସାଜିଛି। ଏହାର ଉଦାହରଣ ଦେବାକୁ ଯାଇ ଡଃ ସ୍ଲୁଜର୍ ଏକ ଯକ୍ଷ୍ମା ରୋଗୀ କଥା ବର୍ଣ୍ଣନା କରିଛନ୍ତି ଯାହାର ଚିକିତ୍ସା ପାଇଁ ୬ ମାସ ବଦଳା ୨ ବର୍ଷ ପାଇଁ ଔଷଧ ଦେବାକୁ ପଡିଲା ଯାହା ତାକୁ ରୋଗ ମୁକ୍ତ ତ କଲା କିନ୍ତୁ ପ୍ରତିଦାନରେ ତା'ର ଶ୍ରବଣ ଶକ୍ତି ଓ ସ୍ନାୟୁ ଶକ୍ତି ଲୋପ ପାଇଗଲା କହିବା ବାହୁଲ୍ୟ ଏହି ବ୍ୟକ୍ତିଟି ଆଗରୁ ଆଂଟି-ବାୟୋଟିକର ଅସଦ୍ ବ୍ୟବହାର କରି ତା'ର ପ୍ରତିରୋଧିକୁ ଶରୀର ମଧ୍ୟରେ ଜନ୍ମ ଦେଇ ସାରିଥିଲା। ଏହା ତ ଗୋଟିଏ ଛୋଟ ଉଦାହରଣ, ଏମିତି ଯଦି ସାରା ବିଶ୍ୱରେ ଘଟିଚାଲେ ତେବେ କେବଳ ଆମେରିକାରେ ୨ ମିଲିଅନ୍ ରୋଗୀ ପ୍ରଭାବିତ ହେବେ, ସେଥି ମଧ୍ୟରୁ ୨୩,୦୦୦ ମୃତ୍ୟୁ ମୁଖରେ ପଡିବେ ଏବଂ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ପ୍ରାୟ ୨୦ ବିଲିଅନ୍ ଡଲାରକୁ ବଢିଯିବ।

ଅବଶ୍ୟ ଆମ ଦେଶରେ ଏପରି ଏକ ହିସାବ ଏ ପର୍ଯ୍ୟନ୍ତ କରାହୋଇନାହିଁ। ଆଂଟି-ବାୟୋଟିକ ରେଜିଷ୍ଟାନ୍ସ ୨ଟି ସମସ୍ୟା ଆଣିପାରେ - ୧) ସାଧାରଣ ରୋଗ ପାଇଁ ଅତ୍ୟଧିକ ମାତ୍ରାର ଔଷଧ ଦେବାକୁ ପଡିବ ଓ ୨)ଗୁରୁତର ସଙ୍କ୍ରମଣ ପାଇଁ ଆଉ ଉଚ୍ଚମାନର ଆଂଟି-ବାୟୋଟିକ ଖୋଜିବାକୁ ପଡିବ ନଚେତ ଏବେ ପ୍ରଚଳିତ ସବୁ ଔଷଧ ଅକାମି ହୋଇଯିବ। ଉଦାହରଣ ସ୍ୱରୂପ ଆମ ଦେଶରେ ମଲ୍ଟିଡ୍ରଗ୍ ରେଜିଷ୍ଟେଂଟ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ୨୦୧୧– ୨୦୧୩ ମଧ୍ୟରେ ପ୍ରାୟ ୨୩,୩୨୫ କୁ ବୃଦ୍ଧି ପାଇଛି। ଉପରେ କରା ଯାଇଥିବା ଗବେଷଣାରେ କେବଳ ୬ଟିର ଆଂଟି-ବାୟୋଟିକ କଥା ଉଲ୍ଲେଖ କରାଯାଇଥିଲା କିନ୍ତୁ ପ୍ରକୃତ କ୍ଷେତ୍ରରେ ଏହାକୁ ଛାଡି ଆହୁରି ଗୁରୁତ୍ୱପୂର୍ଣ୍ଣ କେତୋଟି ଆଂଟି-ବାୟୋଟିକ ଯଥା ଜେଂଟାମାଇସିନ୍, ବେସିଟ୍ରାସିନ୍, ଫ୍ୟୁରାଜୋଲିଡନ୍ ଆଦି ମଧ୍ୟ କୁକୁଡାଙ୍କୁ ଦିଆଯାଉଛି। ଆଶ୍ଚର୍ଯ୍ୟର କଥା ଏହି ଯେ ଭାରତରେ ଏହି ସବୁ ଆଂଟି-ବାୟୋଟିକ ବସ୍ତା ଆକାରରେ ସାଧାରଣ ଦୋକାନରେ ବି ମିଳୁଛି ଯାହାର କୌଣସି ଏକ୍ସପାଏରି ତାରିଖ ନ ଥାଏ ଏବଂ କେତେ ସମୟ ପରେ ଶରୀରରେ ଏହା ପ୍ରଭାବହୀନ ହେବ ତାର ବି କିଛି ଉଲ୍ଲେଖ ନଥାଏ। ତେଣୁ ଯେତେ ସତର୍କ ହେଲେ ବି ଆମ ଖାଦ୍ୟ ଆମକୁ ଭରପୂର ପରିମାଣର ଆଂଟି-ବାୟୋଟିକ ଦେଇ ମୃତ୍ୟୁ ଆଡକୁ ଟାଣି ନେଉଛି।

ଚିକେନ ବେପାରରେ ଏଫ.ସି.ଆର ବା ଫିଡ୍ କନଭର୍ସନ ରେସିଓ ଏକ ମୁଖ୍ୟ ଭୂମିକା ଗ୍ରହଣ କରେ। ଏହାର ଅର୍ଥ ହେଉଛି କୁକୁଡାଟି ତା'ର ଜୀବନକାଳ ମଧ୍ୟରେ କେତେ ଖାଦ୍ୟ ଗ୍ରହଣ କରିଛି ଓ କେତେ ଓଜନର ମାଂସ ଦେଉଛି। ସବୁ କୁକୁଡା ଚାଷୀ ଏକ ସ୍ୱଳ୍ପ ଏଫ.ସି.ଆର ମୂଲ୍ୟ ପାଇବାକୁ ପ୍ରଯତ୍ନ କରନ୍ତି। ଏଥିପାଇଁ ଆଂଟି-ବାୟୋଟିକ ଏକ ମୁଖ୍ୟ ସହାୟକ ରୂପେ କାର୍ଯ୍ୟ କରେ। ଏହା ଚିକେନ୍‌ର ଖାଦ୍ୟ ନଳୀରେ ଥିବା ସମସ୍ତ ଅଣୁଜୀବଙ୍କୁ ନିପାତ କରି ଖାଦ୍ୟ ପଦାର୍ଥର ଅବଶୋଷଣ କ୍ରିୟାକୁ ସୁଗମ କରେ। ଫଳରେ ଏହା କମ୍ ସମୟରେ ଅଧିକ ଖାଦ୍ୟ ଗ୍ରହଣ କରି ତା'ର ଓଜନ ବୃଦ୍ଧି କରେ। ସାଧାରଣତଃ ୩୫ ଦିନରେ ଗୋଟିଏ କୁକୁଡାର ଓଜନ ୨ କିଗ୍ରା ହେବା ଆବଶ୍ୟକ, କିନ୍ତୁ ଆଂଟି-ବାୟୋଟିକ ପ୍ରୟୋଗ ଦ୍ୱାରା ଏହି ଲକ୍ଷ୍ୟ ବହୁ ପୂର୍ବରୁ ହାସଲ କରିହୁଏ ବୋଲି ଏହି ଚାଷୀମାନଙ୍କର ବିଶ୍ୱାସ ଅଛି। ଅଧିକାଂଶ ଫାର୍ମ ମାଲିକଙ୍କୁ ଚିକେନ ଓଜନ ବଢାଇବାର ବିକଳ୍ପ ଜଣାଅଛି, କିନ୍ତୁ ଖର୍ଚ୍ଚ କମ୍ ଦୃଷ୍ଟିରୁ ସେମାନେ ଆଂଟି-ବାୟୋଟିକ ବ୍ୟବହାରକୁ ଆପଣାଇଛନ୍ତି। ସେମାନଙ୍କ ମତରେ ଏହାଦ୍ୱାରା ଉତ୍ପାଦନ ଖର୍ଚ୍ଚକୁ ପ୍ରାୟ ୨୦% କମ୍ କରିହେଉଛି। ତେବେ ଏହି ସମସ୍ୟା ସମାଧାନ ପାଇଁ କ'ଣ କରାଯିବା ଆବଶ୍ୟକ ?

ପ୍ରକୃତରେ କୌଣସି ବସ୍ତୁର ବିଷାକ୍ତ ଗୁଣକୁ ତା'ର ଏମ୍ ଆର୍ ଏଲ୍ ବା ମେକ୍ସିମମ୍ ରେସିଡ୍ୟୁ ଲିମିଟ ଦ୍ୱାରା ମପାଯାଏ। ଅର୍ଥାତ କୌଣସି ଖାଦ୍ୟ ପଦାର୍ଥରେ ଏହାକୁ ମିଶାଇଲେ ଏହାର କେତେ ପରିମାଣ ଆମ ଶରୀରରେ ରହିଯାଉଛି। ଏହି ରାସାୟନିକରେ ବିଷର ମାତ୍ରା ଯଦି ଅଧିକ ରହେ ତେବେ ଏହାର ମେକ୍ସିମମ୍ ରେସିଡ୍ୟୁ ଲିମିଟ କମ୍ ରଖାଯାଏ, ଅର୍ଥାତ ଖାଦ୍ୟ ପଦାର୍ଥରେ ଏହାର ମାତ୍ରା କମ୍ ରହିବା ବିଧେୟ। କିନ୍ତୁ ଚିକେନରେ ଆଂଟି-ବାୟୋଟିକ ବ୍ୟବହାର ବେଳେ ଏହାଦ୍ୱାରା ସୃଷ୍ଟି ହେଉଥିବା ରେଜିଷ୍ଟେଂଟ ଅଣୁଜୀବର ଜନ୍ମକୁ କେହି ବିଚାରକୁ ନେଉ ନାହାନ୍ତି। ଉଦାହରଣ ସ୍ୱରୂପ କୋଡେକ୍ସ ମାନକ ଅନୁଯାୟୀ ଚିକେନର ମାଂସପେଶୀ, ଲିଭର ଓ କିଡନି ପାଇଁ ଅକ୍ସିଟେଟ୍ରାସାଇକ୍ଲିନ ଆଂଟି-ବାୟୋଟିକ ଯଦି ନିଆଯାଏ, ତେବେ ତା'ର ଏମ୍ ଆର୍ ଏଲ୍ ମୂଲ୍ୟ କିଗ୍ରା ପିଛା

ଯଥାକ୍ରମେ ୨୦୦ ମାଇକ୍ରୋଗ୍ରାମ୍, ୬୦୦ ମା.ଗ୍ରା,୧୨୦୦ ମା.ଗ୍ରା ଅଟେ ଏବଂ ଆମେ ଜାଣୁ ଯେ କୌଣସି ବି ଗ୍ରାହକ ଚିକେନ୍ କିଣିଲାବେଳେ ଲିଭର ଓ କିଡନି ତୁଳନାରେ ମାଂସ ହିଁ ଅଧିକ ମାତ୍ରାରେ ମାଗିଥାନ୍ତି ଯେଉଁଥିରେ ଅକ୍ସିଟେଟ୍ରାସାଇକ୍ଲିନର ମାତ୍ରା ତା'ର ଏମ୍ ଆର୍ ଏଲ୍ ମାନଙ୍କଠାରୁ ଯଥେଷ୍ଟ କମ୍ ଥାଏ ତେଣୁ ତାକୁ ବିଷ ବୋଲି ଧରାଯାଏ ନାହିଁ।

କିନ୍ତୁ ଏଠାରେ ଅନୁମାନ କରନ୍ତୁ ଜଣେ ଯଦି ନିୟମିତ ଭାବେ ଚିକେନ ଖାଏ ତେବେ ଉପରୋକ୍ତ ମଣିଷ ଶରୀରରେ ନିୟମିତ ରୂପେ ଅକ୍ସିଟେଟ୍ରାସାଇକ୍ଲିନ ଜମା ହୋଇ ଚାଲିଲା ଏବଂ ପରୋକ୍ଷରେ ଏହା କେତେ ରେଜିଷ୍ଟେଂଟ ଅଣୁଜୀବଙ୍କୁ ଜନ୍ମ ଦେଲା ତା'ର କିଛି ହିସାବ ନାହିଁ। ତେଣୁ ପ୍ରକୃତରେ ଆଂଟି-ବାୟୋଟିକର ବିଷାକ୍ତ ଗୁଣ ସେ କେତେ ରେଜିଷ୍ଟେଂଟ ଅଣୁଜୀବଙ୍କୁ ଜନ୍ମ ଦେଉଛି ତା ସହିତ ଯୋଡ଼ିବା କଥା। ୨୦୧୧ ମସିହାରେ ଆମେରିକାରେ ହୋଇଥିବା ଏକ ସର୍ଭେ ଅନୁଯାୟୀ ଚିକେନ ,ଘୁଷୁରି ମାଂସ ଓ ଗୋମାଂସ ର ଅଧିକାଂଶ ନମୁନାରେ ରେଜିଷ୍ଟେଂଟ ଅଣୁଜୀବ ଯଥା ସାଲମୋନେଲା, ଇ. କୋଲି, କାମ୍ପାଇଲୋବେକ୍ଟର ଆଦିଙ୍କୁ ପ୍ରଭୁତ ପରିମାଣରେ ରହିଥିବା ଦେଖାଗଲା।

ଆଜି ପର୍ଯ୍ୟନ୍ତ ୟୁରୋପକୁ ଛାଡିଦେଲେ ଅନ୍ୟ କୌଣସି ଦେଶରେ ଇତର ପ୍ରାଣୀମାନଙ୍କୁ କେତେ ଆଉ କେଉଁ ଆଂଟି-ବାୟୋଟିକ ଦେବା କିମ୍ୱା ନ ଦେବା ବିଷୟରେ କିଛି ଆଇନ ପ୍ରଣୟନ କରାଯାଇପାରି ନାହିଁ। ଯଥାର୍ଥରେ ଯେଉଁ ଆଂଟି-ବାୟୋଟିକଗୁଡିକ ମଣିଷ ପାଇଁ ଅପରିହାର୍ଯ୍ୟ ତାହାକୁ ଅନ୍ୟ ଜୀବଙ୍କଠାରେ ଅଯଥାରେ ପ୍ରୟୋଗ କରିବା ଉଚିତ ନୁହଁ। ନଚେତ ଦିନ ଆସିବ ମଣିଷ କାଶ, ଜ୍ୱର କିମ୍ୱା ଝାଡ଼ାରୋଗରେ ଔଷଧ ବିନା ଅକାଳରେ ଜୀବନ ହାରିବାକୁ ବାଧ୍ୟ ହେବ। ଏହି ସାଂଘାତିକ ବିପତ୍ତିରୁ ରକ୍ଷା ପାଇବାକୁ କେତୋଟି ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାକୁ ପଡିବ। ଯେପରିକି ଓଜନ ବୃଦ୍ଧି ପାଇଁ ତଥା ସମୂହଭାବେ କୌଣସି ବି ଆଂଟି-ବାୟୋଟିକ୍ର ବ୍ୟବହାରକୁ ନିଷେଧ କରାଯିବା ଦରକାର। କେବଳ ନିର୍ଦ୍ଦିଷ୍ଟ ବେମାରି ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସଠିକ୍ ମାତ୍ରାର ଔଷଧ ଦିଆଯିବା ବିଧେୟ। କୌଣସି ବି ପଶୁ ଖାଦ୍ୟରେ ଏହାକୁ ମିଶାଇବାର ଅନୁମତି ଦେବା ଉଚିତ ନୁହଁ। ମନୁଷ୍ୟ ପାଇଁ ଆବଶ୍ୟକ ହେଉଥିବା ଜରୁରୀ ଆଂଟି-ବାୟୋଟିକକୁ କେବେ ବି ଇତର ପ୍ରାଣୀଙ୍କ ଚିକିତ୍ସା ନିମନ୍ତେ ଅଯଥାରେ ବ୍ୟବହାର ନ କରିବା ଭଲ। କୁକୁଡାର ଓଜନ ବଢ଼ାଇବା ପାଇଁ ଆଂଟି-ବାୟୋଟିକ ବଦଳରେ ଉଦ୍ଭିଦ ଜାତ ପଦାର୍ଥକୁ ଦିଆଯିବା ଦରକାର। ଆଂଟି-ବାୟୋଟିକର ପ୍ରସ୍ତୁତି, ଆମଦାନୀ ଓ ବିକ୍ରୟ ଉପରେ କଟକଣା ଜାରି ହେବା ବିଧେୟ। ଉପଯୁକ୍ତ ଫାର୍ମ ପରିଚାଳନା ଦ୍ୱାରା ସୁସ୍ଥ ବାତାବରଣ ରଖିଲେ କୁକୁଡାଙ୍କୁ ରୋଗ ସଂକ୍ରମଣରୁ ରକ୍ଷା କରିହେବ ଏବଂ ଅଯଥା ଔଷଧ ପ୍ରୟୋଗକୁ ରୋକି ହେବ। ଏଥିପାଇଁ ଆଂଟି-ବାୟୋଟିକ ବଦଳରେ ପ୍ରତିଷେଧକ ଟୀକାକରଣକୁ ଉତ୍ସାହିତ କରିବା ଜରୁରୀ। ଆଂଟି-ବାୟୋଟିକ ରେଜିଷ୍ଟାଂଟ ଅଣୁଜୀବ ଯଦି ସୃଷ୍ଟି ହୋଇଛନ୍ତି ବୋଲି ଜଣାପଡେ ତେବେ ସେମାନେ ଯେପରି ବାହ୍ୟ ପରିବେଶକୁ ଯାଇ ଅନ୍ୟକୁ ପ୍ରଦୂଷିତ ନ କରନ୍ତି ସେଥିପ୍ରତି ଦୃଷ୍ଟି ଦିଆଯାଉ। ବଜାରରେ ଚିକେନ ବିକ୍ରି ସମୟରେ ଆଂଟି-ବାୟୋଟିକ ବ୍ୟବହୃତ ଓ ଅଣବ୍ୟବହୃତ ଚିକେନ ମାଂସକୁ ଅଲଗା ଭାବେ ଚିହ୍ନ ଦେଇ ବିକ୍ରି କରିବାକୁ ଆଇନ୍ ପ୍ରଣୟନ କରାଯାଉ। ସେହିପରି ଏହି ଚିକେନର ମଣିଷ ଶରୀର ଉପରେ କି କ୍ଷଣସ୍ଥାୟୀ ଓ ଦୀର୍ଘସ୍ଥାୟୀ ପ୍ରଭାବ ରହୁଛି ତା' ଉପରେ ବିଶଦ ଗବେଷଣା ହେବା ଜରୁରୀ।

ଉପର ଆଲୋଚନାରୁ ସ୍ପଷ୍ଟ ଅନୁମାନ କରିହେବ ଯେ ନିୟମିତ ଚିକେନ ଖାଇବା ଅର୍ଥ ନିଜ ଶରୀର ମଧ୍ୟକୁ ଛୋଟ ଛୋଟ ଭାଗ କରି ଆଂଟି-ବାୟୋଟିକ ନେଇ ଚାଲିବା ଆଉ ପରିଣାମରେ ଆମେ ପୁଣି ପେନିସିଲିନ ଆବିଷ୍କାର ହେବାର ପୂର୍ବାବସ୍ଥାକୁ ଫେରିଯିବା। ଆଜି ମଣିଷର ହୃତପିଣ୍ଡ, କିଡନି, ମସ୍ତିଷ୍କ, ଲିଭର ଯେକୌଣସି ଅଂଶକୁ ଅପରେସନ କରି କେବଳ ଆଂଟି-ବାୟୋଟିକ ପ୍ରୟୋଗ ଦ୍ୱାରା ତାର ମୂଳ ରୂପକୁ ଫେରାଇ ଆଣି ହେଉଛି। କିନ୍ତୁ ଯେତେବେଳେ ଆଂଟି-ବାୟୋଟିକ ରେଜିଷ୍ଟାଂଟ ଅଣୁଜୀବଙ୍କ ସଂଖ୍ୟା ଅସଂଖ୍ୟ ହୋଇଯିବ ସେତେବେଳେ ସାଧାରଣ କ୍ଷତଟିଏ ଯୋଗୁଁ ମଣିଷର ଜୀବନ ଚାଲିଯିବ। ଏଥିରେ ଧନୀ ଦେଶମାନେ ଅଧିକ ପ୍ରଭାବିତ ହେବାର ସମ୍ଭାବନା ରହିଛି।

ଅଧିକାଂଶ ଡାକ୍ତରଙ୍କ ମତ ହେଲା ଏବେ ଏମିତି ରୋଗୀମାନେ ଆସୁଛନ୍ତି ଯେଉଁମାନେ ପୂର୍ବରୁ କେବେ ସାଂଘାତିକ ରୋଗରେ ପଡି ନ ଥିଲେ କିମ୍ୱା ଆଂଟି-ବାୟୋଟିକ ନେଇ ନ ଥିଲେ ତଥାପି ତାଙ୍କ ଦେହରେ ଏବେ ସାଧାରଣ ଆଂଟି-ବାୟୋଟିକ କାମ କରୁନାହିଁ ଅର୍ଥାତ ଏମାନେ ଜୀବାଣୁ ପ୍ରତିରୋଧକ ଶକ୍ତି ହରାଇ ବସିଲେଣି। ଏମାନେ ବିଭିନ୍ନ ଖାଦ୍ୟ ପଦାର୍ଥ ଯଥା ଚିକେନ, ମଟନ୍, ମାଛ ଆଦି ଉତ୍ସରୁ ଆଂଟି-ବାୟୋଟିକ୍ ଆହରଣ କରି ନିଜକୁ ରୋଗଗ୍ରସ୍ତ କରି ପକାଇଛନ୍ତି। ଯଦି ବେଳହୁଁ ସରକାର କଡା ଅଇନ ପ୍ରଣୟନ କରିବେ, ଉପଭୋକ୍ତା ସଚେତନ ହେବେ ତେବେ ଯାଇ ଏ ଆସନ୍ନ ମହା ବିପତ୍ତିକୁ ଟାଳିହେବ। ୟୁରୋପ, ଆମେରିକା, ଜର୍ମାନୀ ଭଳି ପଶ୍ଚିମ ରାଷ୍ଟ୍ରମାନେ ଏଥିପ୍ରତି ସତର୍କ ହୋଇ ଆଗୁଆ ପଦକ୍ଷେପ ନେଇ ବସିଲେଣି। ଦେଖାଯାଉ ଆମେ କେବେ ଚେତୁଛୁ।

**ବିଭାଗୀୟ ମୁଖ୍ୟ (ରସାୟନ ବିଜ୍ଞାନ)**
**ଏନ ଏ ସି ମହାବିଦ୍ୟାଳୟ, ବୁର୍ଲା, ସମ୍ବଲପୁର**
**ମୋ - ୯୪୩୭୧୨୭୮୨୦**

## ସମ୍ବାଦ ବିଚିତ୍ରା

୧.ଚୀନ୍‌ର ଇଣ୍ଟରନେଟ୍ ୱାଚ୍ ଡଗ୍ ପିଲାଙ୍କ ସ୍ମାର୍ଟଫୋନ୍ ବ୍ୟବହାରକୁ ସୀମିତ କରିବା ପାଇଁ ଏକ ନୀତି ପ୍ରଣୟନ କରିଛି। ସୋସିଆଲ ମିଡ଼ିଆ ଓ ଅନ୍‌ଲାଇନ ଗେମ୍‌ରେ ପିଲାମାନେ ଚିନ୍ତାଜନକ ଭାବେ ଅଧିକ ସମୟ ବିତାଉଥିବାରୁ ଏବଂ ନିଶାଗ୍ରସ୍ତ ହୋଇପଡୁଥିବାରୁ ଏପରି ନିୟମ ପ୍ରଣୟନ କରାଯାଇଛି।

୨.ମୋ ବସ୍ ଭଳି ସରକାରଙ୍କ ଲକ୍ଷ୍ମୀ ବସ୍ ଯୋଜନା, ରାଜ୍ୟର ୬ଟି ଜିଲ୍ଲାରେ ଗଡିବ। ଆଦିବାସୀ ଅଧ୍ୟୁଷିତ ଓ ମାଓ ଉପଦ୍ରୁତ ଅଞ୍ଚଳରେ ଏହି ବସ୍ ଚାଲିବ।

୩.ସନତ କୁମାର ମହାନ୍ତି ଓପିଏସର ନୂଆ ଅଧକ୍ଷ ଭାବେ ନିଯୁକ୍ତି ପାଇଲେ।

୪.ଜଣାଶୁଣା କଳା ନିର୍ଦ୍ଦେଶକ ନିତିନ ଦେଶାଇଙ୍କ ୮୨ ବର୍ଷ ବୟସରେ ଦେହାନ୍ତ ହୋଇଛି। ମୁମ୍ବାଇ ନିକଟ କରଜତରେ ଥିବା ତାଙ୍କ ଏନଡି ଷ୍ଟୁଡିଓରେ ତାଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ମିଳିଛି।

୫.ସାମଗ୍ରୀ ଏବଂ ସେବା କର (ଜିଏସଟି) ସଂଗ୍ରହ ଜୁଲାଇରେ ୧୧ ପ୍ରତିଶତ ବୃଦ୍ଧି ପାଇ ୧.୬୫ ଲକ୍ଷ କୋଟିରୁ ଅଧିକ ହୋଇଛି।

୬.୮୮% ଦୁଇ ହଜାର ଟଙ୍କିଆ ନୋଟଗୁଡିକର ଦେଶର ବ୍ୟାଙ୍କଗୁଡିକୁ ଫେରି ଆସିଛି। ୩୧ ଜୁଲାଇ ୨୦୨୩ ସୁଦ୍ଧା ବଜାରରେ କେବଳ ୪୨, ୦୦୦ କୋଟି ଟଙ୍କା ମୂଲ୍ୟର ନୋଟ ବାକି ଅଛି।

୭.ସାଢ଼େ ଚାରି କୋଟି ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ଓଡ଼ିଶାରେ ମୋବାଇଲ୍ ବ୍ୟବହାର କରୁଥିବା ଗ୍ରାହକ ସଂଖ୍ୟା ୩ କୋଟି ୩୩ ଲକ୍ଷରୁ ଅଧିକ ହୋଇଛି।

୮.ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ)-୨୦୨୧ର ରେଜଲ୍ଟ ପ୍ରକାଶ ପାଇଛି। ଚଳିତ ଥର ୧୬୪ ମହିଳାଙ୍କ ସମେତ ୪୩୨ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସୁଦେବ କୁମାର ପୃଷ୍ଟି ଓଏଏସ୍ ଟପ୍ପର ହୋଇଛନ୍ତି। ଶୁଚିସ୍ମିତା ପାଣିଗ୍ରାହୀ ଦ୍ୱିତୀୟ, ପ୍ରଣବ ରଂଜନ ସାହୁ ତୃତୀୟ ସ୍ଥାନରେ ରହିଛନ୍ତି।

୯.ସିନେମାଟୋଗ୍ରାଫ୍ (ସଂଶୋଧନ) ବିଲ୍, ୨୦ ଜୁଲାଇ ୨୦୨୩ରେ ଲୋକସଭାରେ ଆଗତ ୨୭ ଜୁଲାଇରେ ମଞ୍ଜୁରି ପାଇଛି।

୧୦.ବୈଜ୍ଞାନିକମାନେ ୪୬ ହଜାର ବର୍ଷ ତଳର ଏକ କୀଟକୁ ଜୀବିତ କରିଦେଇଛନ୍ତି। ଏହା ସାଇବେରିୟା ପର୍ମାଫ୍ରୋଷ୍ଟରେ ଭୂପୃଷ୍ଠରୁ ୪୦ ମିଟର ତଳେ ସୁପ୍ତ ଅବସ୍ଥାରେ ଥିଲା।

୧୧.୨୦୨୨-୨୩ ଆର୍ଥିକ ବର୍ଷରେ ସାରା ରାଜ୍ୟରେ ଜେମ୍ ପୋର୍ଟାଲ୍ ମାଧ୍ୟମରେ ରାଜ୍ୟ ପୁଲିସର ବିକାଶ ନିମନ୍ତେ ସର୍ବାଧିକ ଅର୍ଡର ପ୍ରଦାନ କରି ପ୍ରଥମ ସ୍ଥାନ ଅଧିକାର କରିଛି।

୧୨.ସୁପ୍ରିମ୍‌କୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟ ଏସ୍ କେ ମିଶ୍ରଙ୍କ କାର୍ଯ୍ୟକାଳ ଅବଧି ଜୁଲାଇ ୩୧ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

୧୩.ହାଇକୋର୍ଟର ୭୫ତମ ବର୍ଷ ପୂର୍ତ୍ତିକୁ ସ୍ମରଣୀୟ କରିବା ପାଇଁ ଏହାର ଠିକ ଦୁଇ ଦିନ ପୂର୍ବରୁ ହାଇକୋର୍ଟଙ୍କ ଗୋଟିଏ ଖଣ୍ଡପୀଠ ଗୋଟିଏ ଦିନରେ ୭୫ଟି ମାମଲାର ରାୟ ପ୍ରକାଶ କରି ଉଦାହରଣ ସୃଷ୍ଟି କରିଛନ୍ତି।

୧୪.ରାଜ୍ୟରେ ବିଧିବଦ୍ଧ ଭାବେ ୧୫ ବର୍ଷ ପୁରୁଣା ଗାଡ଼ି ସ୍କ୍ରାପିଂ ଆରମ୍ଭ ହୋଇଛି। ଖୋର୍ଦ୍ଧାର ପିତାପଲ୍ଲୀଠାରେ କାର୍ଯ୍ୟକ୍ଷମ ଏହି ରାଜ୍ୟର ପ୍ରଥମ ଗାଡ଼ି ସ୍କ୍ରାପିଂ ୟୁନିଟ୍‌ରେ ଗାଡଗୁଡ଼ିକୁ ସ୍କ୍ରାପିଂ କରାଯାଇ ଗାଡି ମାଲିକଙ୍କୁ ଯଥୋଚିତ ମୂଲ୍ୟ ପ୍ରଦାନ କରାଯିବ।

୧୫.କେନ୍ଦ୍ରୀୟ ସୁରକ୍ଷା ତାଲିକାରେ ଓଡ଼ିଶାର ୮୦ଟି ଐତିହ୍ୟସ୍ଥଳ ରହିଛି । ୨୦୨୧-୨୨ରେ ୩ କୋଟି ୩୪ ଲକ୍ଷ ଟଙ୍କା, ୨୦୨୨-୨୩ରେ ୧୧ କୋଟି ୫୬ ଲକ୍ଷ ଟଙ୍କାର ରାଜସ୍ୱ ସଂଗ୍ରହ ହୋଇ କନସୋଲିଡେଟେଡ୍ ଫଣ୍ଡରେ ଜମା ହୋଇଛି ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ କହିଛନ୍ତି।

୧୬.୩ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହାଇକୋର୍ଟ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବା ପରେ ଏସ୍‌ସିବି ମେଡିକାଲ କଲେଜର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଟକକୁ ବିଶ୍ୱପ୍ରସିଦ୍ଧ ପାଇଁ ଏସ୍‌ସିବିର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଷ୍ଟ୍ରପତି କହିଥିଲେ।

୧୭.ଓଡିଶା କ୍ଷୁଦ୍ରଶିଳ୍ପ ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ୫.୨ କୋଟି ଟଙ୍କାର ଲାଭାଂଶ ପ୍ରଦାନ କରାଯାଇଛି। ଅଧକ୍ଷ ଚିନ୍ମୟ ସାହୁ, ପରିଚାଳନା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ୨୦୧୯-୨୦, ୨୦୨୦-୨୧ ଓ ୨୦୨୧-୨୨ ତିନି ବର୍ଷର ଲାଭାଂଶ ବାବଦରେ ୫ କୋଟି ୨ ଲକ୍ଷ ୬୬ ହଜାର ଟଙ୍କା ପ୍ରଦାନ କରିଛନ୍ତି।

୧୮.ବିବାହ ଉତ୍ସବରେ ଗୀତ ବଜାଇବା କପିରାଇଟ୍ ଆଇନର ଉଲ୍ଲଂଘନ ନୁହେଁ ଏବଂ ଏଭଳି କାର୍ଯ୍ୟ ପାଇଁ କେହି ରୟାଲ୍‌ଟି ଆଦାୟ କରିପାରିବେ ନାହିଁ ବୋଲି ସରକାର ସ୍ପଷ୍ଟ କରିଛନ୍ତି।

୧୯.ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇଣ୍ଟରନ୍ୟାସନାଲ ଏକ୍‌ଜିବିସନ-କମ୍-କନ୍‌ଭେନ୍ସନ ସେଣ୍ଟର (ଆଇଇସିସି) କମ୍ପ୍ଲେକ୍ସର ଉଦ୍‌ଘାଟନ କରିବା ସହ ଏହାର ନୂଆ ନାଁ ଦେଇଛନ୍ତି 'ଭାରତ ମଣ୍ଡପମ୍'। ୧୨୩ ଏକର ଜମିରେ ଏହି ନବୀକୃତ ଆଇଇସିସି କମ୍ପ୍ଲେକ୍ସକୁ ଏକ ଜାତୀୟ ପ୍ରକଳ୍ପ ଭାବେ ପ୍ରାୟ ୨,୭୦୦ କୋଟି ଟଙ୍କାରେ ବିକଶିତ କରାଯାଇଛି।

୨୦.୧୦୦ଟି ସର୍ବକାଳୀନ ଶ୍ରେଷ୍ଠ ଓଡ଼ିଆ ଗଳ୍ପକୁ ବିଦେଶୀ ଭାଷାରେ ଅନୁବାଦ କରାଯିବ: ସଂସ୍କୃତି ବିଭାଗର ବଡ଼ ପଦକ୍ଷେପ।

୨୧.ଜଷ୍ଟିସ୍ ଶୁଭାଶିଷ ତାଳପତ୍ରଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଦିଆଯାଇଛି।

୨୨.ଓଡ଼ିଶାରେ ଦାରିଦ୍ର୍ୟ ହାର ଏହି ସମୟରେ ୨୯.୩୪ ପ୍ରତିଶତରୁ ୧୫.୮୬ ପ୍ରତିଶତକୁ ହ୍ରାସ ପାଇଛି। ଗ୍ରାମୀଣ ଦାରିଦ୍ର୍ୟ ହାର ୩୨.୬୪ ପ୍ରତିଶତରୁ ୨୨.୭୨ ପ୍ରତିଶତକୁ ଖସିଥିବା ବେଳେ ସହରାଞ୍ଚଳରେ ୧୨.୩୨ ପ୍ରତିଶତରୁ ୫.୪୨ ପ୍ରତିଶତକୁ ହ୍ରାସ ପାଇଛି। ଜିଲ୍ଲାଗୁଡ଼ିକ ମଧ୍ୟର ମାଲକାନାଗିରି ଦାରିଦ୍ର୍ୟ ହାର ରାଜ୍ୟରେ ସର୍ବାଧିକ ୪୫.୦୧ ପ୍ରତିଶତ ଥିବା ବେଳେ ପୁରୀରେ ସର୍ବନିମ୍ନ ୩.୨୯ ପ୍ରତିଶତ ରହିଛି।

# ସାଧାରଣ ଜ୍ଞାନ

## ଜିଲ୍ଲା

୧.ନାମ - ଯାଜପୁର
୨.ଗଠନ - ୧ ଏପ୍ରିଲ, ୧୯୯୩
୩.କ୍ଷେତ୍ରଫଳ - ୨୮୮୮ ବର୍ଗ.କି.ମି
୪.ଜନସଂଖ୍ୟା - ୧୮୨୬୨୭୫ (ପୁରୁଷ - ୯୨୬୦୫୮, ମହିଳା - ୯୦୦୨୧୭)
୫.ଉପଖଣ୍ଡ - ୧
୬.ତହସିଲ - ୧୦
୭.ପଞ୍ଚାୟତ ସମିତି କାର୍ଯ୍ୟାଳୟ - ୧୦
୮.ଗ୍ରାମ ପଞ୍ଚାୟତ - ୩୩୧
୯.ଗ୍ରାମ - ୧୭୮୧
୧୦.ଥାନା - ୨୩
୧୧.ପୌରସଂସ୍ଥା - ୨
୧୨.ବିଜ୍ଞାପିତ ଅଞ୍ଚଳ ପରିଷଦ - ୨
୧୩.ଲୋକସଭା ଆସନ - ୧
୧୪.ବିଧାନସଭା ଆସନ - ୭ (୪୮-ବିଂଝାରପୁର, ୪୯-ବରୀ, ୫୦-ବଡ଼ଚଣା, ୫୧-ଧର୍ମଶାଳା, ୫୨-ଯାଜପୁର, ୫୩-କୋରେଇ, ୫୪-ସୁକିନ୍ଦା)
୧୫.ସାକ୍ଷରତା ହାର - ୮୦.୪୪% (ପୁରୁଷ - ୮୭.୩୬%, ମହିଳା - ୭୩.୩୭%)
୧୬.ଶିଶୁ ଜନସଂଖ୍ୟା(୦-୬ବର୍ଷ)- ୨୦୭୩୧୦
୧୭.ଜନସଂଖ୍ୟା ଘନତ୍ୱ - ୬୩୦/ବର୍ଗ କି.ମି.
୧୮.ଲିଙ୍ଗ ଅନୁପାତ - ୯୭୨ ମହିଳା /୧୦୦୦ ପୁରୁଷ
୧୯.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୮୦
୨୦.ନିଆଁଲିଭା କେନ୍ଦ୍ର - ୭
୨୧.ଜଙ୍ଗଲ ଜମି - ୨୦୨.୪୪ ବର୍ଗ କି.ମି
୨୨.ହାରାହାରି ତାପମାତ୍ରା - ସର୍ବନିମ୍ନ ୧୨.୦°- ସର୍ବୋଚ୍ଚ ୪୪.୦°
୨୩.ସାଧାରଣ ବୃଷ୍ଟିପାତ - ୧୫୫୯.୯ ମି.ମି.
୨୪.ମୋଟରଯାନ ପଞ୍ଜିକୃତ କୋଡ଼ - ଓ.ଡି.୦୪(ଚଣ୍ଡିଖୋଲ), ଓ.ଡ଼ି.୩୪(ଯାଜପୁର)
୨୫.ପର୍ଯ୍ୟଟନସ୍ଥଳୀ - ଅଶୋକ ଝର, ବରୁଣେଶ୍ୱର ପୀଠ, ଚଣ୍ଡୀଖୋଲ, ଛତଆ, ଗୋକର୍ଣ୍ଣିକା, ଯାଜପୁର, ମହାବିନାୟକ, ପଥରାଜପୁର, ରତ୍ନଗିରି ଓ ଉଦୟଗିରି, ସିଂହପୁର

## ରାଜ୍ୟ

୧.ନାମ - ପଶ୍ଚିମ ବଙ୍ଗ
୨.ରାଜ୍ୟପାଳ - ସି ଭି ଆନନ୍ଦ ବୋଷ
୩.ମୁଖ୍ୟମନ୍ତ୍ରୀ - ମମତା ବାନର୍ଜୀ
୪.ଗଠନ - ୧୫ ଅଗଷ୍ଟ ୧୯୪୭
୫.କ୍ଷେତ୍ରଫଳ - ୮୮,୭୫୨ ବର୍ଗ କି.ମି.
୬.ରାଜଧାନୀ - କୋଲ୍‌କାତା
୭.ଲୋକସଭା ଆସନ - ୪୨
୮.ରାଜ୍ୟସଭା ଆସନ - ୧୬
୯.ବିଧାନସଭା ଆସନ - ୨୯୪
୧୦.ମୁଖ୍ୟ ଭାଷା - ବଙ୍ଗଳା
୧୧.ମୁଖ୍ୟ ନୃତ୍ୟ - ଛଉ
୧୨.ମୁଖ୍ୟ ପର୍ବ - ଦୁର୍ଗା ପୂଜା
୧୩.ଜନସଂଖ୍ୟା(୨୦୧୧) - ୯୧,୩୪୭,୭୩୬ (ପୁରୁଷ - ୪୬,୯୨୭,୩୮୯, ମହିଳା - ୪୪,୪୨୦,୩୪୭)
୧୪.ଜନସଂଖ୍ୟା ବୃଦ୍ଧିହାର - ୧୩.୯୩%
୧୫.ଜନସଂଖ୍ୟା ଘନତ୍ୱ - ୧,୦୨୯/ବର୍ଗ କି.ମି
୧୬.ଶିଶୁ ଲିଙ୍ଗ ଅନୁପାତ - ୯୫୦ ଝିଅ/୧୦୦୦ ପୁଅ
୧୭.ଲିଙ୍ଗ ଅନୁପାତ(୨୦୨୧) - ୯୪୭ ମହିଳା/୧୦୦୦ ପୁରୁଷ
୧୮.ସାକ୍ଷରତା ହାର(୨୦୧୧) - ୭୭.୦୮%(ପୁରୁଷ-୭୯.୨୪%, ମହିଳା- ୭୧.୧୬%)
୧୯.ଜିଲ୍ଲା - ୩୦
୨୦.ଗ୍ରାମ - ୩୭,୯୪୫
୨୧.ସହର - ୩୭୫
୨୨.ଜଙ୍ଗଲ ଜମି - ୧୨,୯୯୫ ବର୍ଗ କି.ମି.
୨୩.ପର୍ଯ୍ୟଟନ ସ୍ଥଳୀ - ସିଲିଗୁଡ଼ି, ଦାର୍ଜିଲିଂ, ଶାନ୍ତିନିକେତନ, ହାଓ୍ୱଡ଼ା ସେତୁ,ଦକ୍ଷିଣେଶ୍ୱର କାଳୀମନ୍ଦିର, ସୁନ୍ଦରବନ, ଦ୍ୱିତୀୟ ହୁଗଲୀ ସେତୁ, ଭିକ୍ଟୋରିଆ ସ୍ମାରକ, କୁଚ ବେହାର

## ABBREVIATION

1.NAAC - National Assessment and Accreditation Council
2.IDFC - International Development Finance Corporation
3.EPIL - Engineering Projects India Ltd.
4.IFSCA - International Financial Services Centres Authority
5.ASEAN - Association of Southeast Asian Nations
6.FMCBGs - Finance Ministers and Central Bank Governors
7.A-WEB - Association of World Election Bodies
8.NIUA - National Institute of Urban Affairs
9.TAAI - Travel Agents Association of India
10.NGHM - National Green Hydrogen Mission

## ପୁସ୍ତକ

୧. **ଏଇ ମୋର ଦେଶ** – ଚିତ୍ତରଞ୍ଜନ ଦାସ
୨. **ଶ୍ରୀ ସାହିତ୍ୟ** – ରାଜକିଶୋର ରାୟ
୩. **ପ୍ରଳୟର ଗର୍ଭରୁ** – ଗୁରୁଚରଣ ପଟ୍ଟନାୟକ
୪. **ଇଞ୍ଜିନ୍** – ସୂର୍ଯ୍ୟନାରାୟଣ ଆଚାର୍ଯ୍ୟ
୫. **ବହୁରୂପ** – ଲକ୍ଷ୍ମୀ ନାରାୟଣ ସାହୁ
1. Western Lane - Chetna Maroo
2. Dr. APJ Abdul Kalam: Memories Never Die - Dr. Nazema Maraikayar & Dr. Y. S. Rajan
3. As the wheel turns - Ranjit Pratap
4. Colours of Devotion - Anita Bharat Shah
5. Prism : The Ancestral Abode of Rainbow - Vinod Mankara

## ସମ୍ମାନ/ପୁରସ୍କାର

୧. **ରତନ ଟାଟା** – ମହାରାଷ୍ଟ୍ର ଉଦ୍ୟୋଗ ରତ୍ନ ପୁରସ୍କାର, ୨୦୨୩
୨. **ମୋକ୍ଷ ରୟ** – ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ପଏଣ୍ଟ ଅଫ୍ ଲାଇଟ୍ ପୁରସ୍କାର
୩. **ପ୍ରଫେସର ଥାଲାପ୍ପିଲ୍ ପ୍ରଦୀପ** (ଆଇଆଇଟି, ମାଡ୍ରାସ) – ଏନି ପୁରସ୍କାର
୪. **ଏସଜେଭିଏନ ଲିମିଟେଡ୍** – ପ୍ରଥମ ପୁରସ୍କାର, ସ୍ୱଚ୍ଛତା ପଖୱାଡ଼ା ପୁରସ୍କାର, ୨୦୨୩
୫. **ଜାମ୍ମୁ କାଶ୍ମୀର ଗ୍ରାମୀଣ ଜୀବିକା ମିଶନ** – SKOCH ସ୍ୱର୍ଣ୍ଣ ପୁରସ୍କାର

## ନିଯୁକ୍ତି

୧. **ଗଣେଶ କନ୍ନବୀରନ୍** – ନୂତନ ନିର୍ଦ୍ଦେଶକ, ଜାତୀୟ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପରିଷଦ
୨. **ରାକେଶ ପାଲ** – ୨୫ତମ ମହାନିର୍ଦ୍ଦେଶକ, ଭାରତୀୟ ତଟରକ୍ଷୀ ବାହିନୀ
୩. **ମନୋଜ ଯାଦବ** – ନୂତନ ମହାନିର୍ଦ୍ଦେଶକ, ରେଳ ସୁରକ୍ଷା ବଳ
୪. **ପି ଭାସୁଦେବନ୍** – ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଭାରତର ରିଜର୍ଭ ବ୍ୟାଙ୍କ
୫. **ତୁଷାର ମେହେଟ୍ଟା** – ନୂତନ ସଲିସିଟର ଜେନେରାଲ୍, ଭାରତ

## ଦେହାନ୍ତ

୧. **ଶିରିଶ କାନେକର** (୮୦) – ଭେଟେରାନ ମରାଠୀ ଲେଖକ ତଥା ସ୍ତମ୍ଭକାର
୨. **ଡ. ମଙ୍ଗଳା ନାରଳିକର** (୮୦) – ବିଶିଷ୍ଟ ଗଣିତଜ୍ଞ
୩. **ନମ୍ବୁଥିରି** (୯୭) – ଜଣାଶୁଣା ଚିତ୍ରକାର ଏବଂ ସ୍ଥପତି
୪. **ଓମେନ୍ ଚାଣ୍ଡି** (୭୯) – କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ
୫. **ଆଲାନ୍ ଆର୍କିନ୍** (୮୯) – ଆମେରିକାର ପ୍ରସିଦ୍ଧ ଅଭିନେତା



ଅଦରକାରୀ ଅଲୋଚନା ଏକ ଅପରାଧ, ଏଣୁ ଭଦ୍ର ମଣିଷ ଜାଣିଶୁଣି ନୀରବତା ରକ୍ଷା କରେ।

## ଓଡ଼ିଶା

୧. କେଉଁ ଦେଶ ଓଡିଶାର ଆକାର ସହିତ ତୁଳନୀୟ ?
କ) ନେଦରଲ୍ୟାଣ୍ଡ ଖ) ବାଂଲାଦେଶ
ଗ) ଟ୍ୟୁନିସିଆ ଘ) ମିଆଁମାର

୨. ଓଡିଶାର ସମୁଦାୟ କ୍ଷେତ୍ରଫଳ କ'ଣ ?
କ) ୧,୪୫, ୭୦୭ ବର୍ଗ କି.ମି. ଖ) ୧,୫୫,୭୦୭ ବର୍ଗ କି.ମି.
ଗ) ୧,୬୫,୭୦୭ ବର୍ଗ କି.ମି. ଘ) ୧,୭୫,୭୦୭ ବର୍ଗ କି.ମି.

୩. ଓଡ଼ିଶାର ରାଜ୍ୟ ଗୀତ କ'ଣ ?
କ) ଜୟ ଜୟ ହେ ଓଡିଶା ଖ) ହେ ମୋର ଆପଣାର ଦେଶ
ଗ) ବନ୍ଦେ ଉତ୍କଳ ଜନନୀ ଘ) ମୋର ଓଡିଶା

୪. ରାଜ୍ୟର ନାମ ଆନୁଷ୍ଠାନିକ ଭାବରେ ଓରିଶାରୁ ଓଡିଶାକୁ କେବେ ବଦଳାଗଲା ?
କ) ୨୦୧୦ ଖ) ୨୦୧୧ ଗ) ୨୦୧୨ ଘ) ୨୦୧୩

୫. ଭାରତୀୟ ପ୍ରଦେଶମାନଙ୍କ ମଧ୍ୟରେ କ୍ଷେତ୍ରଫଳ ଦୃଷ୍ଟିରୁ ଓଡିଶାର ମାନ୍ୟତା କ'ଣ ?
କ) ସପ୍ତମ ସ୍ଥାନ ଖ) ଅଷ୍ଟମ ସ୍ଥାନ ଗ) ନବମ ସ୍ଥାନ ଘ) ଦଶମ ସ୍ଥାନ

୬. ଭାରତରେ ଅନୁସୂଚିତ ଜନଜାତିର ଜନସଂଖ୍ୟାରେ ଓଡିଶାର ସ୍ଥାନ କେତେ ?
କ) ୧ମ ଖ) ୨ୟ ଗ) ୩ୟ ଘ) ୪ର୍ଥ

୭. ଓଡ଼ିଶାର ପ୍ରତୀକରେ କେଉଁ ପଶୁ ଚିହ୍ନ ଅଛି ?
କ) ଘୋଡା ଖ) ସିଂହ ଗ) ହରିଣ ଘ) ବାଘ

୮. ଓଡିଶା ରାଜ୍ୟର ସୀମାରେ କେତୋଟି ରାଜ୍ୟ ଅଛି ?
କ) ତିନୋଟି ଖ) ଚାରିଟି ଗ) ପାଞ୍ଚଟି ଘ) ଛଅଟି

୯. ଓଡ଼ିଶାର ସାମୁଦ୍ରକ ଉପକୂଳର ଦୈର୍ଘ୍ୟ କେତେ ?
କ) ୪୮୫ କି.ମି. ଖ) ୫୮୫ କି.ମି.
ଗ) ୬୮୫ କି.ମି. ଘ) ୭୮୫ କି.ମି.

୧୦. ଭାରତର ଜାତୀୟ ସଂଗୀତରେ ଓଡିଶାର କେଉଁ ଅଞ୍ଚଳ ନାମ ଉଲ୍ଲେଖ କରାଯାଇଛି ?
କ) ଉତ୍କଳ ଖ)ଦ୍ରାବିଡ ଗ) ଉଚ୍ଛଳ ଘ) ବଙ୍ଗ

## ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ୧୨ର ପ୍ରଥମ ପାଞ୍ଚ ଗୁଣର ହାରାହାରି କେତେ ?
କ) ୩୬ ଖ) ୩୮ ଗ) ୪୦ ଘ) ୪୨

୨. ସଂଖ୍ୟା ୭୫୪୮୫୩ରେ ୫ର ସ୍ଥାନ ମୂଲ୍ୟରେ ପାର୍ଥକ୍ୟ କେତେ ?
କ) ୪୯୫୦୦ ଖ) ୪୯୯୫୦
ଗ) ୪୫୦୦୦ ଘ) ୪୯୯୪୦

୩. ପ୍ରଦତ୍ତ ବିକଳ୍ପଗୁଡ଼ିକ ମଧ୍ୟରୁ ନିମ୍ନ ମଧ୍ୟରୁ କେଉଁଟି ଭିନ୍ନ ?
କ) ଡ୍ରାଇଭିଂ ଖ) ଗାଧୋଇବା
ଗ) ପହଁରିବା ଘ) ନାବିକ

୪. ୧ମ ଉକ୍ତି : ରାମ ଶ୍ୟାମ ଅପେକ୍ଷା ଦ୍ରୁତ ଗତିରେ ଚାଲେ।
୨ୟ ଉକ୍ତି : ରାମ ଅପେକ୍ଷା ଦାମ ଦ୍ରୁତ ଗତିରେ ଚାଲେ।
୩ୟ ଉକ୍ତି : ଦାମଠାରୁ ଶ୍ୟାମ ଦ୍ରୁତ ଗତିରେ ଚାଲେ।
ଯଦି ୧ମ ଉକ୍ତି ଏବଂ ୨ୟ ଉକ୍ତି ସତ, ୩ୟ ଉକ୍ତି କ'ଣ ହେବ ?
କ) ସତ୍ୟ ଖ) ମିଥ୍ୟା ଗ) କୌଣସିଟି ନୁହେଁ

୫. ଜଣେ ମା' ନିଜ ପୁଅଠାରୁ ଦୁଇଗୁଣ ବୟସ୍କ। ଯଦି ୨୦ ବର୍ଷ ପୂର୍ବେ, ମା'ର ବୟସ ପୁଅ ବୟସର ୧୦ ଗୁଣ ଥିଲା, ତେବେ ମା'ର ବର୍ତ୍ତମାନ ବୟସ କେତେ ?
କ) ୩୮ ଖ) ୪୦ ଗ) ୪୩ ଘ) ୪୫

୬. ଯଦି ଜାନୁଆରୀ ୧, ୧୯୯୬ ସୋମବାର ଥିଲା, ତେବେ ଜାନୁଆରୀ ୧, ୧୯୯୭ ଦିନଟି କ'ଣ ଥିଲା ?
କ) ଗୁରୁବାର ଖ) ବୁଧବାର
ଗ) ଶୁକ୍ରବାର ଘ) ରବିବାର

୭. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଏକ ଅର୍ଥପୂର୍ଣ୍ଣ କ୍ରମରେ ସଜାନ୍ତୁ -
ସୂର୍ଯ୍ୟ, ବର୍ଷା, ଶିଶୁ, ଇନ୍ଦ୍ରଧନୁ, ଖୁସି
କ) ୨,୧,୪,୩,୫ ଖ) ୩,୨,୧,୪,୫
ଗ) ୨,୧,୩,୪,୫ ଘ) ୪,୫,୧,୩,୨

୮. ଯଦି AIRLINEକୁ ENILRIA7 ଭାବରେ ଲେଖାଯାଏ, ତେବେ RAILWAYକୁ କିପରି ଲେଖାଯିବ ?
କ) YAWLIAR7 ଖ) YAWLIAR8
ଗ) YAWILAR7 ଘ) YAWILAR8

୯. ୧,୨,୩,୧୦,ପପପପପ ଶୃଙ୍ଖଳାର ୬୭%ରେ କେଉଁ ସଂଖ୍ୟା ଆସିବ ?
କ) ୭୯ ଖ) ୯୯ ଗ) ୮୯ ଘ) ୯୮

୧୦. ନିମ୍ନଲିଖିତ ଅକ୍ଷରଗୁଡ଼ିକ ମଧ୍ୟରୁ କେଉଁଟି ଅକ୍ଷର କ୍ରମକୁ ସଂପୂର୍ଣ୍ଣ କରେ ?
_ ab _ b _ aba _ _ abab
କ) abbab ଖ) abbaa ଗ) abaab ଘ) aaaba

### ଉତ୍ତର

**୧.ଖ) ବାଂଲାଦେଶ, ୨.ଖ) ୧,୫୫,୭୦୭ ବର୍ଗ କି.ମି., ୩.ଗ) ବନ୍ଦେ ଉତ୍କଳ ଜନନୀ, ୪.ଖ) ୨୦୧୧, ୫.ଖ) ଅଷ୍ଟମ ସ୍ଥାନ, ୬.ଗ) ୩ୟ, ୭.କ) ଘୋଡା, ୮.ଖ) ଚାରିଟି, ୯.ଖ) ୫୮୫ କି.ମି, ୧୦. କ) ଉତ୍କଳ**

**୧.କ) ୩୬, ୨.ଖ) ୪୯୯୫୦, ୩.କ) ଡ୍ରାଇଭିଂ, ୪.ଖ) ମିଥ୍ୟା, ୫.ଘ) ୪୫, ୬.ଖ) ବୁଧବାର, ୭.କ) ୨,୧,୪,୩,୫, ୮.କ) YAWLIAR7, ୯.ଖ) ୯୯, ୧୦.ଘ) aaaba**



ଅଳସ ମସ୍ତିଷ୍କ ସଇତାନର କର୍ମସ୍ଥଳ।

## ଇତିହାସ

୧.କେଉଁ ପ୍ରାଚୀନ ସଭ୍ୟତାରେ କ୍ୟୁନିଫର୍ମ ଲେଖା ଉଦ୍ଭାବନ ହୋଇଥିଲା ?
କ) ପ୍ରାଚୀନ ମିଶର ଖ) ପ୍ରାଚୀନ ଗ୍ରୀସ୍
ଗ) ମେସୋପୋଟାମିଆ ଘ) ଇଣ୍ଡସ୍ ଉପତ୍ୟକା

୨.୧୨୧୫ରେ ସ୍ୱାକ୍ଷରିତ 'ମାଗନା କାର୍ଟା'ର ମହତ୍ୱପୂର୍ଣ୍ଣତା କ'ଣ ?
କ) ଇତିହାସର ପ୍ରଥମ ଲିଖିତ ସମ୍ବିଧାନ
ଖ) ପ୍ରାଚୀନ ଗ୍ରୀସରେ ଗଣତନ୍ତ୍ରର ନୀତି ପ୍ରତିଷ୍ଠା
ଗ) ବ୍ରିଟିଶ ରାଜତନ୍ତ୍ରର ଶକ୍ତି ସୀମିତତା
ଘ) ରୋମ ସାମ୍ରାଜ୍ୟର ସମାପ୍ତି

୩.ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସୋଭିଏତ୍ ସଂଘର ନେତୃତ୍ୱ କିଏ ନେଇଥିଲେ ?
କ) ଜୋସେଫ୍ ଷ୍ଟାଲିନ୍ ଖ) ଭ୍ଲାଡିମିର୍ ଲେନିନ୍
ଗ) ନିକିତା କ୍ରୁଚେଭ୍ ଘ) ଲିଓନ୍ ଟ୍ରୋଟସ୍କି

୪.୧୭୮୯ରେ ଆରମ୍ଭ ହୋଇଥିବା ଫରାସୀ ବିପ୍ଳବ ଦ୍ୱାରା କ'ଣ ହୋଇଥିଲା ?
କ) ନେପୋଲିଅନ୍ ବୋନାପାର୍ଟର ଉତ୍ଥାନ
ଖ) ଅର୍ଥନୈତିକ ସମସ୍ୟା ଏବଂ ଅସମାନତା
ଗ) ଜର୍ମାନ ରାଜ୍ୟଗୁଡ଼ିକର ଏକୀକରଣ
ଘ) ରୋମାନୋଭ ରାଜବଂଶର ପତନ

୫.ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ମାର୍ଗ 'ରେଶମ ରୋଡ୍' କେଉଁ ଦୁଇ ଅଞ୍ଚଳକୁ ସଂଯୁକ୍ତ କରୁଥିଲା ?
କ) ୟୁରୋପ ଏବଂ ଏସିଆ ଖ) ଉତ୍ତର ଏବଂ ଦକ୍ଷିଣ ଆମେରିକା
ଗ) ଆଫ୍ରିକା ଏବଂ ମଧ୍ୟ ପୂର୍ବ ଘ) ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲ୍ୟାଣ୍ଡ

୬.ଗିଜାର ମହାନ ପିରାମିଡ୍ ନିର୍ମାଣ କରିଥିବା ପ୍ରସିଦ୍ଧ ଇଜିପ୍ଟର ଫାରୋ କିଏ ଥିଲେ ?
କ) ତୁଟାନଖାମୁନ୍ ଖ) ହାଟସେପଟ୍
ଗ) ରାମସେସ୍ ୨ୟ ଘ) ଖୁଫୁ

୭.୧୯୧୯ରେ ସ୍ୱାକ୍ଷରିତ 'ଭର୍ସେଲ୍ ଚୁକ୍ତି' କେଉଁ ପ୍ରମୁଖ ବିବାଦକୁ ଆନୁଷ୍ଠାନିକ ଭାବରେ ସମାପ୍ତ କରିଥିଲା ?
କ) ପ୍ରଥମ ବିଶ୍ୱଯୁଦ୍ଧ ଖ) ଦ୍ୱିତୀୟ ବିଶ୍ୱଯୁଦ୍ଧ
ଗ) ଶୀତଳ ଯୁଦ୍ଧ ଘ) ଆମେରିକୀୟ ଗୃହଯୁଦ୍ଧ

୮.ଶିଳ୍ପ ବିପ୍ଳବ କେଉଁ ଦେଶରେ ଉତ୍ପନ୍ନ ହୋଇଥିଲା ?
କ) ଇଂଲଣ୍ଡ ଖ) ଫ୍ରାନ୍ସ ଗ) ଜର୍ମାନୀ ଘ) ଯୁକ୍ତରାଷ୍ଟ୍ର

୯.ଜାପାନର 'ମେଇଜି ପୁନରୁଦ୍ଧାର' କ'ଣ ସୂଚନା ଦିଏ ?
କ) ଟୋକୁଗାୱା ଶୋଗୁନାଟର ଉଚ୍ଛେଦ ଏବଂ ସାମ୍ରାଜ୍ୟ ଶାସନର ପୁନରୁଦ୍ଧାର
ଖ) ଗୋଟିଏ ଶାସକଙ୍କ ଅଧୀନରେ ଜାପାନର ଏକୀକରଣ
ଗ) ସରକାରୀ ରାଜ୍ୟ ଧର୍ମ ଭାବରେ କନଫୁସିଆନିଜିମ୍ ଗ୍ରହଣ
ଘ) ଜାପାନରେ ଏକ କମ୍ୟୁନିଷ୍ଟ ସରକାର ଗଠନ

୧୦.ପୂର୍ବ ଏବଂ ପଶ୍ଚିମ ଜର୍ମାନୀକୁ ବିଭକ୍ତ କରିଥିବା ବର୍ଲିନ୍ ପ୍ରାଚୀର କେବେ ନିର୍ମାଣ ହୋଇଥିଲା ?
କ) ୧୯୮୯ ଖ) ୧୯୬୧ ଗ) ୧୯୭୫ ଘ) ୧୯୯୧

## ବାଣିଜ୍ୟ

୧.ବାଣିଜ୍ୟର ମୂଳ ଲକ୍ଷ୍ୟ କ'ଣ ?
କ) ଲାଭ ବୃଦ୍ଧି କରିବା
ଖ) ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା
ଗ) ଚାକିରି ସୃଷ୍ଟି କରିବା
ଘ) ପ୍ରତିଯୋଗିତାକୁ ପ୍ରୋତ୍ସାହିତ କରିବା

୨.ନିମ୍ନଲିଖିତ ମଧ୍ୟରୁ କେଉଁଟି ବାଣିଜ୍ୟର ଶାଖା ନୁହେଁ ?
କ) ବାଣିଜ୍ୟ ଖ) ଅର୍ଥ ଗ) ଆକାଉଣ୍ଟିଂ ଘ) ଜୀବବିଜ୍ଞାନ

୩.ବାଣିଜ୍ୟ ପ୍ରସଙ୍ଗରେ 'B2B' କାହାକୁ ସୁଚାଏ ?
କ) ବ୍ୟବସାୟକୁ ବ୍ୟବସାୟ ଖ) କିଣିବାକୁ ବିକିବା
ଗ) କ୍ରେତାଙ୍କୁ ବ୍ୟବସାୟ ଘ) ବ୍ୟାଙ୍କକୁ ବ୍ୟବସାୟ

୪.କେଉଁ ପ୍ରକାର ବାଣିଜ୍ୟ ଦେଶର ସୀମା ମଧ୍ୟରେ ହୋଇଥାଏ ?
କ) ଆଭ୍ୟନ୍ତରୀଣ ବାଣିଜ୍ୟ ଖ) ଆନ୍ତର୍ଜାତୀୟ ବାଣିଜ୍ୟ
ଗ) ରପ୍ତାନି ବାଣିଜ୍ୟ ଘ) ବାଣିଜ୍ୟ ଆମଦାନୀ

୫.କଞ୍ଚାମାଲକୁ ଉପଭୋକ୍ତାଙ୍କ ପାଇଁ ସମଗ୍ରୀରେ ପରିଣତ କରିବାର ପ୍ରକ୍ରିୟାକୁ କ'ଣ କୁହାଯାଏ ?
କ) ଉତ୍ପାଦନ ଖ) ବଣ୍ଟନ ଗ) ମାର୍କେଟିଂ ଘ) ବ୍ୟବହାର

୬.'ଇ-ବାଣିଜ୍ୟ' ଶବ୍ଦ କ'ଣ ବୁଝାଏ ?
କ) ବାଣିଜ୍ୟରେ ଅର୍ଥନୀତି ଖ) ଶକ୍ତି ବାଣିଜ୍ୟ
ଗ) ବୈଦ୍ୟୁତିକ ବାଣିଜ୍ୟ ଘ) ଉଦୀୟମାନ ବାଣିଜ୍ୟ

୭.ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କମ୍ପାନୀର ଆୟ ଏବଂ ଖର୍ଚ୍ଚ ଦର୍ଶାଉଥିବା ଆର୍ଥିକ ବିବରଣୀକୁ କ'ଣ କୁହାଯାଏ ?
କ) ସନ୍ତୁଳନ ବିବରଣୀ ଖ) ଆୟ ବିବରଣୀ
ଗ) ନଗଦ ପ୍ରବାହ ବିବରଣୀ ଘ) ବ୍ୟୟ ବିବରଣୀ

୮.ଏକ ଷ୍ଟକ୍ ଏକ୍ସଚେଞ୍ଜର କାର୍ଯ୍ୟ କ'ଣ ?
କ) ଅଂଶଧନ କ୍ରୟ ଏବଂ ବିକ୍ରୟକୁ ସୁଗମ କରିବା
ଖ) ବ୍ୟବସାୟକୁ ଋଣ ଯୋଗାଇବା
ଗ) ଦ୍ରବ୍ୟ ମୂଲ୍ୟ ନିୟନ୍ତ୍ରଣ କରିବା
ଘ) କମ୍ପାନୀଗୁଡ଼ିକୁ ସରକାରୀ ଅନୁଦାନ ବଣ୍ଟନ କରିବା

୯.କେଉଁ ପ୍ରକାରର ବ୍ୟବସାୟ ସଂଗଠନ ଏକକ ବ୍ୟକ୍ତିଙ୍କ ଦ୍ୱାରା ଅଧିକୃତ ଏବଂ ପରିଚାଳିତ ?
କ) ନିଗମ ଖ) ସହଭାଗିତା ଗ) ସମବାୟ ଘ) ଏକକ ସତ୍ତ୍ୱାଧିକାର

୧୦.ଅନ୍ତର୍ଜାତୀୟ ବାଣିଜ୍ୟରେ, 'CIF' କ'ଣ ବୁଝାଏ ?
କ) ମୂଲ୍ୟ, ବୀମା ଏବଂ ସାମଗ୍ରୀ ଖ) ସେବା ଏବଂ ଆମଦାନୀ ଶୁଳ୍କ
ଗ) ନଗଦ ହସ୍ତାନ୍ତର ଘ) ମୁଦ୍ରା ବଜାର

**ଉତ୍ତର**

**୧.ଗ) ମେସୋପୋଟାମିଆ, ୨.ଗ) ବ୍ରିଟିଶ ରାଜତନ୍ତ୍ରର ଶକ୍ତି ସୀମିତତା, ୩.କ) ଜୋସେଫ୍ ଷ୍ଟାଲିନ୍, ୪.ଖ) ଅର୍ଥନୈତିକ ସମସ୍ୟା ଏବଂ ଅସମାନତା, ୫.କ) ୟୁରୋପ ଏବଂ ଏସିଆ, ୬.ଘ) ଖୁଫୁ, ୭.କ) ପ୍ରଥମ ବିଶ୍ୱଯୁଦ୍ଧ, ୮.କ) ଇଂଲଣ୍ଡ, ୯.କ) ଟୋକୁଗାୱା ଶୋଗୁନାଟର ଉଚ୍ଛେଦ ଏବଂ ସାମ୍ରାଜ୍ୟ ଶାସନର ପୁନରୁଦ୍ଧାର, ୧୦. କ) ୧୯୮୯**

**୧.ଖ) ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା, ୨.ଘ) ଜୀବବିଜ୍ଞାନ, ୩.କ) ବ୍ୟବସାୟକୁ ବ୍ୟବସାୟ, ୪.କ) ଆଭ୍ୟନ୍ତରୀଣ ବାଣିଜ୍ୟ, ୫.କ) ଉତ୍ପାଦନ, ୬.ଗ) ବୈଦ୍ୟୁତିକ ବାଣିଜ୍ୟ, ୭.ଖ) ଆୟ ବିବରଣୀ, ୮.କ) ଅଂଶଧନ କ୍ରୟ ଏବଂ ବିକ୍ରୟକୁ ସୁଗମ କରିବା, ୯.ଘ) ଏକକ ସତ୍ତ୍ୱାଧିକାର, ୧୦.କ) ମୂଲ୍ୟ, ବୀମା ଏବଂ ସାମଗ୍ରୀ**



ଅହଂକାର ଆଚରଣ ଉଠିଗଲେ ଆତ୍ମଜ୍ୟୋତି ଛାଏଁ ଉଦ୍‌ଭାଷିତ ହୋଇଉଠେ।

## ଅର୍ଥନୀତି

୧.ବ୍ୟକ୍ତି ଏବଂ ସମାଜ ସେମାନଙ୍କର ଅସୀମିତ ଇଚ୍ଛା ପୂରଣ ପାଇଁ ସୀମିତ ସମ୍ବଳ ବଣ୍ଟନ କରିବାର ଅଧ୍ୟୟନକୁ କ'ଣ କୁହାଯାଏ ?
କ) ସମାଜବିଜ୍ଞାନ ଖ) ନୃତତ୍ତ୍ୱ ବିଜ୍ଞାନ ଗ) ଅର୍ଥନୀତି ଘ) ମନୋବିଜ୍ଞାନ

୨.କେଉଁ ଅର୍ଥନୈତିକ ବ୍ୟବସ୍ଥା ସମ୍ବଳଗୁଡିକର ବ୍ୟକ୍ତିଗତ ମାଲିକାନା ଉପରେ ନିର୍ଭର କରିବା ସହିତ ଯୋଗାଣ ଏବଂ ଚାହିଦା ନିୟମ ଉପରେ ଆଧାର କରି କାର୍ଯ୍ୟ କରେ ?
କ) ପୁଞ୍ଜିବାଦ ଖ) ସମାଜବାଦ ଗ) ସାମ୍ପ୍ରଦାୟିକତା ଘ) ସାମ୍ରାଜ୍ୟବାଦ

୩.ଅର୍ଥନୀତିରେ ଜିଡିପିର ଅର୍ଥ କ'ଣ ?
କ) ସାଧାରଣ ଘରୋଇ ମୂଲ୍ୟ ଖ) ମୋଟ ଘରୋଇ ଉତ୍ପାଦ
ଗ) ସରକାରୀ ଏବଂ ଘରୋଇ ସହଭାଗୀତା ଘ) ଦ୍ରବ୍ୟ ବଣ୍ଟନ ଶତକଡା

୪.ମୁଦ୍ରାସ୍ଫୀତି କ'ଣ ?
କ) ଦ୍ରବ୍ୟ ଏବଂ ସେବାଗୁଡିକର ସାଧାରଣ ମୂଲ୍ୟ ସ୍ତରରେ ହ୍ରାସ
ଖ) ଦ୍ରବ୍ୟ ଏବଂ ସେବାଗୁଡିକର ସାଧାରଣ ମୂଲ୍ୟ ସ୍ତରରେ ବୃଦ୍ଧି
ଗ) ବାର୍ଷିକ ଉତ୍ପାଦିତ ସମସ୍ତ ସାମଗ୍ରୀ ଏବଂ ସେବାଗୁଡିକର ମୋଟ ମୂଲ୍ୟ
ଘ) ଶ୍ରମଶକ୍ତିରେ ବେକାର ଲୋକଙ୍କ ପ୍ରତିଶତ

୫.ବ୍ୟକ୍ତି ଏବଂ ସଂସ୍ଥା କିପରି ସମ୍ବଳ ବଣ୍ଟନ ନିଷ୍ପତ୍ତି ନିଅନ୍ତି, ତାହାର ଅଧ୍ୟୟନକୁ କ'ଣ କୁହାଯାଏ ?
କ) ଲଘୁ ଅର୍ଥନୀତି ଖ) କ୍ଷୁଦ୍ର ଅର୍ଥନୀତି
ଗ) ଆନ୍ତର୍ଜାତୀୟ ଅର୍ଥନୀତି ଘ) ବ୍ୟବହାରିକ ଅର୍ଥନୀତି

୬.ଯେଉଁ ସୁଧ ହାରରେ କେନ୍ଦ୍ରୀୟ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡିକୁ ଋଣ ଦେଇଥାଏ ତାହାକୁ କ'ଣ କୁହାଯାଏ ?
କ) ମୌଳିକ ହାର ଖ) ରିହାତି ହାର ଗ) ସଂଯୁକ୍ତ ହାର ଘ) ବିଯୁକ୍ତ ହାର

୭.ଗୋଟିଏ କମ୍ପାନୀ ସମଗ୍ର ବଜାର ଉପରେ ପ୍ରାଧାନ୍ୟ ବିସ୍ତାର କରି ମୂଲ୍ୟ ଏବଂ ଯୋଗାଣ ଉପରେ ଗୁରୁତ୍ୱପୂର୍ଣ୍ଣ ନିୟନ୍ତ୍ରଣ ରଖିବା ପରିସ୍ଥିତିକୁ କ'ଣ କୁହାଯାଏ ?
କ) ଏକଚାଟିଆ ଖ) ପରିପୂରକ ଗ) ପ୍ରତିଯୋଗିତା ଘ) ଦେବାଳିଆ

୮.କେଉଁ ଆର୍ଥିକ ସୂଚକ 'ସାମଗ୍ରୀ ଏବଂ ସେବାଗୁଡିକର ବଜାର ବୋଝ ପାଇଁ ଗ୍ରାହକମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ମୂଲ୍ୟରେ ହାରାହାରି ପରିବର୍ତ୍ତନକୁ ମାପ କରିଥାଏ ?
କ) ଜିଡିପି ଖ) ସିପିଆଇ (ଗ୍ରାହକ ମୂଲ୍ୟ ସୂଚକାଙ୍କ)
ଗ) ପିପିଆଇ (ଉତ୍ପାଦକ ମୂଲ୍ୟ ସୂଚକାଙ୍କ) ଘ) ଜିନି କୋଏଫିସିଏଣ୍ଟ

୯.ଦେଶର ରପ୍ତାନୀର ମୋଟ ମୂଲ୍ୟ, ଆମଦାନୀଗୁଡିକର ମୋଟ ମୂଲ୍ୟଠାରୁ କମ ହେବାକୁ କ'ଣ କୁହାଯାଏ ?
କ) ବଜେଟ୍ ଅଭାବ ଖ) ବାଣିଜ୍ୟ ନିଅଣ୍ଟ
ଗ) ସାମ୍ପ୍ରତିକ ଆକାଉଣ୍ଟ ନିଅଣ୍ଟ ଘ) ଆର୍ଥିକ ନିଅଣ୍ଟ

୧୦.ଏକ ଦେଶ କିମ୍ବା ଅଞ୍ଚଳରେ ଅର୍ଥନୈତିକ କାର୍ଯ୍ୟକଳାପରେ ସ୍ଥାୟୀ, ଦୀର୍ଘକାଳୀନ ଅବନତିର ଭବିଷ୍ୟତ କ'ଣ ?
କ) ମୁଦ୍ରାସ୍ଫୀତି ଖ) ଅଭିବୃଦ୍ଧି ଗ) ଆର୍ଥିକ ଅନଟନ ଘ) ଡିଫ୍ଲେସନ୍

## କ୍ରୀଡ଼ା

୧.ଭାରତରେ ଅକ୍ଟୋବର ଓ ନଭେମ୍ବର ମାସରେ ଆୟୋଜିତ ହେଉଥିବା କ୍ରିକେଟ ବିଶ୍ୱକପରେ କେତୋଟି ଦଳ ଅଂଶଗ୍ରହଣ କରିବେ ?
(କ) ୧୦ଟି (ଖ) ୧୨ଟି (ଗ) ୧୪ଟି (ଘ) ୧୬ଟି

୨.୨୦୨୪ର ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ ୱେଷ୍ଟଇଣ୍ଡିଜ୍ ସହିତ ଆଉ କେଉଁ ଦେଶରେ ଆୟୋଜିତ ହେବ ?
(କ) ଇଂଲାଣ୍ଡ (ଖ) କାନାଡ଼ା (ଗ) ବରମୁଡ଼ା (ଘ) ୟୁ.ଏସ.ଏ.

୩.୨୦୨୬ରେ ଫିଫା ବିଶ୍ୱକପର ଆୟୋଜନ ଯୁକ୍ତରାଷ୍ଟ୍ର ଆମେରିକା ଓ କାନାଡ଼ା ବ୍ୟତୀତ ଅନ୍ୟ କେଉଁ ଦେଶରେ ହେବାକୁ ଯାଉଛି ?
(କ) ଜାମାଇକା (ଖ) ମେକ୍ସିକୋ (ଗ) କ୍ୟୁବା (ଘ) ଉରୁଗୁଏ

୪.୨୦୨୩ର ଫିଫା ମହିଳା ବିଶ୍ୱକପର ଆୟୋଜନ କେଉଁ ଦୁଇଟି ଦେଶର ଫୁଟବଲ ସଂଘ ମିଳିତ ଭାବେ କରିଛନ୍ତି ?
(କ) ସ୍ପେନ୍ - ପର୍ତ୍ତୁଗାଲ (ଖ) ଜାପାନ - କୋରିଆ
(ଗ) ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ (ଘ) ୟୁ.ଏସ.ଏ.-କାନାଡ଼ା

୫.୨୦୨୩ର ଓ୍ୱିମ୍ବଲଡନ୍ ଟେନିସରେ ପୁରୁଷ ସିଂଗଲ୍ସ ଚାମ୍ପିଆନ ହୋଇଛନ୍ତି ?
(କ) ନୋଭାକ୍ ଡ୍ୟୋକୋଭିଚ୍ (ଖ) କାର୍ଲୋସ୍ ଆଲକାରାଜ୍
(ଗ) ଡାନିଲ୍ ମେଡ୍‌ଭେଡେଭ୍ (ଘ) ୟାନିକ୍ ସିନର୍

୬.୨୦୨୩ର ଓ୍ୱିମ୍ବଲଡନ୍ ଟେନିସରେ କିଏ ମହିଳା ସିଂଗଲ୍ସ ଚାମ୍ପିଆନ୍ ହୋଇଛନ୍ତି ?
(କ) ଓନ୍ସ ଜେବୁର୍ (ଖ) ଆର୍ଯ୍ୟନା ସାବାଲେଙ୍କା
(ଗ) ଏଲେନା ରାଇବିକିନା (ଘ) ମାର୍କେଟା ଭନ୍ଦରୋସୋଭା

୭.୨୦୨୩ର ଓ୍ୱିମ୍ବଲଡନ୍ ଟେନିସର ପୁରୁଷ ଡବଲ୍ସରେ ନିଜ ପାର୍ଟନରଙ୍କ ସହିତ ସେମିଫାଇନାଲକୁ ଯାଇଥିବା ଭାରତୀୟ ଖେଳାଳି କିଏ ?
(କ) ରୋହନ ବୋପାନ୍ନା (ଖ) ସାକେତ୍ ମାଇନେନୀ
(ଗ) ଲିଆଣ୍ଡର ପେସ୍ (ଘ) ୟୁକୀ ଭାମ୍ବରୀ

୮.ଆସନ୍ତା ସେପ୍ଟେମ୍ବର-ଅକ୍ଟୋବର ମାସରେ ଚୀନର ହାଙ୍ଗଝାଉଠାରେ କେତେତମ ଏସୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେଉଛି ?
(କ) ୧୭ତମ (ଖ) ୧୮ତମ (ଗ) ୧୯ତମ (ଘ) ୨୦ତମ

୯.କେଉଁ ମସିହାରେ ପ୍ରଥମ ଏସୀୟ କ୍ରୀଡ଼ା (ଏସିଆଡ଼)ର ଆୟୋଜନ ହୋଇଥିଲା ?
(କ) ୧୯୫୦ (ଖ) ୧୯୫୧ (ଗ) ୧୯୫୨ (ଘ)୧୯୫୪

୧୦.ବେଙ୍ଗାଲୁରୁଠାରେ ଆୟୋଜିତ ୨୦୨୩ର ସାଫ୍ ଚାମ୍ପିଆନସିପ ଫୁଟବଲରେ ଭାରତ କେଉଁ ଦେଶକୁ ହରାଇ ଚାମ୍ପିଆନ ହୋଇଛି ?
(କ) କୁଏତ୍ (ଖ) ଲେବାନନ୍ (ଗ) ମୋଙ୍ଗୋଲିଆ (ଘ) ଭାନୁଆଟୁ

### ଉତ୍ତର

**୧.ଗ) ଅର୍ଥନୀତି, ୨.କ) ପୁଞ୍ଜିବାଦ, ୩.ଖ) ମୋଟ ଘରୋଇ ଉତ୍ପାଦ, ୪.ଖ) ଦ୍ରବ୍ୟ ଏବଂ ସେବାଗୁଡିକର ସାଧାରଣ ମୂଲ୍ୟ ସ୍ତରର ବୃଦ୍ଧି, ୫.ଖ) କ୍ଷୁଦ୍ର ଅର୍ଥନୀତି, ୬.ଖ) ରିହାତି ହାର, ୭.କ) ଏକଚାଟିଆ, ୮.ଖ) ସିପିଆଇ (ଗ୍ରାହକ ମୂଲ୍ୟ ସୂଚକାଙ୍କ), ୯.ଖ) ବାଣିଜ୍ୟ ନିଅଣ୍ଟ, ୧୦.ଗ) ଆର୍ଥିକ ଅନଟନ**

**୧.(କ) ୧୦ଟି, ୨.(ଘ) ୟୁ.ଏସ.ଏ., ୩.(ଖ) ମେକ୍ସିକୋ, ୪.(ଗ) ଅଷ୍ଟ୍ରେଲିଆ-ନ୍ୟୁଜିଲାଣ୍ଡ, ୫.(ଖ) କାର୍ଲୋସ୍ ଆଲକାରାଜ୍, ୬.(ଘ) ମାର୍କେଟା ଭନ୍ଦରୋସୋଭା, ୭.(କ) ରୋହନ ବୋପାନ୍ନା, ୮.(ଗ)୧୯ତମ, ୯.(ଖ) ୧୯୫୧, ୧୦.(କ)କୁଏତ୍**



ଅନ୍ୟମାନଙ୍କ ଭଲକାମ ଦେଖି ପ୍ରଶଂସା କଲେ, ଆମ ନିଜ ମନର ଉନ୍ନତି ହୁଏ।

## ସାହିତ୍ୟ, କଳା ଓ ସଂସ୍କୃତି

୧.ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ କେଉଁ ଉପନ୍ୟାସରେ 'ବନ୍ଦେ ମାତରମ୍' ଗୀତଟି ସର୍ବପ୍ରଥମେ ସ୍ଥାନ ପାଇଥିଲା ?
(କ) ଦେବୀ ଚୌଧୁରାଣୀ (ଖ) ଆନନ୍ଦ ମଠ
(ଗ) କପାଳ କୁଣ୍ଡଳା (ଘ) ଦୁର୍ଗେଶ ନନ୍ଦିନୀ

୨.ବିଶ୍ୱକବି ଭାବେ ପ୍ରସିଦ୍ଧ ରବୀନ୍ଦ୍ରନାଥ ଠାକୁରଙ୍କୁ କେଉଁ ମସିହାରେ ନୋବେଲ୍ ସାହିତ୍ୟ ପୁରସ୍କାର ମିଳିଥିଲା ?
(କ) ୧୯୧୧(ଖ) ୧୯୧୨ (ଗ) ୧୯୧୩ (ଘ) ୧୯୧୪

୩.ଭାରତୀୟ ସ୍ୱାଧୀନତାର ପୃଷ୍ଠଭୂମି ଉପରେ ଲାରୀ କଲିନ୍ସ୍ ଓ ଡୋମିନିକ୍ ଲାପିଏରେଙ୍କ ଦ୍ୱାରା ଲିଖିତ ପୁସ୍ତକର ନାମ କ'ଣ ?
(କ) ମିଡ୍‌ନାଇଟ୍‌ସ୍ ଚିଲଡ୍ରେନ୍ (ଖ) ଇନ୍ ଦ ମିଡିଲ୍ ଅଫ୍ ଅଗଷ୍ଟ
(ଗ) ଫ୍ରୀଡମ୍ ଆଟ୍ ମିଡ୍‌ନାଇଟ୍ (ଘ) ଫ୍ରୀଡମ ଇନ୍ ଦ ଡାର୍କନେସ୍

୪.ଉର୍ଦ୍ଦୁ ଭାଷାରେ ଲିଖିତ ପ୍ରସିଦ୍ଧ ଦେଶାତ୍ମବୋଧକ ଗୀତ 'ସାରେ ଜହାଁ ସେ ଅଚ୍ଛା ହିନ୍ଦୋସ୍ତାଁ ହମାରା' କେଉଁ କବିଙ୍କର ରଚନା ?
(କ) ଅମୀର ଖୁସ୍‌ରୋ (ଖ) ମହମ୍ମଦ ଇକ୍‌ବାଲ
(ଗ) ଗୁଲାମ ଅବ୍‌ବାସ୍ (ଘ) ନବାବ ରାୟ

୫.ସଂସ୍କୃତ ଭାଷାରେ ଲିଖିତ ଭାରତ ବନ୍ଦନା 'ସର୍ବେଷାଂ ନୋ ଜନନୀ ଭାରତ ଧରଣୀ'ର ରଚୟିତା କିଏ ?
(କ) ରାଧାନାଥ ରାୟ (ଖ) ଗୌରୀଶଙ୍କର ରାୟ
(ଗ) ଗୋଦାବରୀଶ ମିଶ୍ର (ଘ) ବିଶ୍ୱନାଥ କବିରାଜ

୬.ବିଶ୍ୱ ଐତିହ୍ୟ ଭାବେ ମାନ୍ୟତାପ୍ରାପ୍ତ ଖାଜୁରାହୋର ପ୍ରସିଦ୍ଧ ମନ୍ଦିରଗୁଡ଼ିକ ଭାରତର କେଉଁ ରାଜ୍ୟରେ ଅବସ୍ଥିତ ?
(କ) ଗୁଜରାଟ (ଖ) ମହାରାଷ୍ଟ୍ର (ଗ) ମଧ୍ୟପ୍ରଦେଶ (ଘ) ରାଜସ୍ଥାନ

୭.ଲାଲକିଲ୍ଲା ଦିଲ୍ଲୀରେ ଅବସ୍ଥିତ ବୋଲି ସମସ୍ତେ ଜାଣନ୍ତି, କିନ୍ତୁ ଭାରତରେ ଆଉ ଏକ ସହରରେ ମଧ୍ୟ ଲାଲକିଲ୍ଲା ରହିଛି । ସେହି ସହରର ନାମ କ'ଣ ?
(କ) ଆଗ୍ରା (ଖ) ଜୟପୁର (ଗ) ଶ୍ରୀନଗର (ଘ) ଲକ୍ଷ୍ନୌ

୮.ରାକ୍ଷୀ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମା ଦିନ କେଉଁ ଦେବତାଙ୍କ ଜନ୍ମଦିନ ମଧ୍ୟ ପାଳନ କରାଯାଏ ?
(କ) ଜଗନ୍ନାଥ (ଖ) ବଳଭଦ୍ର (ଗ) ବାମନ (ଘ) ପର୍ଶୁରାମ

୯.ଏଥି ମଧ୍ୟରୁ କେଉଁ ବାଦ୍ୟଯନ୍ତ୍ରଟି ଏକ ଭାରତୀୟ ବାଦ୍ୟଯନ୍ତ୍ର ଅଟେ ?
(କ) ପିଆନୋ (ଖ) ବେହେଲା (ଗ) ଗିଟାର (ଘ) ସନ୍ତୁର

୧୦.ବିଶ୍ୱର ସର୍ବବୃହତ ହିନ୍ଦୁ ମନ୍ଦିର ଭାବେ ଖ୍ୟାତ 'ଆଙ୍କୋର୍ ୱାଟ୍' କେଉଁ ଦେଶରେ ଅବସ୍ଥିତ ?
(କ) ଇଣ୍ଡୋନେସିଆ (ଖ) ମାଲେସିଆ
(ଗ) କାମ୍ବୋଡିଆ (ଘ) ଲାଓସ୍

## ଭୂଗୋଳ

୧.କେଉଁ ନଦୀ 'ଦକ୍ଷିଣ ଭାରତର ଜୀବନ ଧାରା' ଭାବରେ ଜଣାଶୁଣା ଏବଂ କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ରାଜ୍ୟ ଦେଇ ପ୍ରବାହିତ ହେଉଛି ?
କ) ଯମୁନା ଖ) ଗୋଦାବରୀ ଗ) ଗଙ୍ଗା ଘ) ବ୍ରହ୍ମପୁତ୍ର

୨.କେଉଁ ଭାରତୀୟ ରାଜ୍ୟ 'ପାଞ୍ଚ ନଦୀର ଭୂମି' ଭାବରେ ଜଣାଶୁଣା ?
କ) ପଞ୍ଜାବ ଖ) ହରିୟାଣା ଗ) ଉତ୍ତରପ୍ରଦେଶ ଘ) ବିହାର

୩.ଭାରତର ସବୁଠାରୁ ଉଚ୍ଚ ଜଳପ୍ରପାତ ମଧ୍ୟରୁ ଦୁଧସାଗର ଜଳପ୍ରପାତ କେଉଁ ରାଜ୍ୟରେ ଅବସ୍ଥିତ ?
କ) ଗୋଆ ଖ) କର୍ଣ୍ଣାଟକ ଗ) ମହାରାଷ୍ଟ୍ର ଘ) କେରଳ

୪.ନିମ୍ନଲିଖିତ ମଧ୍ୟରୁ କେଉଁଟି ଦକ୍ଷିଣ ଆମେରିକାରେ ଏକ ଭୂମିହୀନ ଦେଶ ?
କ) ବ୍ରାଜିଲ୍ ଖ) ଆର୍ଜେଣ୍ଟିନା ଗ) ବୋଲିଭିଆ ଘ) ଚିଲି

୫.କେଉଁ ପର୍ବତ ସୀମା ଦକ୍ଷିଣ ଆମେରିକାର ପଶ୍ଚିମ ଉପକୂଳରେ ଅବସ୍ଥିତ ?
କ) ଆଣ୍ଡେସ୍ ଖ) ପଥର ପର୍ବତଗୁଡ଼ିକ ଗ) ହିମାଳୟ ଘ) ଆଲପ୍ସ

୬.ଇସ୍ତାନବୁଲ ସହର କେଉଁ ଦୁଇଟି ମହାଦେଶରେ ଅବସ୍ଥିତ ?
କ) ୟୁରୋପ ଏବଂ ଆଫ୍ରିକା ଖ) ୟୁରୋପ ଏବଂ ଏସିଆ
ଗ) ଏସିଆ ଏବଂ ଅଷ୍ଟ୍ରେଲିଆ ଘ) ୟୁରୋପ ଏବଂ ଅଷ୍ଟ୍ରେଲିଆ

୭.ମୃତ ସମୁଦ୍ର, ଅଧିକ ଲୁଣର ~~ଏକାଗ୍ରତା~~ ପାଇଁ ଜଣାଶୁଣା, କେଉଁ ଦେଶ ଦ୍ୱାରା ସୀମାବଦ୍ଧ ?
କ) ଇସ୍ରାଏଲ୍ ଏବଂ ଜୋର୍ଡାନ ଖ) ଇଜିପ୍ଟ ଏବଂ ସୁଦାନ
ଗ) ଇରାକ ଏବଂ କୁଏତ ଘ) ତୁର୍କୀ ଏବଂ ସିରିଆ

୮. ବିଶ୍ୱର ସର୍ବବୃହତ କୋରାଲ୍ ରିଫ୍ ସିଷ୍ଟମ୍ 'ଗ୍ରେଟ୍ ବ୍ୟାରେଜ୍ ରିଫ୍' କେଉଁ ଦେଶର ଉପକୂଳରେ ଅବସ୍ଥିତ ?
କ) ଅଷ୍ଟ୍ରେଲିଆ ଖ) ବ୍ରାଜିଲ୍ ଗ) ଭାରତ ଘ) ଇଣ୍ଡୋନେସିଆ

୯.ୟୁରୋପରେ କେଉଁ ନଦୀ ସବୁଠାରୁ ଲମ୍ବା ?
କ) ରାଇନ୍ ଖ) ଡାନୁବ୍ ଗ) ଟେମସ୍ ଘ) ଭୋଲ୍‌ଗା

୧୦.କେଉଁ ଆଫ୍ରିକୀୟ ଦେଶ ଏହାର ସାଂସ୍କୃତିକ ଐତିହ୍ୟ ପାଇଁ 'ଇନ୍ଦ୍ରଧନୁ ଜାତି' ଭାବରେ ଜଣାଶୁଣା ?
କ) ନାଇଜେରିଆ ଖ) କେନିଆ ଗ) ଦକ୍ଷିଣ ଆଫ୍ରିକା ଘ) ଇଜିପ୍ଟ

**ଉତ୍ତର**

**୧.(ଖ) ଆନନ୍ଦ ମଠ, ୨.(ଗ)୧୯୧୩, ୩.(ଗ) ଫ୍ରୀଡମ୍ ଆଟ୍ ମିଡନାଇଟ, ୪.(ଖ) ମହମ୍ମଦ ଇକ୍‌ବାଲ୍, ୫.(କ) ରାଧାନାଥ ରାୟ, ୬.(ଗ) ମଧ୍ୟପ୍ରଦେଶ, ୭.(କ) ଆଗ୍ରା, ୮.(ଖ) ବଳଭଦ୍ର, ୯.(ଘ) ସନ୍ତୁର, ୧୦.(ଗ) କାମ୍ବୋଡିଆ**

**୧.ଖ) ଗୋଦାବରୀ, ୨.କ) ପଞ୍ଜାବ, ୩.କ) ଗୋଆ, ୪.ଗ) ବୋଲିଭିଆ, ୫.କ) ଆଣ୍ଡେସ୍, ୬.ଖ) ୟୁରୋପ ଏବଂ ଏସିଆ, ୭.କ) ଇସ୍ରାଏଲ୍ ଏବଂ ଜୋର୍ଡାନ, ୮.କ) ଅଷ୍ଟ୍ରେଲିଆ, ୯.ଘ) ଭୋଲ୍‌ଗା, ୧୦.ଗ) ଦକ୍ଷିଣ ଆଫ୍ରିକା**



ଅନ୍ୟମାନଙ୍କର ପ୍ରଶଂସାରେ ନୁହେଁ, ନିଜର ସାଧନା ହିଁ ତୁମେ ପ୍ରତିଭାବାନ ହୋଇପାରିବ ।

## ରାଷ୍ଟ୍ରଶାସନ ବ୍ୟବସ୍ଥା

୧.ଭାରତର ରାଷ୍ଟ୍ରପତି ମୁଖ୍ୟତଃ କେଉଁମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି ?
କ) କେବଳ ସଂସଦର ସଦସ୍ୟ (ଲୋକସଭା ଏବଂ ରାଜ୍ୟସଭା)
ଖ) ସଂସଦ ଏବଂ ରାଜ୍ୟ ବିଧାନସଭା ସଦସ୍ୟମାନେ
ଗ) ରାଜ୍ୟସଭା ଏବଂ ରାଜ୍ୟ ବିଧାନ ପରିଷଦର ସଦସ୍ୟମାନେ
ଘ) ସଂସଦର ସଦସ୍ୟ, ରାଜ୍ୟ ବିଧାନସଭା ଏବଂ ରାଜ୍ୟ ବିଧାନ ପରିଷଦ

୨.ଲୋକସଭାର ସଦସ୍ୟ ହେବା ପାଇଁ ସର୍ବନିମ୍ନ ବୟସ କେତେ ଆବଶ୍ୟକ ?
କ) ୨୧ ବର୍ଷ ଖ) ୨୫ ବର୍ଷ ଗ) ୩୦ ବର୍ଷ ଘ) ୩୫ ବର୍ଷ

୩.'ଜଣେ ବ୍ୟକ୍ତି, ଗୋଟିଏ ଭୋଟ'ର ଧାରଣା ଭାରତୀୟ ନିର୍ବାଚନ ବ୍ୟବସ୍ଥାରେ କେଉଁ ନୀତି ସହିତ ଜଡିତ ?
କ) ସର୍ବଭାରତୀୟ ବୟସ୍କ ମତଦାନ ଖ) ଆନୁପାତିକ ଉପସ୍ଥାପନା
ଗ) ସଂରକ୍ଷିତ ନିର୍ବାଚନମଣ୍ଡଳୀ ଘ) ଗୁପ୍ତ ମତଦାନ

୪.ଏକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ କିଏ ନିଯୁକ୍ତ ଦିଅନ୍ତି ?
କ) ଭାରତର ରାଷ୍ଟ୍ରପତି ଖ) ରାଜ୍ୟପାଳ
ଗ) ଭାରତର ପ୍ରଧାନମନ୍ତ୍ରୀ ଘ) ଭାରତର ପ୍ରଧାନ ବିଚାରପତି

୫.ଭାରତର ଉପରାଷ୍ଟ୍ରପତି ସଂସଦର କେଉଁ ଗୃହର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରନ୍ତି ?
କ) ଲୋକସଭା ଖ) ରାଜ୍ୟସଭା ଗ) ବିଧାନସଭା ଘ) ବିଧାନ ପରିଷଦ

୬.ଭାରତୀୟ ସମ୍ବିଧାନରେ ରାଜ୍ୟନୀତିର ନିର୍ଦ୍ଦେଶନାମା କାହା ଉପରେ ଆଧାରିତ ?
କ) ସମାଜବାଦ ଏବଂ ସାମ୍ପ୍ରଦାୟିକତା
ଖ) ପୁଞ୍ଜିବାଦ ଏବଂ ମୁକ୍ତ ବଜାର ଅର୍ଥନୀତି
ଗ) ଗାନ୍ଧୀ ସମାଜବାଦ ଏବଂ ଉଦାରବାଦୀବାଦ
ଘ) ଗଣତନ୍ତ୍ର ଏବଂ ରିପବ୍ଲିକାନଜିମ୍

୭.ଭାରତୀୟ ସମ୍ବିଧାନର କେଉଁ ଧାରା ଜାମ୍ମୁ କାଶ୍ମୀରକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରୁଥିଲା ?
କ) ୩୫୬ ଖ) ୩୭୦ ଗ) ୩୬୫ ଘ) ୨୮୦

୮.ଭାରତର ଆଟର୍ଣ୍ଣି ଜେନେରାଲଙ୍କୁ କିଏ ନିଯୁକ୍ତ ଦିଅନ୍ତି ?
କ) ଭାରତର ରାଷ୍ଟ୍ରପତି ଖ) ଭାରତର ପ୍ରଧାନମନ୍ତ୍ରୀ
ଗ) ଭାରତର ପ୍ରଧାନ ବିଚାରପତି ଘ) ଲୋକସଭା ବାଚସ୍ପତି

୯.ଏକ ଭାରତୀୟ ରାଜ୍ୟର ରାଜ୍ୟପାଳଙ୍କ କାର୍ଯ୍ୟକାଳ କେତେ ?
କ) ୨ ବର୍ଷ ଖ) ୪ ବର୍ଷ ଗ) ୫ ବର୍ଷ ଘ) ୬ ବର୍ଷ

୧୦.ଭାରତର ନିର୍ବାଚନ ଆୟୋଗ କେଉନମାନଙ୍କୁ ନେଇ ଗଠିତ ?
କ) କେବଳ ଜଣେ ମୁଖ୍ୟ ନିର୍ବାଚନ କମିଶନର
ଖ) ଜଣେ ମୁଖ୍ୟ ନିର୍ବାଚନ କମିଶନର ଏବଂ ଦୁଇ ଜଣ ନିର୍ବାଚନ କମିଶନର
ଗ) ଜଣେ ମୁଖ୍ୟ ନିର୍ବାଚନ କମିଶନର ଏବଂ ତିନି ଜଣ ନିର୍ବାଚନ କମିଶନର
ଘ) ଜଣେ ମୁଖ୍ୟ ନିର୍ବାଚନ କମିଶନର ଏବଂ ଚାରିଜଣ ନିର୍ବାଚନ କମିଶନର

## କମ୍ପ୍ୟୁଟର ଶିକ୍ଷା

୧.ଆଧୁନିକ ଜ୍ଞାନକୌଶଳ ପରିପ୍ରେକ୍ଷୀରେ "IT"ର ଅର୍ଥ କ'ଣ ?
କ) ବୁଦ୍ଧିଜୀବୀ ପ୍ରଯୁକ୍ତିବିଦ୍ୟା ଖ) ସୂଚନା ପ୍ରଯୁକ୍ତିବିଦ୍ୟା
ଗ) ଇଣ୍ଟରନେଟ୍ ଟେକ୍ନୋଲୋଜି ଘ) ଅଭିନବ ପ୍ରଯୁକ୍ତିବିଦ୍ୟା

୨.'ୱେବସାଇଟ୍ ଏବଂ ୱେବ୍ ଆପ୍ଲିକେସନ୍ ହୋଷ୍ଟିଂ' ପାଇଁ ବ୍ୟବହୃତ 'କ୍ଲାଉଡ୍ କମ୍ପ୍ୟୁଟିଂ' ସେବାର ଏକ ଉଦାହରଣ ନିମ୍ନଲିଖିତ ମଧ୍ୟରୁ କେଉଁଟି ?
କ) ମାଇକ୍ରୋସଫ୍ଟ ୱାର୍ଡ ଖ) ଗୁଗୁଲ ଡକସ
ଗ) ଆମାଜନ ୱେବ ସେବା ଘ) ଆଡୋବ ଫଟୋସପ

୩.କେଉଁ ପ୍ରଯୁକ୍ତି ଉପଭୋକ୍ତାମାନଙ୍କୁ ସେମାନଙ୍କର ସ୍ମାର୍ଟଫୋନ୍ କିମ୍ବା ଅନ୍ୟାନ୍ୟ ମୋବାଇଲ୍ ଡିଭାଇସ୍ ବ୍ୟବହାର କରି ସୁରକ୍ଷିତ ଅନଲାଇନ୍ ପେମେଣ୍ଟ ଏବଂ କାରବାର କରିବାକୁ ଅନୁମତି ଦିଏ ?
କ) ଜିପିଏସ୍ (ଗ୍ଲୋବାଲ୍ ପୋଜିସନ୍ ସିଷ୍ଟମ୍)
ଖ) ଏନଏଫସି (ନିକଟ କ୍ଷେତ୍ର ଯୋଗାଯୋଗ)
ଗ) ୱାଇ-ଫାଇ (ବେତାର ବିଶ୍ୱସ୍ତତା)
ଘ) ଭିପିଏନ (ଭର୍ଚୁଆଲ୍ ପ୍ରାଇଭେଟ ନେଟୱାର୍କ)

୪.କମ୍ପ୍ୟୁଟର ବ୍ୟବହାର କରି କଥିତ ଶବ୍ଦଗୁଡ଼ିକୁ ଲିଖିତ ପାଠ୍ୟରେ ପରିଣତ କରିବାର ପ୍ରକ୍ରିୟା କ'ଣ ?
କ) ଭର୍ଚୁଆଲାଇଜେସନ୍ ଖ) ବକ୍ତବ୍ୟ ଚିହ୍ନିବା
ଗ) ଡାଟା ଏନକ୍ରିପସନ୍ ଘ) କୃତ୍ରିମ ବୁଦ୍ଧିମତା

୫.ତଥ୍ୟ ବିଶ୍ଲେଷଣ, ମେସିନ୍ ଲର୍ନିଂ ଏବଂ କୃତ୍ରିମ ବୁଦ୍ଧିମତ୍ତା ପାଇଁ ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଲୋକପ୍ରିୟ ପ୍ରୋଗ୍ରାମିଂ ଭାଷା ବ୍ୟବହୃତ ହୁଏ ?
କ) ଜାଭା ଖ) ସି++ ଗ) ପାଇଥନ୍ ଘ) ପିଏଚ୍ପି

୬.ବେତାର ହେଡଫୋନ୍ କିମ୍ବା ସ୍ମାର୍ଟୱାଚ୍ ପରି ସ୍ୱଳ୍ପ ପରିସର ମଧ୍ୟରେ ଡିଭାଇସ୍ ଦ୍ୱାରା ଯୋଗାଯୋଗ ସକ୍ଷମ କରିବାକୁ କେଉଁ ଟେକ୍ନୋଲୋଜି ବ୍ୟବହୃତ ହୁଏ ?
କ) ବ୍ଲୁଟୁଥ୍ ଖ) ୪ଜି ଗ) ବେତାର ପରିଚୟ ଘ) ଭଏସ୍ ଓଭର ଇଣ୍ଟରନେଟ୍

୭.ଇଣ୍ଟରନେଟ୍ ମାଧ୍ୟମରେ ଆକ୍ସେସ୍ ହୋଇଥିବା ରିମୋଟ୍ ସର୍ଭରରେ ଡାଟା ଏବଂ ପ୍ରୟୋଗ ଗଚ୍ଛିତ କରିବାର ଅଭ୍ୟାସକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ଶବ୍ଦ କ'ଣ ?
କ) କ୍ଲାଉଡ୍ ଗଣନା ଖ) ଭର୍ଚୁଆଲ୍ ବାସ୍ତବତା ଗ) କୃତ୍ରିମ ବୁଦ୍ଧି ଘ) କ୍ୱାଣ୍ଟମ୍ ଗଣନା

୮.କେଉଁ ଆଧୁନିକ ଜ୍ଞାନକୌଶଳ ତିନି-ଡାଇମେନ୍ସନାଲ୍ ମଡେଲ୍ ବା ବାସ୍ତବ ଦୁନିଆର ବସ୍ତୁ କିମ୍ବା ପରିବେଶର ଅନୁକରଣ ସୃଷ୍ଟି କରିବାକୁ ବ୍ୟବହୃତ ହୁଏ ?
କ) ଭର୍ଚୁଆଲ୍ ବାସ୍ତବତା ଖ) ବର୍ଦ୍ଧିତ ବାସ୍ତବତା ଗ) କୃତ୍ରିମ ବୁଦ୍ଧି ଘ) ବ୍ଲକ୍ ଚେନ୍

୯.କେଉଁ ଟେକ୍ନୋଲୋଜିକୁ ଏକ କୋଡ୍‌ରେ ରୂପାନ୍ତର କରି ତଥ୍ୟ ସୁରକ୍ଷିତ କରିବା ପାଇଁ ବ୍ୟବହୃତ ହୁଏ ଯାହା କେବଳ ସଠିକ୍ ଏନକ୍ରିପସନ୍ ଚାବି ସହିତ ଡିକୋଡ୍ ହୋଇପାରିବ ?
କ) ଡାଟା ଜିପ ଖ) ଡାଟା ବ୍ୟାକଅପ୍ ଗ) ଡାଟା ଏନକ୍ରିପସନ୍ ଘ) ଡାଟା ମାଇନ

୧୦.ତତକ୍ଷଣାତ୍ ବାର୍ତ୍ତା ପଠାଇବା ଏବଂ ଇଣ୍ଟରନେଟ୍ ମାଧ୍ୟମରେ ଭଏସ୍ ଏବଂ ଭିଡିଓ କଲ କରିବା ପାଇଁ ନିମ୍ନଲିଖିତ ମଧ୍ୟରୁ କେଉଁଟି ବହୁଳ ଭାବରେ ବ୍ୟବହୃତ ଯୋଗାଯୋଗ ପ୍ଲାଟଫର୍ମ ?
କ) ଫେସବୁକ୍ ଖ) ହ୍ୱାଟସ୍ ଆପ୍ ଗ) ଇନଷ୍ଟାଗ୍ରାମ ଘ) ଲିଙ୍କଡଇନ୍

**ଉତ୍ତର**

**୧.ଖ) ସଂସଦ ଏବଂ ରାଜ୍ୟ ବିଧାନସଭା ସଦସ୍ୟମାନେ, ୨.ଘ) ୨୫ ବର୍ଷ, ୩.କ) ସର୍ବଭାରତୀୟ ବୟସ୍କ ମତଦାନ, ୪.ଖ) ରାଜ୍ୟପାଳ, ୫.ଖ) ରାଜ୍ୟସଭା, ୬.ଗ) ଗାନ୍ଧୀ ସମାଜବାଦ ଏବଂ ଉଦାରବାଦୀବାଦ, ୭.ଖ) ୩୭୦, ୮.କ) ଭାରତର ରାଷ୍ଟ୍ରପତି, ୯.ଗ) ୫ ବର୍ଷ, ୧୦.ଗ) ଜଣେ ମୁଖ୍ୟ ନିର୍ବାଚନ କମିଶନର ଏବଂ ତିନି ଜଣ ନିର୍ବାଚନ କମିଶନର**

**୧.ଖ) ସୂଚନା ପ୍ରଯୁକ୍ତିବିଦ୍ୟା, ୨.ଗ) ଆମାଜନ ୱେବ୍ ସେବା, ୩.ଖ) ନିକଟ କ୍ଷେତ୍ର ଯୋଗାଯୋଗ, ୪.ଖ) ବକ୍ତବ୍ୟ ଚିହ୍ନିବା, ୫.ଗ) ପାଇଥନ୍, ୬.କ) ବ୍ଲୁଟୁଥ୍, ୭.କ) କ୍ଲାଉଡ୍ ଗଣନା, ୮.କ) ଭର୍ଚୁଆଲ୍ ବାସ୍ତବତା, ୯.ଗ) ଡାଟା ଏନକ୍ରିପସନ୍, ୧୦.ଖ) ହ୍ୱାଟସ୍ ଆପ୍**



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ ।

## ସାଧାରଣ ବିଜ୍ଞାନ

୧.ପଦାର୍ଥର କ୍ଷୁଦ୍ରତମ ଏକକ କ'ଣ ଯାହା ଏକ ଉପାଦାନର ଗୁଣ ବଜାୟ ରଖେ ?
କ) ପରମାଣୁ ଖ) ଅଣୁ ଗ) କକ୍ଷ ଘ) ପ୍ରୋଟନ୍
୨.ପ୍ରଥମ ଆଣ୍ଟିବାୟୋଟିକ୍ ପେନିସିଲିନ୍ ଆବିଷ୍କାର କେଉଁ ବୈଜ୍ଞାନିକ କରିଥିଲେ ?
କ) ଆଲେକ୍ସଜାଣ୍ଡାର୍ ଫ୍ଲେମିଂ ଖ) ଆଇଜାକ୍ ନ୍ୟୁଟନ୍
ଗ) ଆଲବର୍ଟ ଆଇନଷ୍ଟାଇନ ଘ) ମାରି କ୍ୟୁରି
୩.କେଉଁ ପ୍ରକ୍ରିୟା ଦ୍ୱାରା ଉଦ୍ଭିଦମାନେ ଅଙ୍ଗାରକାମ୍ଳ ଏବଂ ଜଳକୁ ସୂର୍ଯ୍ୟ କିରଣ ବ୍ୟବହାର କରି ଗ୍ଲୁକୋଜ ଏବଂ ଅମ୍ଳଜାନରେ ପରିଣତ କରନ୍ତି ?
କ) ଶ୍ୱାସକ୍ରିୟା ଖ) ଫୋଟୋସିନଥେସିସ୍ ଗ) ହଜମ ଘ) ଫର୍ମେଣ୍ଟେସନ୍
୪.ଆପେକ୍ଷିକତା ତତ୍ତ୍ୱ, ଯାହା ଆଧୁନିକ ପଦାର୍ଥ ବିଜ୍ଞାନରେ ବିପ୍ଳବ ଆଣିଥିଲା, କିଏ ଦର୍ଶାଇ ଥିଲେ ?
କ) ଆଇଜାକ୍ ନ୍ୟୁଟନ୍ ଖ) ଗାଲିଲିଓ ଗାଲିଲି
ଗ) ଆଲବର୍ଟ ଆଇନଷ୍ଟାଇନ ଘ) ନିଲ୍ସ ବୋହର
୫.ରକ୍ତ ସଞ୍ଚାଳନ ପ୍ରଣାଳୀରେ ରକ୍ତ ପମ୍ପ କରିବା ପାଇଁ ମାନବ ଶରୀରର କେଉଁ ଅଂଶ ଦାୟୀ ?
କ) ଫୁସଫୁସ ଖ) କିଡନୀ ଗ) ହୃଦୟ ଘ) ଯକୃତ
୬.ପୃଥିବୀର ବାୟୁମଣ୍ଡଳ ଏବଂ ପାଣିପାଗ ଢାଞ୍ଚାଗୁଡ଼ିକର ଅଧ୍ୟୟନକୁ କ'ଣ କୁହାଯାଏ ?
କ) ପାଣିପାଗ ବିଜ୍ଞାନ ଖ) ଭୂବିଜ୍ଞାନ ଗ) ଉଦ୍ଭିଦ ଘ) ପ୍ରାଣୀ ବିଜ୍ଞାନ
୭.କେଉଁ ସବ-ଅଟୋମିକ୍ କଣିକାର ଏକ ନକାରାତ୍ମକ ଚାର୍ଜ ଅଛି ଏବଂ ଏହା ପରମାଣୁର ନ୍ୟୁକ୍ଲିଅସ୍ ପରିକ୍ରମା କରେ ?
କ) ପ୍ରୋଟନ୍ ଖ) ନିଉଟ୍ରନ୍ ଗ) ଇଲେକ୍ଟ୍ରନ୍ ଘ) ନ୍ୟୁକ୍ଲିୟସ୍
୮.ସୌରପୃଷ୍ଠରେ ପରମାଣୁ ଫ୍ୟୁଜନ୍ ଶକ୍ତିର ପ୍ରକ୍ରିୟା ଭୂପୃଷ୍ଠରେ କେଉଁ ପ୍ରାକୃତିକ ଘଟଣା ସହିତ ସମାନ ?
କ) ଆଗ୍ନେୟଗିରି ଉଦ୍ଗୀରଣ ଖ) ଭୂକମ୍ପ
ଗ) ସୌର ପ୍ରଜ୍ୱଳନ ଘ) ବଜ୍ରପାତ
୯.ପରମାଣୁ ନ୍ୟୁକ୍ଲିଅସରେ ପ୍ରୋଟନ୍ ଏବଂ ନ୍ୟୁଟ୍ରନ୍ ଏକାଠି ରଖିବା ପାଇଁ ପ୍ରକୃତିର କେଉଁ ମୌଳିକ ଶକ୍ତି ଦାୟୀ ?
କ) ମାଧ୍ୟାକର୍ଷଣ ଖ) ବୈଦ୍ୟୁତିକ ଚୁମ୍ବକୀୟ ଶକ୍ତି
ଗ) ଦୁର୍ବଳ ଆଣବିକ ଶକ୍ତି ଘ) ଶକ୍ତିଶାଳୀ ଆଣବିକ ଶକ୍ତି
୧୦. ମଙ୍ଗଳ ଗ୍ରହରେ ବାୟୁମଣ୍ଡଳ ଏବଂ ଜଳବାୟୁ ଅଧ୍ୟୟନ କରିବାକୁ ଲକ୍ଷ୍ୟ ରଖି ୨୦୨୧ମସିହାରେ ସଫଳତାର ସହ ଅବତରଣ କରିଥିବା ମହାକାଶଯାନର ନାମ କ'ଣ ?
କ) କ୍ୟୁରୀଓସିଟି ଖ) ଅପର୍ଚ୍ୟୁନିଟି ଗ) ପର୍ସଭିଅରାନ୍ସ ଘ) ସ୍ପିରିଟ

## ଗଣିତ

୧.ଗଣିତର କେଉଁ ଶାଖା କ୍ରମାଗତ ପରିବର୍ତ୍ତନ ଏବଂ ଗତିର ଅଧ୍ୟୟନ ସହିତ କାର୍ଯ୍ୟ କରେ ଏବଂ ପଦାର୍ଥ ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ଅର୍ଥନୀତିରେ ବହୁଳ ଭାବରେ ବ୍ୟବହୃତ ହୁଏ ?
କ) ବୀଜ ଗଣିତ ଖ) ତ୍ରିକୋଣମିତି ଗ) ଗଣନା ଘ) ଜ୍ୟାମିତି
୨.ଜଟିଳ ବିଶ୍ଳେଷଣରେ, ଜଟିଳ ସଂଖ୍ୟା z = -୧ + i ର ଯୁକ୍ତି (କୋଣ)ର ମୂଳ ମୂଲ୍ୟ କ'ଣ ?
କ) π / ୪ ଖ) π / ୨ ଗ) -π / ୪ ଘ) -π / ୨
୩.ଏକ କାର୍ଯ୍ୟକୁ ବର୍ଣ୍ଣନା କରିବା ପାଇଁ ବ୍ୟବହୃତ ଶବ୍ଦ କ'ଣ, ଯାହା ଉଭୟ ସମାନ ଏବଂ ଅସମାନ ଅଟେ ?
କ) ଦ୍ୱିମୁଖୀ କାର୍ଯ୍ୟ ଖ) ପର୍ଯ୍ୟାୟ କାର୍ଯ୍ୟ
ଗ) ପରିଚୟ କାର୍ଯ୍ୟ ଘ) କୌଣସିଟି ନୁହେଁ
୪.କେଲି-ହାମିଲଟନ୍ ତତ୍ତ୍ୱ ଅନୁସାରେ ପ୍ରତ୍ୟେକ ବର୍ଗ ମ୍ୟାଟ୍ରିକ୍ସ = ?
କ) ଆଇଗନଭାଲ୍ୟୁ ସମୀକରଣ ଖ) ନିର୍ଣ୍ଣୟ ସମୀକରଣ
ଗ) ଚରିତ୍ରଗତ ସମୀକରଣ ଘ) ପରିଚୟ ସମୀକରଣ
୫.ବିସ୍ତୃତ ବୀଜ ଗଣିତରେ କେଉଁ ଧାରଣା ଏକ କାର୍ଯ୍ୟକ୍ଷମକୁ ବ୍ୟାଖ୍ୟା କରେ ଯାହା ଏକ ସେଟରେ ଦୁଇଟି ଉପାଦାନକୁ ସମାନ ସେଟରେ ଏକ ତୃତୀୟ ଉପାଦାନ ଉତ୍ପାଦନ କରେ ?
କ) ଗୋଷ୍ଠୀ ଖ) କ୍ଷେତ୍ର ଗ) ପରିଧି ଘ) ଭେକ୍ଟର ସ୍ପେସ୍
୬.ସଂଖ୍ୟା ସିଦ୍ଧାନ୍ତରେ କେଉଁ ତତ୍ତ୍ୱ ଦର୍ଶାଏ ଯେ ଯେକୌଣସି ମୁଖ୍ୟ ସଂଖ୍ୟା P ଏବଂ ପୂର୍ଣ୍ଣ ସଂଖ୍ୟା A ପାଇଁ, ଯଦି ଚ ଇକୁ ବିଭାଜନ କରେ ନାହିଁ, ତେବେ A ^ (P-୧) = ୧(mod P) ?
କ) ଫର୍ମାଟ୍ ର ଲିଟିଲ୍ ତତ୍ତ୍ୱ ଖ) ଇଉଲର ତତ୍ତ୍ୱ
ଗ) ଚାଇନିଜ୍ ରିମାଇଣ୍ଡର୍ ତତ୍ତ୍ୱ ଘ) ୱିଲସନଙ୍କ ତତ୍ତ୍ୱ
୭.ଗ୍ରାଫ୍ ସିଦ୍ଧାନ୍ତରେ, ପ୍ଲାନାର୍ ଗ୍ରାଫ୍ ର କାନ୍ଥକୁ ରଙ୍ଗ କରିବା ପାଇଁ ସର୍ବନିମ୍ନ ସଂଖ୍ୟକ ରଙ୍ଗ ଆବଶ୍ୟକ, ଯାହା ଦ୍ୱାରା କୌଣସି ଦୁଇଟି ସଂଲଗ୍ନ ସମାନ ରଙ୍ଗ ନଥାଏ ?
କ) ୩ ଖ) ୪ ଗ) ୫ ଘ) ୬
୮.ଏକ ଭେରିଏବଲ୍ ସହିତ କାର୍ଯ୍ୟର ପରିବର୍ତ୍ତନ ହାର ଖୋଜିବା ପାଇଁ କେଉଁ ଗାଣିତିକ ପ୍ରକ୍ରିୟା ବ୍ୟବହୃତ ହୁଏ ?
କ) ଏକୀକରଣ ଖ) ଭିନ୍ନତା ଗ) ଅପ୍ଟିମାଇଜେସନ୍ ଘ) ଟେଲର ଶୃଙ୍ଖଳା
୯.ସରଳ ବୀଜ ଗଣିତରେ, ଏକ ମ୍ୟାଟ୍ରିକ୍ସର ସମସ୍ତ ଆଇଗନଭାଲ୍ୟୁ = ୦, ତା'କୁ କ'ଣ କୁହାଯାଏ ?
କ) ଅର୍ଥୋଗୋନାଲ୍ ମ୍ୟାଟ୍ରିକ୍ସ ଖ) ତ୍ରିକୋଣୀୟ ମ୍ୟାଟ୍ରିକ୍ସ
ଗ) ଶୂନ୍ୟ ମ୍ୟାଟ୍ରିକ୍ସ ଘ) ପରିଚୟ ମ୍ୟାଟ୍ରିକ୍ସ
୧୦.ଲେବେସଗୁ ଇଣ୍ଟିଗ୍ରାଲ୍ ହେଉଛି କେଉଁ ଶାସ୍ତ୍ରୀୟ ଇଣ୍ଟିଗ୍ରାଲ୍‌ର ଗାଣିତିକ ସାଧାରଣୀକରଣ ?
କ) ରିମାନ୍ ଇଣ୍ଟିଗ୍ରାଲ୍ ଖ) ଫୁରିଅର୍ ଇଣ୍ଟିଗ୍ରାଲ୍
ଗ) ଷ୍ଟିଲଟେଜ୍ ଇଣ୍ଟିଗ୍ରାଲ୍ ଘ) ଡାରବକ୍ସ ଇଣ୍ଟିଗ୍ରାଲ୍

**ଉତ୍ତର**

**୧.କ) ପରମାଣୁ, ୨.କ) ଆଲେକ୍ସଜାଣ୍ଡାର୍ ଫ୍ଲେମିଂ, ୩.ଖ) ଫୋଟୋସିନଥେସିସ୍, ୪.ଗ) ଆଲବର୍ଟ ଆଇନଷ୍ଟାଇନ, ୫.ଗ) ହୃଦୟ, ୬.କ) ପାଣିପାଗ ବିଜ୍ଞାନ, ୭.ଗ) ଇଲେକ୍ଟ୍ରନ୍, ୮.ଗ) ସୌର ପ୍ରଜ୍ୱଳନ, ୯.ଘ) ଶକ୍ତିଶାଳୀ ଆଣବିକ ଶକ୍ତି, ୧୦.ଗ) ପର୍ସଭିଅରାନ୍ସ**

**୧.ଗ) ଗଣନା, ୨.ଗ) -π / ୪, ୩.ଘ) କୌଣସିଟି ନୁହେଁ, ୪.ଗ) ଚରିତ୍ରଗତ ସମୀକରଣ, ୫.କ) ଗୋଷ୍ଠୀ, ୬. କ) ଫର୍ମାଟ୍‌ର ଲିଟିଲ୍ ତତ୍ତ୍ୱ, ୭.କ) ୩, ୮.ଖ) ଭିନ୍ନତା, ୯.ଗ) ଶୂନ୍ୟ ମ୍ୟାଟ୍ରିକ୍ସ, ୧୦.କ) ରିମାନ୍ ଇଣ୍ଟିଗ୍ରାଲ୍**



ଅନ୍ୟର ଉପକାର କରି ଯଦି ଭୁଲିଯାଇ ପାରିଲ, ତେବେ ତୁମ ମନରେ ଅହଂକାର ରହିବ ନାହିଁ।

# ପର୍ବପର୍ବାଣୀ

## ଅଗଷ୍ଟ

**(କର୍କଟ ଦି୧୬ନ-ସିଂହ ଦି୧୫ନ)**

**(ଶ୍ରାବଣ ଶୁକ୍ଳ ପୂର୍ଣ୍ଣିମା-ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମା ଯୁକ୍ତ ପ୍ରତିପଦା)**

ତା୦୧- ଶ୍ରାବଣ (ମଳ) ପୂର୍ଣ୍ଣିମା ଓ ଚନ୍ଦ୍ରପୂଜା
ତା୦୪- ଶରଣ ପଞ୍ଚକ ଶେଷ
ତା୧୨- ପୁରୁଷୋତ୍ତମ ଏକାଦଶୀ ଓ ହଳ ନିଷେଧ
ତା୧୪- ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା
ତା୧୫- ଚନ୍ଦ୍ରକ୍ଷୟ ଓ ନିଶିପାଳନ
ତା୧୬- ମାସାନ୍ତ, ମଳ ମାସ ସମାପ୍ତି, ସପ୍ତପୁରୀ ଅମାବାସ୍ୟା
ତା୧୭- ସିଂହ ସଂକ୍ରାନ୍ତି ଓ ହଳ ନିଷେଧ
ତା୧୮- ଦ୍ୱିତୀୟା ଚନ୍ଦ୍ରଦର୍ଶନ
ତା୨୧- ଜାଗ୍ରତ ଗୌରୀ ପଞ୍ଚମୀ
ତା୨୭- ପୁତ୍ରଦା ଏକାଦଶୀ ଉପବାସ, ରବିନାରାୟଣ ବ୍ରତ ଓ ସର୍ବତ୍ର ଝୁଲଣ ଯାତ୍ରା
ତା୨୮- ବିଷ୍ଣୁ ପବିତ୍ରାରୋପଣ, ଆଖେଟକ ପର୍ବ
ତା୨୯- ଶିବ ପବିତ୍ରାରୋପଣ, ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା
ତା୩୦- ଗହ୍ମା ପର୍ବ, ଶ୍ରୀବଳଦେବଙ୍କ ଜନ୍ମ, ରକ୍ଷା ବନ୍ଧନ ଓ ଝୁଲଣ ପୂର୍ଣ୍ଣିମା
ତା୩୧- ଗୁରୁ ପୂର୍ଣ୍ଣିମା, ଶ୍ରୀମନ୍ଦିରରେ ଗହ୍ମା ପର୍ବ, ନିଗମାନନ୍ଦ ଓ ମେହେର ଜୟନ୍ତୀ

## ସେପ୍ଟେମ୍ବର

**(ସିଂହ ଦି୧୬ନ-କନ୍ୟା ଦି୧୪ନ)**

**(ଭାଦ୍ରବ କୃଷ୍ଣ ଦ୍ୱିତୀୟା-ଆଶ୍ୱିନ କୃଷ୍ଣ ପ୍ରତିପଦା)**

ତା୦୧. ଶରଣ ପଞ୍ଚକ ଶେଷ
ତା୦୨. ଅଙ୍ଗଭେଟ ତୃତୀୟା
ତା୦୩. ଖୁଦୁରୁକୁଣୀ ଓଷା ଆରମ୍ଭ
ତା୦୪. ରେଖା ଓ ରକ୍ଷା ପଞ୍ଚମୀ
ତା୦୬. ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଓ ବୁଧିବାମନ ଓଷା
ତା୦୭. ନନ୍ଦୋତ୍ସବ
ତା୧୦. କାଳୀୟଦଳନ ଏକାଦଶୀ
ତା୧୩. ଶିବ ଚତୁର୍ଦ୍ଦଶୀ ବେଢ଼ା ଓ ପରିକ୍ରମା
ତା୧୪. ସପ୍ତପୁରୀ ଅମାବାସ୍ୟା, ଶ୍ରୀ ମନ୍ଦିରେ ସପ୍ତପୁରୀ ଭୋଗ
ତା୧୬. ମାସାନ୍ତ, ଦ୍ୱିତୀୟା ଚନ୍ଦ୍ର ଦର୍ଶନ
ତା୧୭. କନ୍ୟା ସଂକ୍ରାନ୍ତି, ବିଶ୍ୱକର୍ମା ପୂଜା
ତା୧୮. ବାଲି ତୃତୀୟା, ଗୌରୀ ବ୍ରତ
ତା୧୯. ଶ୍ରୀଗଣେଶ ଚତୁର୍ଥୀ, ଋଷି ପଞ୍ଚମୀ
ତା୨୦. ନୂଆଁଖାଇ
ତା୨୧. ଷଷ୍ଠୀ ଓଷା, ସୋମନାଥ ବ୍ରତାରମ୍ଭ, ଲଳିତା ସପ୍ତମୀ, କୁକୁଟୀ ବ୍ରତ
ତା୨୨. ଶ୍ରୀ ଦୁର୍ଗା ଶୟନୋତ୍ସବ
ତା୨୩. ସମଦିବାରାତ୍ର, ଶ୍ରୀ ରାଧାଷ୍ଟମୀ ବ୍ରତ ଓ ଦୁର୍ବାଷ୍ଟମୀ
ତା୨୪. ତାଳନବମୀ ଓ ଶରଣ ଆରମ୍ଭ
ତା୨୫. ତ୍ରିସ୍ପୃଶା ପାର୍ଶ୍ୱପରିବର୍ତ୍ତନ (ବଡ଼) ଏକାଦଶୀ ଓ କରମା ପୂଜା
ତା୨୬. ସୁନିଆଁ, ଅ୬୭ଙ୍କ ୧୪୩୧ ସାଲ ପ୍ରବେଶ, ଶ୍ରୀବାମନ ଜନ୍ମ
ତା୨୮. ଅଘୋର ଚତୁର୍ଦ୍ଦଶୀ, ଅନନ୍ତ ବ୍ରତ, ଚନ୍ଦ୍ରପୂଜା. ଶରଣ ପଞ୍ଚକ ଶେଷ
ତା୨୯. ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା, ଭାଗବତ ଜନ୍ମ ଓ ଜହ୍ନି ଓଷା ଆରମ୍ଭ
ତା୩୦. ଅପରପକ୍ଷ ଆରମ୍ଭ

# ମୁଖ୍ୟ ଦିବସ

## ଅଗଷ୍ଟ

ତା୦୧- ବିଶ୍ୱ ସ୍ତନ୍ୟପାନ ସପ୍ତାହ
ତା୦୩- ନାଇଜର ସ୍ୱାଧୀନତା ଦିବସ
ତା୦୫- ଉପର ଭୋଲ୍ଟାର ସ୍ୱାଧୀନତା ଦିବସ
ତା୦୬- ବିଶ୍ୱ ଶାନ୍ତି ଦିବସ, ହିରୋସିମା ଦିବସ, ବିଶ୍ୱ ବନ୍ଧୁତା ଦିବସ (ଅଗଷ୍ଟ ୧ମ ରବିବାର)
ତା୦୭- ଜାତୀୟ ହସ୍ତତନ୍ତ ଦିବସ
ତା୦୯- ଅଗଷ୍ଟ କ୍ରାନ୍ତି ଦିବସ, ବିଶ୍ୱ ଆଦିବାସୀ ଦିବସ, ଭାରତ ଛାଡ଼ ଦିବସ, ନାଗାସାକି ଦିବସ
ତା୧୦- ଭାରତୀୟ ପରମାଣୁ ଶକ୍ତି ଆୟୋଗ ଦିବସ
ତା୧୨- ଆନ୍ତର୍ଜାତିକ ଯୁବ ଦିବସ
ତା୧୩- ଅନ୍ତର୍ଜାତୀୟ ବାମ ହସ୍ତଚାଳନା ଦିବସ
ତା୧୪- ସାଂସ୍କୃତିକ ଦିବସ, ପାକିସ୍ତାନ ସ୍ୱାଧୀନତା ଦିବସ
ତା୧୫- ଭାରତର ସ୍ୱାଧୀନତା ଦିବସ,ଶ୍ରୀଅରବିନ୍ଦ ଜୟନ୍ତୀ
ତା୧୯- ବିଶ୍ୱ ମାନବୀୟ ଦିବସ, ବିଶ୍ୱ ଫଟୋଗ୍ରାଫି ଦିବସ
ତା୨୦- ସଦ୍‌ଭାବନା ଦିବସ
ତା୨୧- ବିଶ୍ୱ ଫେସନ୍ ଦିବସ
ତା୨୩- ଦାସତ୍ୱ ପ୍ରଥାର ସ୍ମୃତି ଏବଂ ଦୂରୀକରଣ ପାଇଁଅନ୍ତର୍ଜାତୀୟ ଦିବସ,
ଗୋସ୍ୱାମୀ ତୁଳସୀ ଦାସ ଜୟନ୍ତୀ
ତା୨୯- ଜାତୀୟ କ୍ରୀଡ଼ା ଦିବସ
ତା୩୦- କ୍ଷୁଦ୍ର ଶିଳ୍ପ ଦିବସ
ତା୩୧- ସଂସ୍କୃତ ଦିବସ, ନିଗମାନନ୍ଦ ଓ ମେହେର ଜୟନ୍ତୀ

## ସେପ୍ଟେମ୍ବର

ତା୦୨. ବିଶ୍ୱ ନାରିକେଳ ଦିବସ
ତା୦୫. ଗୁରୁ ଦିବସ (ଡ଼ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ)
ତା୦୭. କ୍ଷମା ଦିବସ
ତା୦୮. ବିଶ୍ୱ ସାକ୍ଷରତା ଦିବସ
ତା୦୯. ବିଶ୍ୱ ନଦୀ ଦିବସ (୧ମ ଶନିବାର)
ତା୧୦. ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ
ତା୧୧. ବିଶ୍ୱ ଭ୍ରାତୃତ୍ୱ ଦିବସ
ତା୧୪. ହିନ୍ଦୀ ଦିବସ, ବିଶ୍ୱ ପ୍ରଥମ ବାୟୁ ଦିବସ
ତା୧୫. ଭାରତୀୟ ଇଞ୍ଜିନିୟର ଦିବସ
ତା୧୫. ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ
ତା୧୬. ବିଶ୍ୱ ଓଜନ ଦିବସ
ତା୧୮. ଜାତୀୟ ହାସ୍ୟ ଦିବସ
ତା୨୧. ଅନ୍ତର୍ଜାତୀୟ ଶାନ୍ତି ଦିବସ, ଆଲଜାଇମର ଦିବସ
ତା୨୨. ରୋଜ୍ ଦିବସ, କ୍ୟାନସର ରୋଗୀ ଦିବସ
ତା୨୩. ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ
ତା୨୫. ଅନ୍ତର୍ଜାତୀୟ ଫାର୍ମାସିଷ୍ଟ ଦିବସ, ସାମାଜିକ ନ୍ୟାୟ ଦିବସ
ତା୨୬. ବିଶ୍ୱ ମୂକ ବଧିର ଦିବସ, ବିଶ୍ୱ ବନ୍ଧ୍ୟାକରଣ ଦିବସ
ତା୨୭. ବିଶ୍ୱ ପର୍ଯ୍ୟଟନ ଦିବସ
ତା୨୮. ବିଶ୍ୱ ଜଳାତଙ୍କ ଦିବସ
ତା୨୮. ଇରମ ଶହୀଦ ଦିବସ
ତା୨୯. ବିଶ୍ୱ ହୃଦୟ ଦିବସ
ତା୩୦. ବିଶ୍ୱ ସାହାଯ୍ୟ ଦିବସ, ଅନ୍ତର୍ଜାତୀୟ ଅନୁବାଦ ଦିବସ



ଅନୁଭୂତି ରୂପକ କଷଟି ପଥରରେ ଥରେ ଯଦି ପରୀକ୍ଷିତ ହୋଇଯାଇଛି ତାହା ହିଁ ପ୍ରକୃତ ଜ୍ଞାନ।

# ସହଯୋଗ ହସ୍ପିଟାଲ୍

ଟି.ଏଲ୍.ସି ଇଲେକ୍ଟ୍ରିକ୍ ଅଫିସ୍ ସାମ୍ନା (ଖଣିପାଖ), ଖୋର୍ଦ୍ଧା

(ସେବାରୁ ଆରମ୍ଭ SAHAJOG HOSPITAL ସେବାରେ ଶେଷ)

| | | | |
|---|---|---|---|
| ପ୍ରତିଦିନ ସନ୍ଧ୍ୟା ୬ ରୁ ୯ ସ୍ତ୍ରୀରୋଗ ଓ ସର୍ଜରୀ କ୍ଲିନିକ୍ | ଆଡ୍‌ଭାନ୍ସଡ୍ ଲାପ୍ରାସ୍କୋପିକ୍ ଅପରେସନ୍ ସେଣ୍ଟର | ପ୍ରତ୍ୟେକ ଶନିବାର ପ୍ଲାଷ୍ଟିକ୍ ସର୍ଜରୀ ପରାମର୍ଶ ଓ ଅପରେସନ୍ | ପ୍ରତ୍ୟେକ ରବିବାର ଇ.ଏନ୍.ଟି ପରାମର୍ଶ ଓ ଅପରେସନ୍ |

ପ୍ରତ୍ୟେକ ପ୍ରକାରର ସ୍ତ୍ରୀରୋଗ ଅପରେସନ୍, ସାଧାରଣ ସର୍ଜରୀ, ଇ.ଏନ୍.ଟି ସର୍ଜରୀ
ପରିଶ୍ରା ବିଭାଗ ସର୍ଜରୀ, ଗ୍ୟାଷ୍ଟ୍ରୋ ସର୍ଜରୀ, କ୍ୟାନ୍ସର ସର୍ଜରୀ, ଶିଶୁରୋଗ ସର୍ଜରୀ ଓ ପ୍ଲାଷ୍ଟିକ୍ ସର୍ଜରୀ

## ଏଠାରେ ''ରାଷ୍ଟ୍ରୀୟ ସ୍ୱାସ୍ଥ୍ୟବୀମା ଯୋଜନା'' ଓ ''ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା'' ରୋଗୀମାନଙ୍କର ଅପରେସନ୍ ଓ ଚିକିତ୍ସା ସମ୍ପୂର୍ଣ୍ଣ ମାଗଣାରେ କରାଯାଏ ।

**ରୋଗୀ ମାନଙ୍କ ପାଇଁ ସୁଷମ ଖାଦ୍ୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ମାଗଣାରେ**

**ଅପରେସନ୍ ରୋଗୀମାନଙ୍କର ଡିସ୍‌ଚାର୍ଜ୍ ପରେ ମାଗଣାରେ ଘରେ ନେଇ ଛାଡ଼ି ଆସିବାର ବ୍ୟବସ୍ଥା**

ଯୋଗାଯୋଗ:-୦୬୭୫୫-୨୨୧୩୨୧, ୯୪୩୭୪୨୧୭୮୮
୯୪୩୭୨୭୧୮୩୨, ୯୯୩୮୪୪୬୩୦୯, ୯୯୩୭୩୩୧୫୦୦

Volume - 13 ● Issue No. 2 ● Monthly ● August - 2023 ● Pages - 36 ● RNI Regn. No. ODI/ODI/2010/350521 ● Postal Regd. No. PURI-33/2022-24


AAA KHORDHA

# SENIOR SECONDARY SCHOOL

**Code No. - 16137**

**Affiliated to CBSE, New Delhi - 1530380**

## RAISING of NCC (NAVAL UNIT)




# ARYAVART ANCIENT ACADEMY

*An initiative of People's Forum Foundation*

Plot No. 684, Haldipada, Khordha, Pin - 752056
Email : aryavartaa.krd@gmail.com, Website : www.aryavartancientacademy.in

**Contact : 6372866816, 9178387717**
**Toll Free : 1800 120 22 3333**



Printed & Published by Dr. Prasanna Kumar Jena Owned by "AMARISATYA", M-1/5, Mukunda Prasad Housing Board Colony, Post - P. N. College, Dist - Khordha, Printed at Webline, D2/19, Mancheswar Industrial Estate, BBSR-10,
Published From - "AMARISATYA", Mukunda Prasad Housing Board Colony, Post - P. N. College, Dist - Khordha, Pin - 752057
Editor : Dr. Prasanna Kumar Jena
Founder : Dr. Pramod Chandra Dash